

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ
## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-80 ◆SUNDAY ◆13 SEPTEMBER 2026 ◆PAGE-12+4 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୮୦ ◆ରବିବାର ◆୧୩ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦





## ନେତନ୍ୟାହୁଙ୍କ ମେକଅପ୍‌ରେ ୪ କୋଟି ଖର୍ଚ୍ଚ

ତେଲ ଆଭିଭ୍, ୧୨।୯(ଏଜେନ୍ସି): ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଓ ତାଙ୍କ ପତ୍ନୀ ସାରାଙ୍କ ଚୁଟି ସଜ୍ଜା ଓ ମେକଅପ୍ ପାଇଁ ୨୦୧୯ରୁ ୨୦୨୬ ଅଗଷ୍ଟ ପର୍ଯ୍ୟନ୍ତ ପ୍ରାୟ ୪ କୋଟି ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି। ଇସ୍ରାଏଲ୍‌ର ସୂଚନା ଅଧିକାର ଆଇନ ଅନୁଯାୟୀ ପ୍ରକାଶିତ ଦଲିଲରୁ ଜଣାପଡ଼ିଛି, ଏହି ସମୟରେ ଚୁଟି ସଜ୍ଜା ଓ ମେକଅପ୍‌ରେ ପ୍ରାୟ ୪.୭ ଲକ୍ଷ ଡଲାର ଖର୍ଚ୍ଚ ହୋଇଛି।



ଏଥିରୁ ପ୍ରାୟ ୯୦ ପ୍ରତିଶତ ଖର୍ଚ୍ଚ ନେତନ୍ୟାହୁ ଓ ତାଙ୍କ ପତ୍ନୀଙ୍କ ସହ ଜଡ଼ିତ। ୨୦୨୫ରେ ସର୍ବାଧିକ ୯୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାଛଡ଼ା ଫେବ୍ରୁଆରୀ ୨୦୨୫ରେ ନେତନ୍ୟାହୁଙ୍କ ଆମେରିକା ଗସ୍ତ ସମୟରେ ଚୁଟି ସଜ୍ଜା ଓ ମେକଅପ୍ ପାଇଁ ପ୍ରାୟ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୨୩ରେ ଇସ୍ରାଏଲ୍-ହମାସ୍ ଯୁଦ୍ଧ ଆରମ୍ଭ ସମୟରେ ମଧ୍ୟ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଚୁଟି ସଜ୍ଜା ଓ ମେକଅପ୍ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ସେପଟେ, ନେତନ୍ୟାହୁଙ୍କ ଚୁଟି ସଜ୍ଜାକାରୀ ଓ ମେକଅପ୍ କଳାକାରଙ୍କ ନାମ ସୁରକ୍ଷା କାରଣ ଦର୍ଶାଇ ସରକାରୀ ଦଲିଲରୁ ହଟାଇ ଦିଆଯାଇଛି। ପୋଷାକ, ଅଳଙ୍କାର ଓ ଛବି ପରାମର୍ଶ ଭଳି କିଛି ଖର୍ଚ୍ଚର ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ପ୍ରକାଶ କରାଯାଇନାହିଁ।

## ବିହାର କଂଗ୍ରେସରେ ୨୯ ନେତାଙ୍କୁ କାରଣ ଦର୍ଶାଅ ନୋଟିସ

ପାଟନା, ୧୨।୯(ଏଜେନ୍ସି): ବିହାର କଂଗ୍ରେସରେ ଦଳୀୟ ଅସନ୍ତୋଷ ଆହୁରି ତୀବ୍ର ହୋଇଛି। ଦଳୀୟ ନେତୃତ୍ୱ ବିରୋଧରେ ଦିଲ୍ଲୀରେ ଆୟୋଜିତ ପ୍ରତିବାଦରେ ଯୋଗଦେଇଥିବା ଅଭିଯୋଗରେ ପ୍ରଦେଶ କଂଗ୍ରେସର ଶୃଙ୍ଖଳା କମିଟି ୨୯ ଜଣ ନେତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛି। ସେପ୍ଟେମ୍ବର ୮ରେ ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟ ନିକଟରେ ବିହାର କଂଗ୍ରେସ ନେତୃତ୍ୱ ବିରୋଧରେ ଏହି ପ୍ରତିବାଦ ହୋଇଥିଲା। ନୋଟିସରେ ନେତାମାନଙ୍କ କାର୍ଯ୍ୟକୁ 'ଦଳବିରୋଧୀ କାର୍ଯ୍ୟ' ଏବଂ ଗୁରୁତର ଶୃଙ୍ଖଳାଭଙ୍ଗ ବୋଲି ଦର୍ଶାଯାଇଛି। ନୋଟିସ ପାଇବାର ୭୨ ଘଣ୍ଟା ମଧ୍ୟରେ ଲିଖିତ ଜବାବ ଦେବାକୁ ନେତାମାନଙ୍କୁ କୁହାଯାଇଛି। ଜବାବ ସନ୍ତୋଷଜନକ ନ ହେଲେ ଦଳୀୟ ନିୟମ ଅନୁଯାୟୀ ଏକତରଫା ଶୃଙ୍ଖଳାମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟି ଚେତାବନୀ ଦେଇଛି। ନୋଟିସ ପାଇଥିବା ନେତାଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅନିଲ ସିଂହ ଓ ପୁନମ ଦେବୀଙ୍କ ସମେତ ବିଭିନ୍ନ ଜିଲ୍ଲାର ପୂର୍ବତନ କଂଗ୍ରେସ ସଭାପତି ରହିଛନ୍ତି। ବିହାର କଂଗ୍ରେସ ସଭାପତି ରାଜେଶ ରାମ ଓ ଦଳର ବିହାର ପ୍ରଭାରୀ କୃଷ୍ଣ ଆଲ୍ଲାଭାରୁଙ୍କୁ ହଟାଇବା ଦାବିରେ ଅସନ୍ତୁଷ୍ଟ ନେତାମାନେ ପ୍ରତିବାଦ କରିଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ମଧ୍ୟ ସମାନ ଅଭିଯୋଗ ଉଠାଇଥିବା ୯ ଜଣ ନେତାଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଥିଲା। ବିହାର ବିଧାନସଭା ନିର୍ବାଚନରେ ଦଳର ଦୁର୍ବଳ ପ୍ରଦର୍ଶନ ପରେ ଦଳ ଭିତରେ ନେତୃତ୍ୱ ଓ ସାଂଗଠନିକ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବଢ଼ିଥିବା ଦେଖାଯାଉଛି।

## ୟୁପି ସରକାରଙ୍କୁ ଆହ୍ଲାବାଦ ହାଇକୋର୍ଟଙ୍କ ଭର୍ତ୍ସନା

ପ୍ରୟାଗରାଜ, ୧୨।୯(ଏଜେନ୍ସି): ଉତ୍ତରପ୍ରଦେଶରେ କଠୋର ଗୁଣ୍ଡା ଆଇନର ବାରମ୍ବାର ଅପବ୍ୟବହାରକୁ ନେଇ ଆହ୍ଲାବାଦ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ରାଜ୍ୟ ସରକାର ଏହି ଶକ୍ତିଶାଳୀ ଆଇନକୁ ମନଇଚ୍ଛା ବ୍ୟବହାର କରୁଛନ୍ତି ଏବଂ ଏହାକୁ ନାଗରିକଙ୍କୁ ନିର୍ଯାତନା ଦେବାର ଆୟୁଧ ଭାବେ ବ୍ୟବହାର କରାଯାଉଥିବା କୋର୍ଟ କହିଛନ୍ତି। କେବଳ ସମାଜରେ ଲୋକ କଲ୍ୟାଣ ଓ ଶାନ୍ତି

**ଗୁଣ୍ଡା ଆଇନର ଅପବ୍ୟବହାର**

ବଜାୟ ରଖିବା ପାଇଁ ଏହି ଆଇନ୍ ଉପଯୁକ୍ତ। ଗୁଣ୍ଡା ଆଇନ୍ ଅତ୍ୟନ୍ତ ସତର୍କତାର ସହ ତଥା ନିର୍ଦ୍ଦିଷ୍ଟ କେତୋଟି ମାମଲାରେ ହିଁ ପ୍ରୟୋଗ କରାଯିବା ଉଚିତ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଗୋଣ୍ଡା ଜିଲ୍ଲା ମାଜିଷ୍ଟ୍ରେଟ ଜାହିଦ ଅଲ୍ଲୀ ନାମକ ଜଣେ ବ୍ୟକ୍ତିଙ୍କୁ ଗୁଣ୍ଡା ଘୋଷଣା କରିଥିଲେ। ଏହାପରେ ୬ ମାସ ପାଇଁ ତାଙ୍କୁ ଜିଲ୍ଲା ବାସନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶକୁ ଜଷ୍ଟିସ ସୁଭାଷ ବିଦ୍ୟାର୍ଥୀଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ବେଞ୍ଚ ଆଜି ରଦ୍ଦ କରିଛନ୍ତି। ଏହାସହ ଡିଭିଜନାଲ କମିଶନରଙ୍କ ଅପିଲ ନିଷ୍ପତ୍ତିକୁ ମଧ୍ୟ କୋର୍ଟ ଖାରଜ କରିଛନ୍ତି। କୋର୍ଟ ଦର୍ଶାଇଛନ୍ତି ଯେ, ଯେଉଁ ୨୦୧୦ର ଅପରାଧିକ ମାମଲାକୁ ଭିତ୍ତି କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ସେଥିରୁ ଜାହିଦ ୨୦୧୭ରେ ନିର୍ଦ୍ଦୋଷରେ ଖଲାସ ହୋଇସାରିଛନ୍ତି। ତେଣୁ ମାମଲାରେ ପୁନର୍ବାର ଗୁଣ୍ଡା ଆଇନ ଲଗାଯାଇ ପାରିବ ନାହିଁ। ଏହାବ୍ୟତୀତ ୨୦୨୦ର ଅନ୍ୟ ଏକ ମାମଲା ଓ ପୁଲିସ ବିଟ୍ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ କୋର୍ଟ ଏହି ଆଦେଶକୁ ଅସିଦ୍ଧ ଘୋଷଣା କରିଛନ୍ତି।

## ହୃଦ୍‌ଘାତରେ ଏୟାର ଇଣ୍ଡିଆ ଯୁବ ପାଇଲଟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଦିଲ୍ଲୀରେ ଲେ-ଓଭର ସମୟରେ ଏୟାର ଇଣ୍ଡିଆର ଜଣେ ମୁମ୍ବାଇଭିତ୍ତିକ ପାଇଲଟଙ୍କ ମୃତ୍ୟୁ ଘଟିଛି। ୪୦ ବର୍ଷ ବୟସ ବର୍ଗର ଏହି ପାଇଲଟ ବସନ୍ତ କୁଞ୍ଜସ୍ଥିତ ଦି ଗ୍ରାଣ୍ଡ ହୋଟେଲରେ ରହୁଥିବା ବେଳେ ଅଚେତ ଅବସ୍ଥାରେ ମିଳିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପୂର୍ବରୁ ଏୟାର ଇଣ୍ଡିଆ ଏକ୍ସପ୍ରେସରେ କାର୍ଯ୍ୟ କରୁଥିଲେ ଏବଂ ପ୍ରାୟ ଦୁଇ ମାସ ପୂର୍ବ ଏୟାର ଇଣ୍ଡିଆରେ ଯୋଗ ଦେଇଥିଲେ। ମୃତ ପାଇଲଟଙ୍କର ଶନିବାର ସକାଳେ ଏକ ବିମାନ ଚଳାଇବାର କାର୍ଯ୍ୟସୂଚୀ ଥିଲା। ଘଟଣାରେ ଏୟାର ଇଣ୍ଡିଆ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ସହ ଯୋଗାଯୋଗରେ ଥିବା ଏବଂ ଏହି ଦୁଃଖଦ ସମୟରେ ସମସ୍ତ ସହାୟତା ଯୋଗାଇ ଦିଆଯାଉଥିବା କହିଛି।

# ଗୃହୀତ ହେଲା ନୂଆଦିଲ୍ଲୀ ଘୋଷଣାପତ୍ର

## ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା, ଏକତରଫା ଶୁଳ୍କକୁ ବିରୋଧ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ବିଶ୍ୱ ଭୂ-ରାଜନୀତି ଓ ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ମଧ୍ୟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀରେ ଶନିବାର 'ନୂଆଦିଲ୍ଲୀ ଘୋଷଣାପତ୍ର' ଗୃହୀତ ହୋଇଛି। ଯୁଦ୍ଧ ଓ ଏକତରଫା ଶୁଳ୍କକୁ ବିରୋଧ, ବହୁପକ୍ଷୀୟ ଅନୁଷ୍ଠାନରେ ସଂସ୍କାର, ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ଏବଂ ବିକାଶଶୀଳ ଦେଶଗୁଡ଼ିକର ଅଧିକ ପ୍ରତିନିଧିତ୍ୱ-ଏସବୁ ବିଷୟକୁ ନୂଆଦିଲ୍ଲୀ ଘୋଷଣାପତ୍ରରେ ଗୁରୁତ୍ୱ ଦିଆଯାଇଛି। ଏହାସହିତ ୨୦୨୫ରେ ଜମ୍ମୁ-କଶ୍ମୀରରେ ପହଲଗାମରେ ହୋଇଥିବା ଆକ୍ରମଣର ତୀବ୍ର ନିନ୍ଦା କରାଯାଇଛି। ଏହି ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ। ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ପାଇଁ ଏଥିରେ ଆହ୍ୱାନ କରାଯାଇଛି। ସୀମାପାର ଆତଙ୍କବାଦ, ପାଣ୍ଠି ସହାୟତା ଏବଂ ଆତଙ୍କବାଦୀଙ୍କୁ ପ୍ରଶ୍ରୟକୁ ଏଥିରେ ଜୋରଦାର ବିରୋଧ କରାଯାଇଛି।



ବ୍ରିକ୍ସର ଅଧ୍ୟକ୍ଷତା କରୁଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହମତିକ୍ରମେ ପ୍ରସ୍ତୁତ ଏହି ଘୋଷଣାପତ୍ରକୁ ସମ୍ମିଳନୀରେ ଗୃହୀତ ହୋଇଥିବା ଘୋଷଣା କରିଥିଲେ। ଘୋଷଣାପତ୍ରରେ ବହୁପକ୍ଷୀୟ ଅନୁଷ୍ଠାନଗୁଡ଼ିକରେ ସଂସ୍କାର ଆଣିବା ସହ ଜାତିସଂଘ ସୁରକ୍ଷା ପରିଷଦରେ 'ଗଠନମୂଳକ ପରିବର୍ତ୍ତନ' ଆବଶ୍ୟକତା ଉପରେ ଜୋର ଦିଆଯାଇଛି। ଏଥିସହ ଆତଙ୍କବାଦକୁ ଦୃଢ଼ ଭାବରେ ନିନ୍ଦା କରାଯାଇଥିବା ବେଳେ ଏକତରଫା ସାମରିକ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ବିରୋଧ କରାଯାଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ସମୁଦ୍ର ଯାତ୍ରୀଙ୍କ ସୁରକ୍ଷା ଓ ବାଣିଜ୍ୟିକ ଜାହାଜ ଚଳାଚଳର ସ୍ୱାଧୀନତା ନିଶ୍ଚିତ କରିବା ଉପରେ ମଧ୍ୟ ଘୋଷଣାପତ୍ରରେ ଗୁରୁତ୍ୱ ଦିଆଯାଇଛି। ଘୋଷଣାପତ୍ରରେ ଜାତିସଂଘ ସୁରକ୍ଷା ପରିଷଦରେ ଆଫ୍ରିକା, ଏସିଆ, ଲାଟିନ୍ ଆମେରିକା ଏବଂ କାରିବିୟାନ୍ ଅଞ୍ଚଳର ବିକାଶଶୀଳ ଦେଶଗୁଡ଼ିକର ଅଧିକ ପ୍ରତିନିଧିତ୍ୱ ପାଇଁ ଦାବି କରାଯାଇଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟକୁ ଅଧିକରୁ ଅଧିକ ସ୍ଥାନୀୟ ମୁଦ୍ରାରେ କରିବା ଦିଗରେ ଆଗକୁ ବଢ଼ିବା ପାଇଁ ଘୋଷଣାପତ୍ରରେ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ, ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ପରସ୍ପର ବାଣିଜ୍ୟରେ ଆମେରିକୀୟ ଡଲାର୍ ଉପରେ ନିର୍ଭରଶୀଳତା କମାଇ ନିଜ ନିଜ ମୁଦ୍ରାର ବ୍ୟବହାର ବଢ଼ାଇବାକୁ ଚାହୁଁଛନ୍ତି।

ବ୍ରିକ୍ସ ବିଶ୍ୱ ବାଣିଜ୍ୟ ସଂଗଠନ ବା ଡବ୍ଲ୍ୟୁଟିଓର ସଂସ୍କାର ପାଇଁ ଆହ୍ୱାନକୁ ଦୋହରାଇଛି। ଏକ ଖୋଲା, ସ୍ୱଚ୍ଛ, ସମାନ ଓ ନିୟମାଧାରିତ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ପାଇଁ ବ୍ରିକ୍ସ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି। ଘୋଷଣାପତ୍ରରେ କୁହାଯାଇଛି ଯେ ବହୁପକ୍ଷୀୟ ବାଣିଜ୍ୟ ବ୍ୟବସ୍ଥା ଦୀର୍ଘଦିନ ଧରି ଏକ ସଙ୍କଟପୂର୍ଣ୍ଣ ସ୍ଥିତିରେ ରହିଛି। ବିଶ୍ୱର ବିଭିନ୍ନ ଦେଶ ନିଜସ୍ୱ ଭାବେ ଅଧିକ ଶୁଳ୍କ ଓ ଅଣ-ଶୁଳ୍କ ପ୍ରତିବନ୍ଧକ ଲଗାଇବା ଦ୍ୱାରା ବିଶ୍ୱ ବାଣିଜ୍ୟ ହ୍ରାସ, ଯୋଗାଣ ଶୃଙ୍ଖଳାରେ ବାଧା ଓ ଆର୍ଥିକ ଅନିଶ୍ଚିତତା ବଢ଼ିପାରେ। ପରିବେଶ ସୁରକ୍ଷା ଆଳରେ ସୁବିଧାବାଦୀ ନୀତି ଗ୍ରହଣ କରିବା ମଧ୍ୟ ବିଶ୍ୱ ବାଣିଜ୍ୟ ପାଇଁ ଚ୍ୟାଲେଞ୍ଜ ବୋଲି ବ୍ରିକ୍ସ ଉଲ୍ଲେଖ କରିଛି। ଏକତରଫା ଶୁଳ୍କ ଓ ଅଣ-ଶୁଳ୍କ ପ୍ରତିବନ୍ଧକ ବିଶ୍ୱ ବାଣିଜ୍ୟକୁ ଅସ୍ଥିର କରୁଛି। ଏହା ଡବ୍ଲ୍ୟୁଟିଓର ନିୟମ ପାଳନ କରୁନାହିଁ ବୋଲି ବ୍ରିକ୍ସ ଚିନ୍ତା ପ୍ରକାଶ କରିଛି। ଏଥିସହ ବାଣିଜ୍ୟରେ ହଠାତ୍ ଦେଖାଦେଉଥିବା ବାଧାର ମୁକାବିଲା କରିବା ସହ ଉଦୀୟମାନ ବଜାର ଓ ବିକାଶଶୀଳ ଅର୍ଥନୀତିଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଡବ୍ଲ୍ୟୁଟିଓକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସାମୂହିକ ଭାବେ କାମ କରିବାର ସଂକଳ୍ପ ନିଆଯାଇଛି। ଏଥିସହ ଏକତରଫା ସାମରିକ କାର୍ଯ୍ୟାନୁଷ୍ଠାନ ଓ ଯୁଦ୍ଧର ପ୍ରଭାବକୁ ନେଇ ଚିନ୍ତା ବ୍ୟକ୍ତ କରାଯାଇଛି। ବିଶେଷକରି ମଧ୍ୟପ୍ରାଚ୍ୟର ସାମରିକ ସଂଘର୍ଷ ମଧ୍ୟରେ ସମୁଦ୍ରପଥରେ ନିରାପଦ ଜାହାଜ ଚଳାଚଳ ଓ ସମୁଦ୍ରଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବାର ଆବଶ୍ୟକତା ଉପରେ ଜୋର ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭବିଷ୍ୟତର ପ୍ରଯୁକ୍ତି ବିକାଶ ଓ ଏହାକୁ ନିୟନ୍ତ୍ରଣ କରୁଥିବା ନିୟମ ନିର୍ଦ୍ଧାରଣରେ ଗ୍ଲୋବାଲ୍ ସାଉଥ୍‌କୁ ସମାନ ଭାଗିଦାରୀ ମିଳିବା ଆବଶ୍ୟକ। ତାଙ୍କ ମତରେ, ନୂଆଦିଲ୍ଲୀ ଘୋଷଣାପତ୍ର ବ୍ରିକ୍ସ ଦେଶଗୁଡ଼ିକର ସାମୂହିକ ସଂକଳ୍ପକୁ ଏକ ସ୍ପଷ୍ଟ ଦିଗ ଦେଇଛି।

## ଟିଏମ୍‌ସି ବିବାଦ: ବିଦ୍ରୋହୀ ଗୋଷ୍ଠୀକୁ ଅଧିକ ଦସ୍ତାବିଜ ମାଗିଲେ କମିସନ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ବିଭାଜନ ପରେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି)ର ସାଂଗଠନିକ ନିୟନ୍ତ୍ରଣ, ଦଳୀୟ ନାମ ଏବଂ ଚିହ୍ନକୁ ନେଇ ବିବାଦ ଲାଗି ରହିଛି। ଟିଏମସି ଏବେ ମମତାଙ୍କ ନିୟନ୍ତ୍ରଣରେ ରହିଥିବା ବେଳେ ବିଦ୍ରୋହୀ ନେତା ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀ ନିଜକୁ ପ୍ରକୃତ ଟିଏମସି ଦାବି କରିବା ସହିତ ସଂଗଠନ ଚିହ୍ନ ଉପରେ ଆଖି ପକାଇଛନ୍ତି। ଆଜି ନିର୍ବାଚନ କମିସନ ଏସଂପର୍କରେ ଦୁଇ ଗୋଷ୍ଠୀଙ୍କୁ ପୃଥକ ପୃଥକ ଭାବେ ଭେଟିଛନ୍ତି। ସେମାନଙ୍କର ଦାବି ଓ ଯୁକ୍ତିତର୍କ ଶୁଣିଛନ୍ତି।



**ବିନା ଦଳୀୟ ସଙ୍କେତରେ ଉପନିର୍ବାଚନ ଲଢ଼ିପାରନ୍ତି ଦୁଇ ଗୋଷ୍ଠୀ**

ଟିଏମସି ସଂଗଠନ, ଚିହ୍ନ, ଅଫିସ, ପାଣ୍ଠି ଉପରେ ଦାବି କରୁଥିବା ରତବ୍ରତ ଗୋଷ୍ଠୀ ଠାରୁ ଅଧିକ ଦସ୍ତାବିଜ ଲୋଡ଼ିଛନ୍ତି କମିସନ। ୧୬ ତାରିଖ ପୂର୍ବରୁ ପୂର୍ବରୁ ଦଳୀୟ ଚିହ୍ନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ରତବ୍ରତ ଗୋଷ୍ଠୀ କମିଶନଙ୍କୁ ନିବେଦନ କରିଛନ୍ତି। ଦଳୀୟ ଚିହ୍ନ ସେମାନଙ୍କ ସପକ୍ଷରେ ଯିବ ବୋଲି ରତବ୍ରତ ଗୋଷ୍ଠୀ ଆଶା ପ୍ରକଟ କରିଛନ୍ତି।

ଆଜି କମିସନ କୌଣସି ନିଷ୍ପତ୍ତି ନେଇନଥିବାରୁ ଆସନ୍ତା ମାସ ୬ ତାରିଖରେ ନନ୍ଦିଗ୍ରାମ ଏବଂ ରେଜିନଗର ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନରେ କୌଣସି ଗୋଷ୍ଠୀକୁ ଟିଏମ୍‌ସି ସଙ୍କେତ ମିଳିନପାରେ। ସେମାନେ ବିନା ଟିଏମସି ସଙ୍କେତରେ ନିର୍ବାଚନ ଲଢ଼ିପାରନ୍ତି। ଆସନ୍ତା ୧୬ ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ ହୋଇଥିବାରୁ କମିସନ କୌଣସି ମଧ୍ୟବର୍ତ୍ତିକାଳୀନ ଆଦେଶ ଦେଇପାରନ୍ତି ବୋଲି କୁହାଯାଉଛି। ମମତାଙ୍କ ଗୋଷ୍ଠୀ ପକ୍ଷରୁ ଡେରେକ ଓ'ବ୍ରାଏନ, କଲ୍ୟାଣ ବାନାର୍ଜୀ, ସାଗରିକା ଘୋଷ, ସାକେତ ଗୋଖଲେ ଏବଂ ଆଇନଜୀବୀ ଅଭିନବ ସିଂହଙ୍କୁ ନେଇ ଗଠିତ ୫ ଜଣିଆ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ସମ୍ମୁଖରେ ନିଜର ସାକ୍ଷ୍ୟ ଓ ନଥିପତ୍ର ଉପସ୍ଥାପନ କରିଛନ୍ତି।

## ବ୍ରିକ୍ସରେ ମୋଦୀ-ଜିନପିଙ୍ଗ ଆଲୋଚନା

### ସୀମାରେ ଶାନ୍ତି ପ୍ରତିଷ୍ଠା, ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ବ୍ରିକ୍ସ ସମ୍ମିଳନୀ ଅବସରରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୫୦ ମିନିଟରୁ ଅଧିକ ସମୟ ଧରି ଏହି ବୈଠକ ଚାଲିଥିଲା। ଉଭୟ ନେତା ଭାରତ-ଚୀନ୍ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ଏବଂ ସୀମା ସମସ୍ୟାର ସମାଧାନ ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ଗତ ୭ ବର୍ଷ ମଧ୍ୟରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କର ଏହା ପ୍ରଥମ ଭାରତ ଗସ୍ତ ହୋଇଥିବାରୁ ବୈଠକକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି।

ବୈଠକ ଆରମ୍ଭରେ ପ୍ରଧାନମନ୍ତ୍ରୀ ମୋଦୀ ଚୀନ୍ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ଭାରତର ବ୍ରିକ୍ସ ଆୟୋଜିତ ହେଉଥିବା ବେଳେ ଚୀନ୍‌ର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିପାକ୍ଷିକ ସମ୍ପର୍କର ବିକାଶ ପାଇଁ ସୀମାଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଉଭୟ ଦେଶ ମଧ୍ୟରେ ରହିଥିବା ମତଭେଦ ବିବାଦରେ ପରିଣତ ନ ହେବା ପାଇଁ ପାରସ୍ପରିକ ସମ୍ମାନ, ପାରସ୍ପରିକ ସମ୍ବେଦନଶୀଳତା ଏବଂ ପାରସ୍ପରିକ ସ୍ୱାର୍ଥ ଭଳି ତିନୋଟି ନୀତି ପାଳନୀୟ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ଅନ୍ୟପଟେ ସି ଜିନପିଙ୍ଗ ପ୍ରକାଶ କରିଥିଲେ ଯେ ଚୀନ୍ ସଦାସର୍ବଦା ଭାରତ-ଚୀନ୍ ସମ୍ପର୍କକୁ କୂଟନୈତିକ ଏବଂ ଦୀର୍ଘକାଳୀନ ଦୃଷ୍ଟିରୁ ଗୁରୁତ୍ୱ ଦେଇଆସିଛି। ଭାରତ-



ଚୀନ୍ ହେଉଛନ୍ତି ବିଶ୍ୱର ସବୁଠାରୁ ଜନବହୁଳ ଦୁଇ ରାଷ୍ଟ୍ର ତଥା ଗ୍ଲୋବାଲ ସାଉଥ୍‌ର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ। ଏଣୁ ଦୁଇ ଦେଶ ପରସ୍ପରର ଶକ୍ତିରୁ ଶିକ୍ଷା ଲାଭ କରି, ମିଳିମିଶି ବିକାଶ ପଥରେ ଆଗେଇବା ଉଚିତ୍ ବୋଲି ସେ କହିଥିଲେ। ବୈଠକରେ ବାଣିଜ୍ୟିକ ଅସନ୍ତୁଳନ ଏବଂ ଯୋଗାଣ ଶୃଙ୍ଖଳା ସମ୍ବନ୍ଧୀୟ ଚିନ୍ତା ଦୂର କରିବା ସହ ସାଂସ୍କୃତିକ ଆଦାନପ୍ରଦାନ, ବ୍ୟବସାୟିକ ସଂଯୋଗ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା।



## ଜେଲ୍‌ରେ ରେଭନ୍ନାଙ୍କ ମୋବାଇଲରେ ଅଶ୍ଳୀଳ ଭିଡିଓ

ବେଙ୍ଗାଲୁର, ୧୨।୯ (ଏଜେନ୍ସି): ଦୁଷ୍କର୍ମ ମାମଲାରେ ଦଣ୍ଡିତ ହୋଇ ଜେଲ୍‌ରେ ଥିବା ପୂର୍ବତନ ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କଠାରୁ ଜବତ ମୋବାଇଲ୍ ଫୋନ୍ ଓ ଅନ୍ୟ ଉପକରଣରେ ଏକାଧିକ ଅଶ୍ଳୀଳ ଭିଡିଓ ମିଳିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ପୁଲିସ ଅନୁସାରେ, ଜେଲ୍ ଭିତରକୁ ଚୋରାରେ ମୋବାଇଲ୍, ସିମ୍ କାର୍ଡ, ଚାର୍ଜର ଓ ପେନ୍‌ଡ୍ରାଇଭ୍ ପହଞ୍ଚାଇବା ପାଇଁ ରେଭନ୍ନା ପ୍ରାୟ ୧ ଲକ୍ଷ ଟଙ୍କା ଦେଇଥିଲେ। ଏହି ଘଟଣାରେ ଜେଲ୍ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତକାରୀଙ୍କ ଅନୁସାରେ, ଜେଲ୍ ୱାର୍ଡେନ୍ ପ୍ରକାଶ ଗାୱାଡେ ରେଭନ୍ନାଙ୍କୁ ମୋବାଇଲ୍ ଦେଇଥିଲେ। ଜଣେ ବିଚାରାଧୀନ କଏଦୀ ସିମ୍ କାର୍ଡକୁ ଲୁଚାଇ ତାଙ୍କ ପାଖରେ ପହଞ୍ଚାଇଥିବା ଅଭିଯୋଗ ହୋଇଛି। ପରେ ଚାର୍ଜର ଓ ପେନ୍‌ଡ୍ରାଇଭ୍ ମଧ୍ୟ ଦିଆଯାଇଥିଲା। ଅଗଷ୍ଟରେ କେନ୍ଦ୍ରୀୟ ଅପରାଧ ଶାଖା ରେଭନ୍ନାଙ୍କ ବ୍ୟାରାକ୍‌ରେ ଚଢ଼ାଉ କରି ମୋବାଇଲ୍, ସିମ୍, ଚାର୍ଜର ଓ ପେନ୍‌ଡ୍ରାଇଭ୍ ଜବତ କରିଥିଲା। ଘଟଣାରେ ରେଭନ୍ନା ଓ ତାଙ୍କ ସହବନ୍ଦୀ ପ୍ରତାପ ରାଇଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତେବେ ରେଭନ୍ନାଙ୍କୁ ଜେଲ୍‌ରେ ମୋବାଇଲ୍ ପହଞ୍ଚାଇବା ଘଟଣାରେ ତଦନ୍ତ ଜାରି ରହିଛି।



## ୫ଜି ନେଟୱର୍କ ପାଇଁ ଟେକ୍ନିସିଆନଙ୍କୁ ମୋବାଇଲ୍ ଟାୱାରରେ ବାନ୍ଧିଲେ

ଫତେହପୁର, ୧୨।୯(ଏଜେନ୍ସି): ଦୀର୍ଘଦିନ ଧରି ୫ଜି ନେଟୱର୍କ ଠିକ୍ ଭାବେ କାମ କରୁ ନ ଥିବାରୁ ଉତ୍ତରପ୍ରଦେଶର ଫତେହପୁର ଜିଲ୍ଲାରେ ଉତ୍ତେଜନା ସୃଷ୍ଟି ହୋଇଛି। ନେଟୱର୍କ ସମସ୍ୟାର ସମାଧାନ ଦାବି କରି କିଛି ଗ୍ରାମବାସୀ ଜଣେ ଟେଲିକମ୍ ଟେକ୍ନିସିଆନଙ୍କୁ ମୋବାଇଲ୍ ଟାୱାରରେ ବାନ୍ଧି ଦେଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ପୁଲିସ ଅନୁଯାୟୀ, ବିନ୍ଦକୀ ଅଞ୍ଚଳର ହରୌଲି ଗାଁକୁ ମୋବାଇଲ୍ ନେଟୱର୍କ ସମସ୍ୟା ସମାଧାନ ପାଇଁ ଯାଇଥିବା ଟେକ୍ନିସିଆନ୍ ଆଦିତ୍ୟ ଭାନ ସିଂହଙ୍କୁ କିଛି ଗ୍ରାମବାସୀ ଅଟକାଇ ଟାୱାରରେ ବାନ୍ଧି ଦେଇଥିଲେ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଫତେହପୁର ଏସ୍‌ପି ଅଭିମନ୍ୟୁ ମାଙ୍ଗଲିକ୍ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ଦୁଇ ବର୍ଷ ଧରି ଅଞ୍ଚଳରେ ୫ଜି ସେବା ଠିକ୍ ଭାବେ ମିଳୁନଥିଲା। ବିଦ୍ୟୁତ୍ ଥିଲେ ମଧ୍ୟ ନେଟୱର୍କ ବାରମ୍ବାର ବନ୍ଦ ହୋଇଯାଉଥିବାରୁ ଫୋନ୍ କଲ୍ ଓ ଇଣ୍ଟରନେଟ୍ ସେବା ପ୍ରଭାବିତ ହେଉଥିଲା। ଦୀର୍ଘଦିନ ଧରି ୫ଜି ସେବା ପାଇଁ ଟଙ୍କା ଦେଉଥିଲେ ମଧ୍ୟ ସୁଧାର ହୋଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥିଲା। ଏହି ଘଟଣାକୁ ନେଇ ଟେକ୍ନିସିଆନଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ରାହୁଲ ପଟେଲ, ସୂରଜ ଯାଦବ, ଆଲୋକ ପଟେଲ, ଯୋଗେନ୍ଦ୍ର ପଟେଲ, ଆଲୋକ ଯାଦବ ଓ ସଚିନ ପଟେଲଙ୍କୁ ଗିରଫ କରିଛି।

# ହୁତି ଆକ୍ରମଣ ପରେ ମାଡ଼ି ଆସୁଛି ତୈଳ ସଙ୍କଟ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଭାରତଠାରୁ ପ୍ରାୟ ୩, ୦୦୦ କିଲୋମିଟର ଦୂରରେ ଥିବା ଏକ ସଂକୀର୍ଣ୍ଣ ସମୁଦ୍ରପଥ ଏବେ ଭାରତର ଅର୍ଥନୀତି ଓ ଶକ୍ତି ସୁରକ୍ଷା ପାଇଁ ବଡ଼ ଚିନ୍ତାର କାରଣ ହୋଇଛି। ୟେମେନ୍‌ର ଇରାନ୍ ସମର୍ଥିତ ହୁତି ବିଦ୍ରୋହୀମାନେ ଲୋହିତ ସାଗର ଉପକୂଳରେ ଦ୍ରୁତ ଅଗ୍ରଗତି କରି ବାବ୍-ଏଲ୍-ମାନ୍ଦେବ୍ ସମୁଦ୍ର ପଥ ଉପରେ ନିୟନ୍ତ୍ରଣ ସ୍ଥାପନର ନିକଟତର ହୋଇଥିବା ଦାବି କରାଯାଉଛି। ଏହି ଜଳପଥ ବନ୍ଦ କିମ୍ବା ଅସୁରକ୍ଷିତ ହେଲେ ତୈଳ ଯୋଗାଣ, ସମୁଦ୍ର ପରିବହନ ଓ ୟୁରୋପକୁ ଭାରତୀୟ ରପ୍ତାନି ଉପରେ ଭୀଷଣ ପ୍ରଭାବ ପଡ଼ିପାରେ। ବାବ୍-ଏଲ୍-ମାନ୍ଦେବ୍ ଭାରତଠାରୁ ହଜାର ହଜାର କିଲୋମିଟର ଦୂରରେ ଥିଲେ ମଧ୍ୟ ଏହାର ଗୁରୁତ୍ୱ ଭାରତୀୟ ଅର୍ଥନୀତି ପାଇଁ ପ୍ରତ୍ୟକ୍ଷ। ଏହି ସମୁଦ୍ରପଥରେ ଦୀର୍ଘସ୍ଥାୟୀ ଅସ୍ଥିରତା ହେଲେ ତୈଳ ଦର ବଢ଼ିବା, ସମୁଦ୍ର ପରିବହନ ମହଙ୍ଗା ହେବା, ଆମଦାନି ଖର୍ଚ୍ଚ ବୃଦ୍ଧି ଓ ୟୁରୋପୀୟ ବଜାରରେ ଭାରତୀୟ ରପ୍ତାନିର ପ୍ରତିସ୍ପର୍ଦ୍ଧିତା ହ୍ରାସ-ଏସବୁ ସମସ୍ୟା ଏକାସାଙ୍ଗରେ ଦେଖାଦେଇପାରେ। ତେଣୁ ବାବ୍-ଏଲ୍-ମାନ୍ଦେବ୍ କେବଳ ମଧ୍ୟପ୍ରାଚ୍ୟର ଏକ ଦୂରସ୍ଥ ସମୁଦ୍ରପଥ ନୁହେଁ, ଏହା ଭାରତର ଶକ୍ତି ସୁରକ୍ଷା, ବାଣିଜ୍ୟ ଓ ଅର୍ଥନୀତି ସହ ଜଡ଼ିତ ଏକ ରଣନୈତିକ ଜଳପଥ। ହର୍ମୁଜ ଏବେ ବନ୍ଦ ପଡ଼ିଥିବା ବେଳେ ବାବ୍-ଏଲ୍-ମାନ୍ଦେବ୍ ବନ୍ଦ ହେଲେ ପରିସ୍ଥିତି ଭୟଙ୍କର ହୋଇପଡ଼ିବ। ବାବ୍-ଏଲ୍-ମାନ୍ଦେବ୍ ହେଉଛି ୟେମେନ୍ ଓ ଜିବୁତି ମଧ୍ୟରେ ଥିବା ପ୍ରାୟ ୨୯ କିଲୋମିଟର ଚଉଡ଼ା ସଂକୀର୍ଣ୍ଣ ସମୁଦ୍ରପଥ। ଏହା ଲୋହିତ ସାଗରକୁ ଏଡେନ୍ ଉପସାଗର ସହିତ ଯୋଡ଼ିଥାଏ। ଏହା ମାଧ୍ୟମରେ ସୁଏଜ୍ କେନାଲ୍ ଦେଇ ଭୂମଧ୍ୟ ସାଗର ଓ ୟୁରୋପର ବନ୍ଦରଗୁଡ଼ିକ ସହ ଭାରତ ଓ ଏସିଆର ସମୁଦ୍ର ବାଣିଜ୍ୟ ସଂଯୁକ୍ତ ହୋଇଛି। 'ଗେଟ୍ ଅଫ୍ ଟିୟର୍ସ' ବା 'ଲୁହର ଦ୍ୱାର' ଭାବେ ପରିଚିତ ଏହି ସମୁଦ୍ରପଥ ଦୀର୍ଘଦିନ ଧରି ବିଶ୍ୱ ତୈଳ ଓ ବାଣିଜ୍ୟ ପରିବହନର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। ସାଉଦି ଆରବର ପଶ୍ଚିମ ଉପକୂଳର ଜେଦ୍ଦା ଓ ୟାନ୍ବୁ ଭଳି ବନ୍ଦରରୁ ତୈଳ ଟ୍ୟାଙ୍କର୍‌ଗୁଡ଼ିକ ଏହି ପଥ ଦେଇ ଏସିଆର ବଜାରକୁ ଯାଇଥାନ୍ତି। ଏହାର ଅନ୍ୟପଟେ ଭାରତ ସମେତ ଏସିଆର ଦେଶଗୁଡ଼ିକରୁ ୟୁରୋପ ଓ ଉତ୍ତର ଆଫ୍ରିକାକୁ ଯାଉଥିବା ଅନେକ ସାମଗ୍ରୀ ମଧ୍ୟ ଏହି ମାର୍ଗ ଦେଇ ପରିବହନ ହୋଇଥାଏ। ଭାରତ ପାଇଁ ଏହି ମାର୍ଗର ଗୁରୁତ୍ୱ ଆହୁରି ବଢ଼ିଛି, କାରଣ ଦେଶର ତୈଳ ବିଶୋଧନ ଶିଳ୍ପ ୟୁରୋପକୁ ବିପୁଳ ପରିମାଣର ଡିଜେଲ୍, ବିମାନ ଇନ୍ଧନ ଓ ଅନ୍ୟାନ୍ୟ ପେଟ୍ରୋଲିୟମ୍ ଉତ୍ପାଦ ରପ୍ତାନି କରିଥାଏ। ଏଥିସହ ଔଷଧ, ବସ୍ତ୍ର, ଯନ୍ତ୍ରପାତି ଓ ଇଞ୍ଜିନିୟରିଂ ସାମଗ୍ରୀ ବୋଝେଇ କଣ୍ଟେନର୍ ମଧ୍ୟ ଏହି ମାର୍ଗରେ ଯାତାୟାତ କରେ। ରିୟାଦ: ବାବ୍-ଏଲ୍-ମାନ୍ଦେବ ସମୁଦ୍ରପଥରେ ହୁତି ବିଦ୍ରୋହୀଙ୍କ ପତିଆରା ବଢ଼ିବା ସହ ସାଉଦି ଆରବ ଉପରେ ସଙ୍କଟ ଆହୁରି ଗଭୀର ହୋଇଛି। ହୁତିମାନେ ରଣନୀତିକ ପେରିମ୍ ଦ୍ୱୀପ ଦଖଲ କରିଥିବା ବେଳେ ସାଉଦି ଆରବର ୧, ୨୦୦ କିଲୋମିଟର ଲମ୍ବା ଇଷ୍ଟ-ୱେଷ୍ଟ ତୈଳ ପାଇପ୍‌ଲାଇନ୍‌ରେ ଡ୍ରୋନ୍ ଆକ୍ରମଣ ହୋଇଛି।

**ହର୍ମୁଜ ପରେ ବନ୍ଦ ହୋଇଯିବ ବାବ୍-ଏଲ୍-ମାନ୍ଦେବ**



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-80 •SUNDAY •13 SEPTEMBER 2026 •PAGE-12+4 •₹ 7.00

•ବର୍ଷ-୪୪ •ସଂଖ୍ୟା-୮୦ •ରବିବାର •୧୩ ସେପ୍ଟେମ୍ବର ୨୦୨୬ •ପୃଷ୍ଠା-୧୨+୪ (ସିନ୍ଦୂରା) •ଟ.୭.୦୦



ଟେଲର୍-କାଟେରିନା ଯୋଡ଼ି ଚାମ୍ପିଅନ୍

▶ପୃଷ୍ଠା ୧୨ ଦେଖନ୍ତୁ...

ଭିତର ପୃଷ୍ଠାରେ
ହାଇଦରାବାଦ୍‌ରେ ମୟୂରଭଞ୍ଜର ଯୁବ ଶ୍ରମିକଙ୍କୁ ନିର୍ମମ ହତ୍ୟା
ଭାଇକୁ ବଞ୍ଚାଇବାକୁ ଯାଇ ନଦୀରେ ଭାସିଗଲେ ଦିବ୍ୟାଙ୍ଗ ଭଉଣୀ
ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାରେ ସିବିଆଇ ତଦନ୍ତ ଦାବିକଲା ବିଜେଡି

### ମାଡ଼ି ଆସୁଛି ବଡ଼ ବିଦ୍ୟୁତ୍ ସଙ୍କଟ

# ୫୯ଟି ପ୍ଲାଣ୍ଟରେ ୩ ଦିନର କୋଇଲା

■ ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଦେଶର ଶକ୍ତି କ୍ଷେତ୍ର ଆଉ ଏକ ବଡ଼ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି। ସରକାରୀ ତଥ୍ୟ ଅନୁଯାୟୀ, ପ୍ରାୟ ଏକ ତୃତୀୟାଂଶ କୋଇଲା ଚାଳିତ ବିଦ୍ୟୁତ୍ ପ୍ଲାଣ୍ଟ ବା ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଇନ୍ଧନ ଭଣ୍ଡାର ବର୍ତ୍ତମାନ



**ଏକ ତୃତୀୟାଂଶ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଇନ୍ଧନ ଅଭାବ**

**ଅନେକ ପ୍ଲାଣ୍ଟ ବନ୍ଦ ହେବା ସ୍ଥିତିରେ**

ବିପଦଜନକ ସ୍ତରକୁ ହ୍ରାସ ପାଇଛି। ଏହି ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକରେ କୋଇଲା ଅଭାବ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ଦେଶର ୫୯ଟି କୋଇଲା ଚାଳିତ ବିଦ୍ୟୁତ୍ କେନ୍ଦ୍ରରେ ମାତ୍ର ତିନି ଦିନ ପାଇଁ କୋଇଲା ମହଜୁଦ ଅଛି। କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣର ସଦ୍ୟତମ ତଥ୍ୟ ଅନୁଯାୟୀ, ମୋଟ ଆବଶ୍ୟକତାର ୨୫%ରୁ କମ୍ କୋଇଲା ରିଜର୍ଭ ଥିବା କିମ୍ବା କେବଳ ତିନି ଦିନ ପାଇଁ କୋଇଲା ମହଜୁଦ ଥିବା ବିଦ୍ୟୁତ୍ ପ୍ଲାଣ୍ଟ ସଂଖ୍ୟା ସେପ୍ଟେମ୍ବର ୯ ସୁଦ୍ଧା ୫୯ରେ ପହଞ୍ଚିଛି। ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାରର ବିଶେଷଜ୍ଞ କହିଛନ୍ତି ଯେ କୋଇଲା ମହଜୁଦ କ୍ଷମତାରେ ହ୍ରାସ ଶକ୍ତି ସୁରକ୍ଷା ପାଇଁ ଏକ ବଡ଼ ଚେତାବନୀ।

ଚଳିତବର୍ଷ ମୌସୁମୀ ଋତୁରେ କ୍ରମାଗତ ଭାବେ ବର୍ଷା ଯୋଗୁଁ ଖଣିରୁ କମ୍ କୋଇଲା ଉତ୍ତୋଳନ ହୋଇଛି। ଏଥିଯୋଗୁ ଯୋଗାଣ କମ୍ ହେଉଥିବାରୁ ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକରେ କୋଇଲା ଷ୍ଟକ୍ କମ୍ ହେବାରେ ଲାଗିଛି। ଫଳରେ ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଅପରପକ୍ଷେ ପାର୍ବଣର ଆରମ୍ଭରେ ଧୀରେ ଧୀରେ ବିଦ୍ୟୁତ ଚାହିଦା ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ପାର୍ବଣ ଋତୁରେ ସାରା ଦେଶରେ ବିଦ୍ୟୁତ୍ ଯୋଗାଣ ଏବେ ବିଦ୍ୟୁତ୍ କମ୍ପାନୀଙ୍କ ଆଗରେ ବଡ଼ ଆହ୍ୱାନ ପାଲଟିଛି।

ସୂଚନାଯୋଗ୍ୟ ଯେ, ମେ' ମାସରେ ଦେଶର ସର୍ବାଧିକ ବିଦ୍ୟୁତ ଚାହିଦା ୨୭୦.୭୦ ଗିଗାୱାଟ୍ (ଜିଡବ୍ଲ୍ୟୁ)ର ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ତେବେ ଗତ କିଛି ଦିନ ଧରି ଏହା ପ୍ରାୟ ୨୬୭ ଜିଡବ୍ଲ୍ୟୁ ରହିଛି। ଚଳିତବର୍ଷ ଦେଶରେ ଦୀର୍ଘ ସମ ଧରି ଗ୍ରୀଷ୍ମ ପ୍ରବାହ ଏବଂ ଏଲ୍ ନିନୋର ପ୍ରଭାବ ବିଦ୍ୟୁତ ଚାହିଦା ଢ଼େର ବଢ଼ାଇଦେଇଛି। ଯଦିବା ସୌର ଶକ୍ତି ଏଥିରେ କିଛିଟା ଆଶ୍ୱସ୍ତି ପ୍ରଦାନ କରୁଛି, କିନ୍ତୁ ବ୍ୟାଟେରୀ ସଂରକ୍ଷଣର ଅଭାବ ଏବଂ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଉଥିବାରୁ ଜଳ ବିଦ୍ୟୁତ ଉପରେ ନିର୍ଭରଶୀଳତା ଏହି ଚାହିଦା ପୂରଣ କରିବାରେ ବିଫଳ। ଏପରି ସ୍ଥିତିରେ ଭାରତୀୟ ରେଳବାଇ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକୁ କୋଇଲା ପରିବହନ ପାଇଁ ବ୍ୟବହୃତ ରେକ୍/ଟ୍ରେନ୍ ସଂଖ୍ୟା ସେପ୍ଟେମ୍ବର ୩ରେ ୩୭୦ରୁ ସେପ୍ଟେମ୍ବର ୬ ରେ ୪୪୪କୁ ବୃଦ୍ଧି କରିଛି। ବିଶ୍ୱର ସର୍ବବୃହତ କୋଇଲା କମ୍ପାନୀ କୋଲ୍ ଇଣ୍ଡିଆ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ମଧ୍ୟ ସଡ଼କ ପଥ ମାଧ୍ୟମରେ କୋଇଲା ଯୋଗାଣ ବୃଦ୍ଧି କରିଛନ୍ତି, ସେମାନଙ୍କ ଖଣିରେ ପ୍ରାୟ ୭୬ ନିୟୁତ ମେଟ୍ରିକ୍ ଟନ୍ ପର୍ଯ୍ୟାପ୍ତ ଷ୍ଟକ୍ ରହିଥିବା କହିଛନ୍ତି।

ଶୁକ୍ରବାର ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପଞ୍ଜାବର ରାଜପୁରା ଥର୍ମାଲ୍ ପ୍ଲାଣ୍ଟର ୭୦୦ ▶ପୃଷ୍ଠା-୭

# ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ

## ୫ ଶ୍ରମିକ ଗୁରୁତର: ୧୫ରୁ ଊର୍ଦ୍ଧ୍ୱ ଆହତ ଆଶଙ୍କା

■ ରାଉରକେଲା, ୧୨।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅନ୍ତର୍ଗତ କମଣ୍ଡସ୍ଥିତ ରୁଙ୍ଗ୍‌ଟା ଷ୍ଟିଲ୍ ପ୍ଲାଣ୍ଟର ଏସ୍‌ଏମ୍‌ଏସ୍-୨ ଫର୍ଣ୍ଣେସରେ ଶନିବାର ପୂର୍ବାହ୍ନରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୫ ଶ୍ରମିକ ଗୁରୁତର ହୋଇଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସୂଚନା ମିଳିଛି। ଗୁରୁତର ଆହତମାନଙ୍କୁ ଜିଲ୍ଲା ବାହାର ହସ୍ପିଟାଲକୁ ନିଆଯାଇଥିବାବେଳେ ଅନ୍ୟ ଆହତମାନଙ୍କୁ ରୁଙ୍ଗ୍‌ଟା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଗୁରୁତର ଶ୍ରମିକମାନେ ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲ୍ଲାର ବୋଲି କୁହାଯାଉଛି। ହେଲେ ଏ ନେଇ ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ।





ସୂଚନା ମୁତାବକ, ଆଜି ସକାଳ ପ୍ରାୟ ସାଢେ ୧୦ଟାରେ ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟର ଷ୍ଟିଲ ମେଲ୍ଟିଂ ସପ୍-୨(ଏସ୍‌ଏମ୍‌ଏସ୍-୨)ର ଫର୍ଣ୍ଣେସରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏସ୍‌ଏମ୍‌ଏସ୍-୨ ଫର୍ଣ୍ଣେସରୁ ଉତ୍ତପ୍ତ

**ଘଟଣା ଚପାଇବାକୁ ଚାଲିଛି ଉଦ୍ୟମ**

ତରଳ ଲୁହା କଣ୍ଟେନର ସାହାଯ୍ୟରେ ଯାଉଥିବାବେଳେ ହଠାତ୍ ଉତ୍ତପ୍ତ ତରଳ ଲୁହାର ଏକ ବଡ଼ ଅଂଶ ତଳେ ପଡ଼ିଯାଇଥିଲା। ଚଟାଣରେ ପାଣି ଥିବାରୁ ଏହି ଉତ୍ତପ୍ତ ଲୁହା ପାଣି ଉପରେ ଢାଳି ହୋଇଯିବାରୁ ଭୟଙ୍କର ଶବ୍ଦ ହୋଇ ବିସ୍ଫୋରଣ ହୋଇଥିଲା। ▶ପୃଷ୍ଠା-୭

# କୋହ୍ଲାପୁରର ମହାଦେବୀ 'ମାଧୁରୀ'ର ସୁରକ୍ଷା ପାଇଁ ବନ୍‌ତାରା ପ୍ରତିଶ୍ରୁତିବଦ୍ଧ

■ କୋହ୍ଲାପୁର, ୧୨।୯: କୋହ୍ଲାପୁରର ମହାଦେବୀ ଭାବେ ପରିଚିତ ମାଧୁରୀ ସ୍ଥାନୀୟ ଜନସାଧାରଣଙ୍କ ଅଜସ୍ର ଭଲ ପାଇବା ସାଉଁଟିଛି। ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ୩୦ ଜୁଲାଇ ୨୦୨୫ରେ ଜାମନଗରସ୍ଥିତ ବନ୍‌ତାରାକୁ ଆସିଥିଲା। ଏହି ନିର୍ଦ୍ଦେଶକୁ ମାନ୍ୟବର ବମ୍ବେ ହାଇକୋର୍ଟ ଏବଂ ମାନ୍ୟବର ସୁପ୍ରିମକୋର୍ଟ ମଧ୍ୟ ବଳବତ୍ତର ରଖିଥିଲେ। ବନ୍‌ତାରା ତାଙ୍କ ହେପାଜତ ଚାହିଁ ନ ଥିଲା। ତାଙ୍କୁ ଗ୍ରହଣ କରି ଯତ୍ନ ନେବାର କାରଣ ଥିଲା, ତାହା କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମହାରାଷ୍ଟ୍ର ସରକାର, ଏହାର ଅଧିକାରୀ, ସମ୍ପୃକ୍ତ ପକ୍ଷ ଏବଂ ସମୁଦାୟର ସଦସ୍ୟମାନଙ୍କ ସହ ଆଲୋଚନା ପରେ, ୦୬ ଅଗଷ୍ଟ ୨୦୨୫ରେ ଏହି ଭାବନାକୁ ସମ୍ମାନ ଦିଆଯିବ ଏବଂ ସକ୍ଷମ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ବନ୍‌ତାରା ସ୍ପଷ୍ଟ କରିଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ସମସ୍ତ ପକ୍ଷଙ୍କୁ ସେମାନଙ୍କ ଦାବି ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ ନିକଟରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପକ୍ଷମାନଙ୍କ ଯୁକ୍ତି ଶୁଣିବା, ରିପୋର୍ଟ ମାଗିବା ଏବଂ ନନ୍ଦାନୀସ୍ଥିତ ସୁବିଧା କେନ୍ଦ୍ରର ନିରୀକ୍ଷଣ କରିବା ପରେ, ୦୯ ସେପ୍ଟେମ୍ବର ୨୦୨୬ରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ ଏକ କାରଣସମ୍ମତ ଆଦେଶ ଜାରି କରି ମାଧୁରୀଙ୍କୁ କଠୋର ସର୍ତ୍ତାବଳୀ ସହ କୋହ୍ଲାପୁର ଫେରାଇ ନେବାକୁ ଅନୁମତି ଦେଇଥିଲେ।

ଏହି ସର୍ତ୍ତାବଳୀ ମଧ୍ୟରେ ରହିଛି ଯେ, ମାଧୁରୀଙ୍କୁ କୌଣସି ଶୋଭାଯାତ୍ରା କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ, ତାଙ୍କୁ ଦିନରାତି ନିରନ୍ତର ଯତ୍ନ ପ୍ରଦାନ କରାଯିବ ଏବଂ ପ୍ରତି ଦୁଇ ସପ୍ତାହରେ ଥରେ ତାଙ୍କର ଚିକିତ୍ସା ପରୀକ୍ଷା କରାଯିବ। ବନ୍‌ତାରା ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ କର୍ତ୍ତୃତ୍ୱକୁ ସମ୍ମାନ କରେ ଏବଂ ତାଙ୍କର ସମସ୍ତ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ। ସର୍ବଦା ପ୍ରାଣୀ ଚିକିତ୍ସା ବିଜ୍ଞାନ ଏବଂ ମାଧୁରୀର କଲ୍ୟାଣକୁ ଆଧାର କରି ନିରନ୍ତର ପ୍ରାଣୀ ଚିକିତ୍ସା ଯତ୍ନ ମାଧ୍ୟମରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ହୋଇଛି। କିନ୍ତୁ ତାଙ୍କର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ତାଙ୍କୁ ଉପଯୁକ୍ତ ଯତ୍ନ, ସହାୟକ ଚିକିତ୍ସା ବ୍ୟବସ୍ଥା ଏବଂ ନିୟମିତ ପ୍ରାଣୀ ଚିକିତ୍ସା ନିରୀକ୍ଷଣର ଆବଶ୍ୟକତା ଜାରି ରହିଛି।

ମାଧୁରୀ କୋହ୍ଲାପୁର ଫେରିଯିବା ରେ ମଧ୍ୟ ଉପଯୁକ୍ତ ରହଣି ପରିବେଶ, ପ୍ରାଣୀ ଚିକିତ୍ସା ଭିତ୍ତିଭୂମି, ଚିକିତ୍ସା ଉପକରଣ, ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଉପଲବ୍ଧ ରହିବା ନିଶ୍ଚିତ କରିବାରେ ସହଯୋଗ କରି ବନ୍‌ତାରା ମାଧୁରୀର ସ୍ଥାନାନ୍ତରଣ ପ୍ରକ୍ରିୟାକୁ ସହଜ କରିବା ପାଇଁ ପଦକ୍ଷେପ ନେଇଛି। ଉଚ୍ଚ କ୍ଷମତାସମ୍ପନ୍ନ କମିଟିଙ୍କ **ନିର୍ଦ୍ଦେଶ ଅନୁଯାୟୀ, ବନ୍‌ତାରାର ପ୍ରାଣୀ ଚିକିତ୍ସକମାନେ ପ୍ରତି ଦୁଇ ସପ୍ତାହରେ ଥରେ କୋହ୍ଲାପୁର ଯାଇ ମାଧୁରୀଙ୍କ ଚିକିତ୍ସା ପରୀକ୍ଷା କରିବେ ଏବଂ ଏହାର ରିପୋର୍ଟ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ।** ମାଧୁରୀ ଯେଉଁଠାରେ ରହୁ ନା କାହିଁକି, ତାଙ୍କର ନିରନ୍ତର ଯତ୍ନ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ହିଁ ବନ୍‌ତାରାର ଉଦ୍ଦେଶ୍ୟ।





**ବର୍ଷକର ନିରନ୍ତର ଯତ୍ନ ଓ ବନ୍‌ତାରାର ସମର୍ପିତ ପ୍ରାଣୀ ଚିକିତ୍ସା ଦ୍ୱାରା ସୁସ୍ଥ ଓ ସୁନ୍ଦର ଜୀବନ ପାଇଛି ମାଧୁରୀ**

**ମାଧୁରୀର ସର୍ବକାଳୀନ ସୁନ୍ଦର ସହାବସ୍ଥାନ ଓ ଯତ୍ନ ପାଇଁ ବନ୍‌ତାରା ଜାରି ରଖିବ ନିୟମିତ ନିରୀକ୍ଷଣ**

ମାଧୁରୀ ବର୍ତ୍ତମାନ ଯେଉଁ ନନ୍ଦାନୀସ୍ଥିତ ଏନ୍‌କ୍ଲୋଜର୍ ଏବଂ ସୁବିଧା କେନ୍ଦ୍ରକୁ ଫେରୁଛି, ସେଠାରେ ମଧ୍ୟ ବନ୍‌ତାରା ପକ୍ଷରୁ କାର୍ଯ୍ୟ କରାଯାଇଛି। ଉପଲବ୍ଧ ଭିତ୍ତିଭୂମି ମଧ୍ୟରେ ତାଙ୍କ ପାଇଁ ସର୍ବୋତ୍ତମ ସମ୍ଭାବ୍ୟ ବ୍ୟବସ୍ଥା କରାଯାଇଛି। ନଗର ଯୋଜନା ସମ୍ପର୍କିତ କଟକଣା ଯୋଗୁଁ ଏହି ପର୍ଯ୍ୟାୟରେ ଭିତ୍ତିଭୂମିରେ ଆହୁରି ସୁଧାର କରାଯାଇପାରି ନ ଥିଲା। ଟ୍ରଷ୍ଟର ଜମି ମଧ୍ୟଦେଇ ଏକ ରାସ୍ତା ଯାଇଥିବାରୁ ବିକାଶ ପାଇଁ ଉପଲବ୍ଧ ଜମିର ପରିମାଣ ସୀମିତ ହୋଇଛି। ମାଧୁରୀ ସେଠାରେ ସ୍ୱାଭାବିକ ହୋଇଯିବା ପରେ, ସୁବିଧା କେନ୍ଦ୍ରର ଉନ୍ନତିକରଣ ପାଇଁ ବନ୍‌ତାରା ମଠକୁ ଆବଶ୍ୟକ ସହଯୋଗ ଯୋଗାଇବାକୁ ସର୍ବଦା ପ୍ରସ୍ତୁତ ରହିବ।

ପ୍ରକୃତ ପ୍ରାଣୀ କଲ୍ୟାଣ ପାଇଁ ତଥ୍ୟ, ପ୍ରାଣୀ ଚିକିତ୍ସା ବିଜ୍ଞାନ, ଦାୟିତ୍ୱପୂର୍ଣ୍ଣ ଯତ୍ନ, ଆଇନସମ୍ମତ ପ୍ରକ୍ରିୟା ପ୍ରତି ସମ୍ମାନ ଏବଂ ଜୀବନର ସୁରକ୍ଷା ପାଇଁ ଚିରସ୍ଥାୟୀ ଓ ଅଟଳ ପ୍ରତିବଦ୍ଧତା ଉପରେ ବନ୍‌ତାରା ବିଶ୍ୱାସ କରେ।

ସୁପ୍ରିମକୋର୍ଟ, ବମ୍ବେ ହାଇକୋର୍ଟ, ଉଚ୍ଚ କ୍ଷମତା ସଂପନ୍ନ କମିଟିଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇବା ସହ ମହାରାଷ୍ଟ୍ର ଏବଂ ଗୁଜରାଟ ସରକାର ଓ ସେମାନଙ୍କର ଅଧିକାରୀମାନଙ୍କ ସହଯୋଗ ପାଇଁ ବନ୍‌ତାରା କୃତଜ୍ଞତା ଜ୍ଞାପନ କରିଛି। ମାଧୁରୀଙ୍କ ପ୍ରତି ଚିନ୍ତା ଓ ମମତା ପାଇଁ ମଧ୍ୟ ମଠ ଏବଂ କୋହ୍ଲାପୁରବାସୀଙ୍କ ପ୍ରତି ବନ୍‌ତାରା ସାଧୁବାଦ ଜଣାଇଛି। ମାଧୁରୀର ସୁସ୍ଥତାକୁ ସର୍ବପ୍ରଥମ ପ୍ରାଥମିକତା ଦେଇ ବନ୍‌ତାରା ତା'ର ଉତ୍ତମ ସୁସ୍ଥ ସ୍ୱାସ୍ଥ୍ୟ ଏବଂ ଦୀର୍ଘ, ସୁରକ୍ଷିତ ଓ ସୁଖମୟ ଜୀବନ କାମନା କରିଛି।

### ମାଲକାନଗିରିରେ ବର୍ଷା ବିପର୍ଯ୍ୟୟ

# ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି, ଯାତାୟାତ ପ୍ରଭାବିତ

■ ଭୁବନେଶ୍ୱର,୧୨।୯ (ସମିସ): ଲଘୁଚାପଜନିତ ବର୍ଷା କାରଣରୁ ମାଲକାନଗିରିରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଜିଲ୍ଲାରେ ଜନଜୀବନ ବ୍ୟାହତ ହୋଇଛି। ବିଶେଷକରି ଗତ ୨୪ ଘଣ୍ଟାରେ ଜିଲ୍ଲାରେ ପ୍ରବଳ ବର୍ଷା ରେକର୍ଡ କରାଯାଇଥିବା ବେଳେ ଅନେକ ଅଞ୍ଚଳରେ ଯାତାୟତ ଗୁରୁତର ଭାବେ ପ୍ରଭାବିତ ହୋଇଛି। କେତେକ ସ୍ଥାନରେ କଚ୍ଚା ଘର ଭାଙ୍ଗି ଯାଇଥିବା ବେଳେ ବିପନ୍ନଙ୍କ ପାଇଁ ଜିଲ୍ଲା ପ୍ରଶାସନ ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଛି। ତେବେ ରବିବାରଠାରୁ ବର୍ଷା ବ୍ୟାପକ ମାତ୍ରାରେ କମିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଥିବା ବେଳେ ସାଧାରଣରେ ଏହା ଆଶ୍ୱସ୍ତି ଆଣିଛି।

**ଆଜିଠାରୁ କମିବ ବର୍ଷା**

ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ଚିତ୍ରକୋଣ୍ଡାରେ ସର୍ବାଧିକ ୧୯୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରିରେ ୧୪୨.୮ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଖଇରିପୁଟରେ ୧୪୨ ମିମି, କୋରକୁଣ୍ଡାରେ ୧୩୪ ମିମି, କାଲିମେଳା ଓ ମାଥିଲିରେ ୮୫ ମିମି ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀ ଓ ନାଳାର ଜଳସ୍ତର ବଢ଼ିବାରୁ ଅନେକ ସେତୁ ଉପରେ ପାଣି ପ୍ରବାହିତ ହେଉଛି। ମାଥିଲି ବ୍ଲକ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ପାଙ୍ଗାମ ବ୍ରିଜ୍ ଉପରେ ବନ୍ୟାପାଣି ପ୍ରବାହିତ ହେବାରୁ ମାଲକାନଗିରି-ଜୟପୁର ଯୋଗାଯୋଗ ଠପ ହୋଇପଡ଼ିଛି। ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ବହୁ ଯାତ୍ରୀବାହୀ ବସ୍, ଟ୍ରକ୍, ଚାରିଚକିଆ ଯାନ ଓ ବାଇକ୍ ଅଟକି ରହିଛି। ସେହିପରି ମେକ୍କା ପଞ୍ଚାୟତର ତାଳଗୁଡ଼ା ସମେତ ଆଖପାଖ ଅଞ୍ଚଳରେ ପାହାଡ଼ିଆ ବନ୍ୟାପାଣି ପ୍ରବାହିତ ହେଉଛି। ସାଲିମି-ଟେମୁରୁପାଲ୍ଲୀ ପଞ୍ଚାୟତ ରାସ୍ତାର ଏକ ବ୍ରିଜ୍ ଉପରେ ପାଣି ଚାଲିବାରୁ ଟେମୁରୁପାଲ୍ଲୀ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ପଞ୍ଚାୟତର ଅନେକ ଗାଁ ଜଳମଗ୍ନ ହେବା ସହ ଚାଷଜମିରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି। ପଟେରୁ ସେତୁ ଉପରେ ପ୍ରାୟ ୩ ଫୁଟ୍ ▶ପୃଷ୍ଠା-୭



## ଏନ୍‌ଆଇଟିର ୨୪ତମ ସମାବର୍ତ୍ତନ ଉତ୍ସବ

# ୨୦୩୩ ଜଣ ଡିଗ୍ରୀଧାରୀ ହେଲେ ସମ୍ବର୍ଦ୍ଧିତ

ରାଉରକେଲା, ୧୨।୯ (ସମିସ)

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନଆଇଟି)ର ୨୪ତମ ସମାବର୍ତ୍ତନ ଉତ୍ସବ ଏନ୍‌ଆଇଟିର ବୁବନେଶ୍ୱର ବେହେରା ଅଡିଟୋରିୟମଠାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବର୍ତ୍ତନ ଉତ୍ସବରେ ମୋଟ ୨୦୩୩ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଯେଉଁଥିରେ ୫୦୮ ଜଣ ଝିଅ ରହିଛନ୍ତି। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ଲାଗି ୧୧ଟି ଇନ୍‌ଷ୍ଟିଚ୍ୟୁଟ୍ ଗୋଲ୍ଡ ମେଡାଲ୍, ୬ଟି ଏଣ୍ଡୋମେଣ୍ଟ ଗୋଲ୍ଡ ମେଡାଲ୍, ୮ଟି ଏଣ୍ଡୋମେଣ୍ଟ ଆୱାର୍ଡ ଏବଂ ୬୧ଟି ଇନ୍‌ଷ୍ଟିଚ୍ୟୁଟ୍ ସିଲ୍‌ଭର ମେଡାଲ୍ ପ୍ରଦାନ କରାଯାଇଥିଲା। ସାତ୍ୱିକ ସଂକେତ ରଥ ଚଳିତ ବର୍ଷର ଶ୍ରେଷ୍ଠ ବି. ଟେକ୍ ଓ ଅକ୍ଷିତ ଅନୁପମ ଏକ୍କା ଶ୍ରେଷ୍ଠ ଏମ୍. ଟେକ୍ ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ଏଥିରେ ମୁଖ୍ୟ ଅତିଥି ଭାବେ ନିତି ଆୟୋଗ ସଦସ୍ୟ ପ୍ରଫେସର ଅଭୟ କରାନ୍ଦିକର ଯୋଗ ଦେଇ ତାଙ୍କର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଏନ୍‌ଆଇଟି ରାଉରକେଲାର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ଏସ. ଏନ୍ ସୁବ୍ରମଣ୍ୟମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ ନିତି ଆୟୋଗ ସଦସ୍ୟ ପ୍ରଫେସର ଅଭୟ କରାନ୍ଦିକର କହିଲେ



- ୧୧ ଜଣଙ୍କୁ ପ୍ରତିଷ୍ଠାନ ସ୍ୱର୍ଣ୍ଣ ପଦକ ଓ ୬ ଜଣଙ୍କୁ ଏଣ୍ଡୋମେଣ୍ଟ ସ୍ୱର୍ଣ୍ଣ ପଦକ
- ୨ ଜଣ ଆଲୁମିନିଙ୍କୁ ଆଲୁମିନୟସ ଆୱାର୍ଡ - ୨୦୨୬
- ସାତ୍ୱିକ ସଂକେତ ରଥ ଶ୍ରେଷ୍ଠ ବି. ଟେକ୍ ଓ ଅକ୍ଷିତ ଅନୁପମ ଏକ୍କା ଶ୍ରେଷ୍ଠ ଏମ୍‌ଟେକ୍
- କୃତ୍ରିମ ବୁଦ୍ଧିମତା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ସହାୟକ ହେବ- ପ୍ରଫେସର କରନ୍ଦିକର

କୃତ୍ରିମ ବୁଦ୍ଧିମତା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ସହାୟକ ହେବ, ଯାହାର ଦାୟିତ୍ୱ ଆପଣଙ୍କ ପରି ଇଂଜିନିୟରମାନଙ୍କ ଉପରେ ରହିଛି। ଇଂଜିନିୟରିଂ ଜ୍ଞାନକୁ ନିଜ ସ୍ୱାର୍ଥଠାରୁ ବଡ଼ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବା ସହ ଦାୟିତ୍ୱବାନ ଭାବେ ନୂତନତ୍ୱର ସୃଷ୍ଟି କରିବା ଏବଂ ବାସ୍ତବ ମାନବୀୟ ସମସ୍ୟାର ସମାଧାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏନ୍‌ଆଇଟି ୱାରଙ୍ଗଲର ନିର୍ଦ୍ଦେଶକ ପ୍ରଫେସର ବିଦ୍ୟାଧର ସୁବୁଦ୍ଧି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁବିଧା ବଦଳରେ ଉତ୍କର୍ଷକୁ, ସ୍ୱଳ୍ପକାଳୀନ ସଫଳତା ବଦଳରେ ସଚ୍ଚୋଟତାକୁ, ଆତ୍ମସନ୍ତୋଷ ବଦଳରେ ଆଜୀବନ ଶିକ୍ଷାକୁ, ଏକାକୀତ୍ୱ ବଦଳରେ ସହଯୋଗିତାକୁ ଏବଂ ପ୍ରତିଷ୍ଠା ବଦଳରେ ଉଦ୍ଦେଶ୍ୟକୁ ବାଛନ୍ତୁ ବୋଲି କହିଥିଲେ।





ଏନଆଇଟି ରାଉରକେଲାର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ଏସ. ଏନ୍ ସୁବ୍ରମଣ୍ୟମ ପ୍ରଯୁକ୍ତି ପରିବର୍ତ୍ତନର ଯୁଗରେ ନିରନ୍ତର ଶିକ୍ଷା, ଅନୁକୂଳନ ଓ ସଚ୍ଚୋଟତାକୁ ଗୁରୁତ୍ୱ ଦେବା ପାଇଁ ପାସ ଆଉଟ୍ ଇଂଜିନିୟରିଂ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

ଅନୁଷ୍ଠାନର ରିପୋର୍ଟ ଉପସ୍ଥାପନ କରି ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଥିଲେ ଏନ୍‌ଆଇଟି ରାଉରକେଲାରେ ଆପଣଙ୍କ ଶିକ୍ଷାଯାତ୍ରାର ସମାପ୍ତି ନୁହେଁ; ଏହା ସୁଯୋଗ, ଦାୟିତ୍ୱ ଓ ଆହ୍ୱାନରେ ପରିପୂର୍ଣ୍ଣ ଏକ ନୂତନ ଅଧ୍ୟାୟର ଆରମ୍ଭ।

ଏହି ଅବସରରେ ୬ଟି ଦେଶର ୪୭ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀମାନେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏଥିରେ ନେପାଳର ୧୯ ଜଣ, ବାଂଲାଦେଶର ୧୩ ଜଣ, ଆମେରିକାର ୬ ଜଣ, ଶ୍ରୀଲଙ୍କାର ୫ ଜଣ, ଭୁଟାନର ୩ ଜଣ ଏବଂ ୟେମେନର ୧ ଜଣ ଛାତ୍ରଛାତ୍ରୀ ରହିଛନ୍ତି।

ଏହି ୨୪ତମ ସମାବର୍ତ୍ତନ ସମାରୋହର ଏନ୍‌ଆଇଟି ରାଉରକେଲାର ଦୁଇଜଣ ପୂର୍ବତନ ଛାତ୍ରଙ୍କୁ 'ଡିଷ୍ଟିଙ୍ଗଉଇସ୍ଡ ଆଲୁମ୍ନସ୍ ଆୱାର୍ଡ' ପ୍ରଦାନ କରାଯାଇଥିଲା।

ସେମାନେ ହେଲେ ଶିଳ୍ପ ଓ ପରିଚାଳନା କ୍ଷେତ୍ରରେ ରାଜର୍ଷି ଗୁପ୍ତା, ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ, ଓଏନ୍‌ଜିସି ବିଦେଶ ଲିମିଟେଡ୍ ଏବଂ ଉଦ୍ୟୋଗୀତା ଓ ସାର୍ବଜନୀନ ଜୀବନ କ୍ଷେତ୍ରରେ ଜ୍ଞାନ ରଞ୍ଜନ ମହାନ୍ତି, ମ୍ୟାନେଜିଂ ଡାଇରେକ୍ଟର, କରୋସନ୍ ପ୍ରୋଟେକ୍ସନ୍ ଲିମିଟେଡ୍ ଏବଂ ବି. ଇଞ୍ଜିନିୟର୍ସ ଆଣ୍ଡ ବିଲ୍ଡର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସହ-ପ୍ରତିଷ୍ଠାତା।

ଏହି ସମାବର୍ତ୍ତନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ୯୧୧ ଜଣଙ୍କୁ ବିଟେକ୍, ୧୮ ଜଣଙ୍କୁ ବି ଆର୍କିଟେକ୍, ୧୦ ଜଣଙ୍କୁ ବିଏସସି ଇଣ୍ଟିଗ୍ରେଟେଡ ମଲ୍ଟିପୁଲ, ୪୨ ଜଣଙ୍କୁ ବିଟେକ ଓ ଏମଟେକ୍(ଦ୍ୱୈତ ଡ଼ିଗ୍ରୀ), ୭୭ ଜଣଙ୍କୁ ୫ ବର୍ଷିଆ ଇଣ୍ଟିଗ୍ରେଟେଡ଼େ ଏମଏସସି, ୫୧୪ ଜଣଙ୍କୁ ଏମଟେକ୍, ୧୮୨ ଜଣଙ୍କୁ ଏମଏସସି, ୧୯ ଜଣଙ୍କୁ ଏମଏମ, ୬୭ ଜଣଙ୍କୁ ଏମବିଏ, ଜଣଙ୍କୁ ଏମଟେକ୍ (ଗବେଷଣା), ୧୯୦ ଜଣଙ୍କୁ ପିଏଚଡି ଏବଂ ଏକଜିକ୍ୟୁଟିଭ ପିଏଚଡି ୨ ଜଣଙ୍କୁ ଉପାଧି ପ୍ରଦାନ କରଯାଇଥିଲା। ଶ୍ରେଷ୍ଠ ସ୍ନାତକୋତ୍ତର (ଏମବିଏ)ରେ ପ୍ରତିକ୍ଷା ନାୟକ, ଶ୍ରେଷ୍ଠ ସ୍ନାତକୋତ୍ତର ଇଣ୍ଟିଗ୍ରେଟେଡ଼େ ଏମଏସସିରେ ଦିଶା ମହାନ୍ତି, ଶ୍ରେଷ୍ଠ ସ୍ନାତକୋତ୍ତର ଦୁଇ ବର୍ଷ ଏମଏସସି ଓ ଏମଏରେ ସୁଲଗ୍ନା ମହାପାତ୍ର, ଶ୍ରେଷ୍ଠ ସ୍ନାତକୋତ୍ତର ଡୁଆଲ ଡିଗ୍ରୀ ବିଟେକ୍ ଓ ଏମ. ଟେକ୍ ରେ କେ. ଜୟରାମ, ଡୁଆଲ ଡିଗ୍ରୀ ଏମ. ଟେକ୍ ରେ ଶୁଭ୍ରାଦ୍ୟୁତି ବାସୁ, ଶ୍ରେଷ୍ଠ ସ୍ନାତକ(ବିଟେକ୍ ଓ ବି. ଆର୍କ)ରେ ବିକ୍ରମ ସରେନ୍, ଶ୍ରେଷ୍ଠ ସ୍ନାତକ( ବି. ଆର୍କ)ରେ ଶ୍ୱେତଲାନା ଚାଟାର୍ଜୀ, ଏମଏସି, ଇଣ୍ଟିଗ୍ରେଟେଡ ଏମଏସି ଓ ଏମଏରେ ବିଶ୍ୱଜିତ ମହାପାତ୍ର ଏବଂ ଅମିତେଶ ପାତ୍ରଙ୍କୁ ପ୍ରଫେସର ଭୁବନେଶ୍ୱର ବେହେରା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।

## ରାଉରକେଲାରେ ଗୋଷ୍ଠୀ ଆକ୍ରମଣ: ଯୁବକ ଗୁରୁତର

ରାଉରକେଲା, ୧୨।୯ (ସମିସ): ରାଉରକେଲା ସେକ୍ଟର-୭ ଥାନା ଅଧୀନ ଏକ ବସ୍ତି ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକ ଘରେ ଗୋଷ୍ଠୀ ସଂଘର୍ଷ ଘଟିଥିବା ସହ ଏହି ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି।

ପ୍ରାଥମିକ ସୂଚନା ଅନୁଯାୟୀ, ଏକ ଦଳ ସମ୍ପୃକ୍ତ ଯୁବକଙ୍କ ଘରେ ଜବରଦସ୍ତି ପଶି ଭୁଜାଲିରେ ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି। ଆହତ ଯୁବକଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଘଟଣା ପରେ ସମ୍ପୃକ୍ତ ବସ୍ତି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଆକ୍ରମଣରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପରିଚୟ ଏବଂ ଆକ୍ରମଣର ପ୍ରକୃତ କାରଣ ସମ୍ପର୍କରେ ପୁଲିସ ପକ୍ଷରୁ ଅଧିକ ତଥ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ଘଟଣାର ପରବର୍ତ୍ତୀ ତଦନ୍ତ ଓ ଅଧିକ ବିବରଣୀକୁ ଅପେକ୍ଷା କରାଯାଇଛି।

## ଆର୍‌ଏସ୍‌ପି ଇଆର୍‌ଡବ୍ଲ୍ୟୁ ପାଇପ୍ ପ୍ଲାଣ୍ଟ ୟୁନିଟ୍ ହାସଲ କଲା ନୂଆ ମାଇଲ୍‌ଖୁଣ୍ଟ

ରାଉରକେଲା, ୧୨।୯ (ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ର ଇଆରଡବ୍ଲ୍ୟୁ (ଇଲେକ୍ଟ୍ରିକ୍ ରେଜିଷ୍ଟାନ୍ସ ୱେଲ୍ଡେଡ୍) ପାଇପ୍ ପ୍ଲାଣ୍ଟ ପାଇପ୍ ଉତ୍ପାଦନ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ବିଭାଗ ଗତ ଅଗଷ୍ଟ ମାସରେ ୨୦ହଜାର ଟନ୍‌ରୁ ଅଧିକ ପାଇପ୍ ଉତ୍ପାଦନ କରି ନୂଆ ରେକର୍ଡ ସୃଷ୍ଟି କରିଛି। ଏହା ସହିତ ୨୦୨୬-୨୭ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ଅଗଷ୍ଟ ମଧ୍ୟରେ ଗତବର୍ଷର ସମାନ ଅବଧି ତୁଳନାରେ ପ୍ରାୟ ୩୧ ପ୍ରତିଶତ ଅଭିବୃଦ୍ଧି ମଧ୍ୟ ହାସଲ କରିଛି। ସେଲ୍‌ର ଏକମାତ୍ର ପାଇପ୍ ଉତ୍ପାଦନକାରୀ ୟୁନିଟ୍ ଭାବେ ଉଭୟ ବି ଟୁ ବି (ବ୍ୟବସାୟରୁ ବ୍ୟବସାୟ) ଏବଂ ବି ଟୁ ଜି (ବ୍ୟବସାୟରୁ ସରକାର) କ୍ଷେତ୍ରର ଚାହିଦା ପୂରଣ କରୁଥିବା ଆରଏସ୍‌ପିର ଏହି ପ୍ରଦର୍ଶନ ପରିଚାଳନାଗତ ଉତ୍କର୍ଷ, ଦକ୍ଷତା ଏବଂ ଗ୍ରାହକକୈନ୍ଦ୍ରିକ ନବସୃଜନ ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଇଆରଡବ୍ଲ୍ୟୁ ପାଇପ୍ ପ୍ଲାଣ୍ଟ ଅତିରିକ୍ତ ଭାବେ ସ୍ୱତନ୍ତ୍ର ଗ୍ରେଡ୍‌ର ପାଇପ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ନିଜର ମୂଲ୍ୟ ପ୍ରସ୍ତାବକୁ ଆହୁରି ସୁଦୃଢ଼ କରିଛି। କଠୋର ଏ ପି ଆଇ ମାନଦଣ୍ଡ ପାଳନ ଏବଂ ଅଧିକ ବ୍ୟାସରୁ ମୋଟେଇ ଅନୁପାତ ଥିବା ପାଇପ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ଗ୍ରାହକଙ୍କ ପାଇଁ ଅଧିକ ଉପଯୋଗିତା ଓ ମୂଲ୍ୟ ସୃଷ୍ଟି କରିବା ସହ କମ୍ପାନୀର ରାଜସ୍ୱ ଏବଂ ବଜାର ସ୍ଥିତିକୁ ମଧ୍ୟ ସୁଦୃଢ଼ କରୁଛି। ଏହି ବୈଷୟିକ ସାମର୍ଥ୍ୟର ଏକ ଉଲ୍ଲେଖନୀୟ ଉଦାହରଣ ଭାବେ ଇ ଆର ଡବ୍ଲ୍ୟୁ ପ୍ଲାଣ୍ଟରେ ବର୍ତ୍ତମାନ ୮.୨ କିଲୋମିଟର ଲମ୍ବ, ୧୪ ଇଞ୍ଚ ବ୍ୟାସ ଏବଂ ୮ ମିମି ମୋଟେଇ ବିଶିଷ୍ଟ ଏ ପି ଆଇ ଏକ୍ସ ୫୨ ଗ୍ରେଡ୍ ପାଇପ୍‌ର ଏକ ଅର୍ଡର ପ୍ରକ୍ରିୟାଧୀନ ରହିଛି।



## ଜେଲ୍ ଗଲେ ଲାଞ୍ଚୁଆ ଅବକାରୀ ଅଧୀକ୍ଷକ

ରାଉରକେଲା, ୧୨।୯ (ସମିସ): ଗିରଫ ହୋଇ ଜେଲ ଗଲେ ଲାଞ୍ଚୁଆ ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡ଼। ଶୁକ୍ରବାର ସନ୍ଧ୍ୟାରେ ସେ ଲାଇସେନ୍ସଧାରୀ ବିଭିନ୍ନ ମଦ ଭେଣ୍ଡରଙ୍କ ଠାରୁ ୫ ଲକ୍ଷ ଟଙ୍କା ଆଦାୟ କରି ଜଣେ ମଦ ବ୍ୟବସାୟୀଙ୍କ ସେଲସ୍‌ମ୍ୟାନ ହାତରେ ଏକ ସ୍କର୍ପିଓରେ

**୫ ଲକ୍ଷ ଟଙ୍କା ଜବତ କରିଥିଲା ଭିଜିଲାନ୍ସ**

**ଭୁବନେଶ୍ୱରରେ ୨୭ଶହ ବର୍ଗଫୁଟର ଦ୍ୱିତଳ ଘର ସହ ୪ ମୂଲ୍ୟବାନ ପ୍ଲଟ ଏବଂ ୩୪ ଲକ୍ଷ ଟଙ୍କାର ବୀମା ଓ ଜମା ଠାବ**

ରାଉରକେଲାର ସିଭିଲ ଟାଉନସିପ୍ ଡି-୩୧ ସ୍ଥିତ ନିଜ ବାସଭବନକୁ ପଠାଉଥିବା ବେଳେ ରାଉରକେଲା ଭିଜିଲାନ୍ସ ଅଫିସ ସମ୍ମୁଖରେ ଭିଜିଲାନ୍ସ ବିଭାଗ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ତାଙ୍କ ନିକଟରୁ ୫ ଲକ୍ଷ ଟଙ୍କା ଜବତ କରିଥିଲା। ଏହା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡ଼ ତାଙ୍କୁ ତାଙ୍କ ବାସଭବନରେ ପହଞ୍ଚାଇବାକୁ ଦେଇଥିଲେ ବୋଲି ସେ କହିବାରୁ ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡ଼ଙ୍କୁ ଭିଜିଲାନ୍ସ ପକ୍ଷରୁ ଜେରା କରାଯାଇଥିଲା। ତେବେ ଜେରା ବେଳେ ଏହି ଟଙ୍କା ବିଷୟରେ ଧନେଶ୍ୱର କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଫଳରେ ଭିଜିଲାନ୍ସ ପକ୍ଷରୁ ମଦ ବ୍ୟବସାୟୀଙ୍କ ଠାରୁ ୫ ଲକ୍ଷ ଟଙ୍କା ବେଆଇନ ଭାବେ ଚାନ୍ଦା ଆଦାୟ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯିବା ସହ ଶ୍ରୀ ବରାଡ଼ଙ୍କ ରାଉରକେଲା ସରକାରୀ କାର୍ଯ୍ୟାଳୟ, ଡି-୩୧ ସରକାରୀ ବାସଭବନ ଏବଂ ଭୁବନେଶ୍ୱରର ରଘୁନାଥପୁର ସ୍ଥିତ ନିଜ ୨ ମହଲା ବିଶିଷ୍ଟ ବାସଭବନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ଭୁବନେଶ୍ୱରରେ ୨୭୦୦ ବର୍ଗଫୁଟର ଦୁଇ ମହଲା ଘର ଠାବ କରାଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ୭୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି।

ସେହିପରି ଭୁବନେଶ୍ୱରରେ ଗୋଟିଏ ଏବଂ ନୟାଗଡ଼ରେ ୩ଟି ମୋଟ ୪ଟି ମୂଲ୍ୟବାନ ପ୍ଲଟ୍ ରହିଥିବା ଭିଜିଲାନ୍ସ ଠାବ କରିଛି। ଏହାସହ ତାଙ୍କର ୩୩ ଲକ୍ଷ ୯୭ ହଜାର ଟଙ୍କାର ବୀମା ଓ ବ୍ୟାଙ୍କ ଜମା ଠାବ କରାଯାଇଛି। ତେବେ ମୋଟ ସମ୍ପତି ୯୩ ଲକ୍ଷ ହେବ ବୋଲି ରାଉରକେଲା ଭିଜିଲାନ୍ସ ଏସ୍‌ପି ହରେକୃଷ୍ଣ ମାଝୀ ସୂଚନା ଦେଇଛନ୍ତି। ଆଜି ଅଭିଯୁକ୍ତ ଧନେଶ୍ୱରଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## 'ସ୍ମୃତି ସାନ୍ତ୍ୱନା' ପତ୍ରିକାର ସାରସ୍ୱତ ସମାରୋହ

## 'ସାହିତ୍ୟ କେବଳ ଶବ୍ଦର ସମାହାର ନୁହେଁ, ମଣିଷର ଅନ୍ତଃସ୍ୱର'



ରାଉରକେଲା, ୧୨।୯ (ସମିସ): ବିଶିଷ୍ଟ ସାରସ୍ୱତ ସାଧିକା ସବିତା ରାଣୀ ବେହେରାଙ୍କ ସମ୍ପାଦନାରେ ଭୁବନେଶ୍ୱରରୁ ପ୍ରକାଶିତ ହୋଇଆସୁଥିବା 'ସ୍ମୃତି ସାନ୍ତ୍ୱନା' ପତ୍ରିକାର ଷୋଡ଼ଶ ବାର୍ଷିକ ସମାରୋହ ରାଉରକେଲାର ଛେଣ୍ଡ କଲୋନୀ ସ୍ଥିତ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ବେହେରାଙ୍କ ଆବାହକତ୍ୱ ଏବଂ ନିରୂପମା ପତିଙ୍କ ପରିଚାଳନାର ଅନୁଷ୍ଠିତ ଏହି ସମାରୋହକୁ ବିଶିଷ୍ଟ ସାହିତ୍ୟିକ, ନାଟ୍ୟକାର, କବି ରାଜୀବ ପାଣି ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ତଥା କବି ସ୍ନେହଲତା ନାୟକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶ୍ରୀଯୁକ୍ତ ପାଣି ତାଙ୍କ ଉଦ୍‌ଘାଟନୀ ଅଭିଭାଷଣରେ ସାମ୍ପ୍ରତିକ ସାହିତ୍ୟିକମାନେ କେବଳ ସୂଚନା ତଥା ତଥ୍ୟସର୍ବସ୍ୱ ନହୋଇ ଅନୁଭବୀ ଏବଂ ସମ୍ବେଦନଶୀଳ ହେବା ଆବଶ୍ୟକ। ସାହିତ୍ୟ କେବଳ କିଛି ଶବ୍ଦର ସମାହାର ନୁହେଁ, ଏହା ମଣିଷର ଅନ୍ତଃସ୍ୱର ବୋଲି କହିଥିଲେ। ସମାବେଶରେ ଶ୍ରୀମତୀ ବିଷ୍ଣୁ ପ୍ରିୟା ମହାପାତ୍ର, ଡାକ୍ତର ଗୀତାଞ୍ଜଳି ପତ୍ରୀ, ମଞ୍ଜୁଳା କୁମାରୀ ରଥ, ରଶ୍ମୀବାଳା ରାଉତରାୟ, କନକଲତା ମିଶ୍ର, ବାସନ୍ତୀ ଦାସ, ଜ୍ୟୋତ୍ସ୍ନା କୁମାରୀ ନାୟକ, ନିବେଦିତା ସାହୁ, ଡ. କିଶୋରୀ ଦାଶ, ଇ. ଅଶୋକ କୁମାର ପଟ୍ଟନାୟକ ଏବଂ କିଶୋରୀ ମୋହନ କର ପ୍ରମୁଖ ବିଶିଷ୍ଟ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ କବି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏବଂ ସ୍ନେହଲତା ପଟ୍ଟନାୟକ ଓ ରଶ୍ମି ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ 'ସ୍ମୃତି ସାନ୍ତ୍ୱନା' ପତ୍ରିକାର ଷୋଡ଼ଶ ସ୍ୱନକ୍ଷତ୍ର ବିଶେଷାଙ୍କ 'ପାର୍ବଣ ନୈବେଦ୍ୟ-୨୦୨୬'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଲକ୍ଷ୍ମଣ ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାହ୍ମଣୀ ନଦୀକୁ ଡେଇଁଥିବା ଯୁବକଙ୍କ ଶବ ଜଳଦା ସି-ବ୍ଲକରୁ ଉଦ୍ଧାର

ରାଉରକେଲା, ୧୨।୯ (ସମିସ): ରାଉରକେଲା ନୂଆ ବ୍ରାହ୍ମଣୀ ବ୍ରିଜ୍‌ରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ଯୁବକ ଓ ଯୁବତୀଙ୍କ ମଧ୍ୟରେ ପାଟିତୁଣ୍ଡ ପରେ ବ୍ରାହ୍ମଣୀ ନଦୀକୁ ଡେଇଁ ପଡ଼ିଥିଲେ ଯୁବକ। ପୁଲିସ ଏବଂ ଓଡ୍ରାଫ୍ଟ ଟିମ୍ ନଦୀରେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇନଥିଲେ। ଆଜି ସକାଳୁ ପୁଣି ଖୋଜାଖୋଜି କରିବା ପରେ ତାଙ୍କ ଶବକୁ ଜଳଦା ସି-ବ୍ଲକ ସ୍ଥିତ ବ୍ରାହ୍ମଣୀ ନଦୀ କୂଳରୁ ଠାବ ହୋଇଥିଲା। ନଦୀରେ ଡେଇଁଥିବା ବ୍ୟକ୍ତି ସିଭିଲ୍ ଟାଉନ୍‌ସିପ ଅଞ୍ଚଳର ଠିକାଦାର ତଥା ବ୍ୟବସାୟୀ ଶିବରାମ ସାହୁ। ତେବେ ସେ କାହିଁକି ଆତ୍ମହତ୍ୟା କରିଥିଲେ ତାହା ସ୍ପଷ୍ଟ ହୋଇନଥିବା ବେଳେ ପରକିୟା ପ୍ରୀତି ଯୋଗୁଁ ବିବାଦ ହେବା ପରେ ସେ ଏପରି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ, ପ୍ରାୟ ଦିନ ୧୧ଟାରେ ବ୍ରିଜ୍ ଉପରେ ଏକ ହଳଦିଆ ରଙ୍ଗର କାରରେ ସେ ଜଣେ ଯୁବତୀଙ୍କ ସହ ଆସି ବ୍ରାହ୍ମଣୀ ବ୍ରିଜ ଠାରେ ଓହ୍ଲାଇଥିଲେ। ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ବଚସା ହୋଇଥିବା କୁହାଯାଉଛି। ଏହାପରେ ଶିବରାମ ହଠାତ୍ ନିଜ ମୋବାଇଲ୍ ସହ ବ୍ରାହ୍ମଣୀ ନଦୀକୁ ଡେଇଁ ପଡ଼ିଥିଲେ।

### ■ ଫେଡେରେସନ୍ କପ୍ ସିଟିଂ ଭଲିବଲ୍ ଚାମ୍ପିଅନ୍‌ସିପ୍

## ଓଡ଼ିଶା ଦଳରେ ୪ ସୁନ୍ଦରଗଡ଼ ଖେଳାଳି

ରାଉରକେଲା, ୧୨।୯ (ସମିସ): ତାମିଲନାଡୁର ଇରୋଡେରେ ଆସନ୍ତା ସେପ୍ଟେମ୍ବର ୨୫ରୁ ୨୭ ତୃତୀୟ ଫେଡେରେସନ କପ୍ ସିଟିଂ ଭଲିବଲ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହେବ। ଏନେଇ ପାରା ସ୍ପୋର୍ଟସ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଓଡ଼ିଶାର ୧୮ ଜଣିଆ ଟିମ୍ ଘୋଷଣା କରାଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲାର ୪ ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ସୁନ୍ଦରଗଡ଼ ଜିଲ୍ଲାର ରୁଦ୍ର ନାରାୟଣ ସାହୁ, ନିହାର ରଞ୍ଜନ ନାୟକ, ପରେଶ୍ କୁମାର ମହନ୍ତ ଓ ଭେଷଜ ନାୟକ। ଏହି ୧୮ ଜଣିଆ ଟିମ୍‌ର ଖେଳାଳୀଙ୍କୁ ନେଇ ୧୫ ଦିବସୀୟ ଏକ ଅଭ୍ୟାସ ତଥା ଟ୍ରେନିଂ କ୍ୟାମ୍ପ ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଏବେ ଚାଲୁ ରହିଛି। ଖେଳାଳିଙ୍କ ବୈଷୟିକ ଦକ୍ଷତା, ଫିଟନେସ୍ ଓ ସଂଯମତ୍ତାକୁ ଦୃଷ୍ଟିରେ ରଖି ୧୪ ଜଣିଆ ଟିମ୍ ଶେଷ ପର୍ଯ୍ୟାୟକୁ ଚୟନ କରାଯିବ। ଏହି କ୍ୟାମ୍ପରେ ସୁବ୍ୟବସ୍ଥିତ ପ୍ରଶିକ୍ଷଣ, ଟିମ୍ ମଧ୍ୟରେ ସଠିକ୍ ସଂଯୋଜନା ସହ ସୁସ୍ଥ ଶରୀର ଓ ଚମ୍ପିୟାନସିପ୍ ଜିତିବା ନେଇ ସମସ୍ତ ପକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ସୁନ୍ଦରଗଡ଼ର ୪ ଜଣ ଦଳରେ ସ୍ଥାନ ପାଇଥିବା ଖବର ମିଳିବା ପରେ ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରୁଦ୍ରନାରାୟଣ ସାହୁ ଚନ୍ଦ୍ରଶେଖର କ୍ରୀଡା ସଂଗଠନର କାର୍ଯ୍ୟକାରୀ ସଦସ୍ୟ ଥିବା ବେଳେ ତାଙ୍କ ଚୟନ ସଂଗଠନର ଖୁସିକୁ ଦ୍ୱିଗୁଣିତ କରିଛି। ତୃତୀୟ ଫେଡେରେସନ କପ୍ ରେ ସୁନ୍ଦରଗଡ଼ ଖେଳାଳି ଭଲ ଖେଳ ପ୍ରଦର୍ଶନ ସହ ଚମ୍ପିୟାନ ହେଉ ବୋଲି ଚନ୍ଦ୍ରଶେଖର କ୍ରୀଡା ସଂଗଠନ ର ସଭାପତି ସଞ୍ଜୀବ କୁମାର ନାୟକ ଓ ସାଧାରଣ ସମ୍ପାଦକ ଦେବଦତ୍ତ ଜେନାଙ୍କ ସମେତ ସମସ୍ତ ସୁନ୍ଦରଗଡ଼ବାସୀ ଉତ୍ସୁକତାର ସହ ଚାହିଁ ରହିଛନ୍ତି।

## ରାଉରକେଲା ସାହିତ୍ୟ ସଂସଦର ଶିଶୁ ମହୋତ୍ସବ



ରାଉରକେଲା, ୧୨।୯ (ସମିସ): ରାଉରକେଲା ସାହିତ୍ୟ ସଂସଦର ତ୍ରୈମାସିକ ଶିଶୁ ମହୋତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ କଲ୍ୟାଣୀ ଦେବୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ରଜନୀକାନ୍ତ ମିଶ୍ର ଯୋଗଦେଇ କିଶୋର କିଶୋରୀମାନେ ଏବେଠୁ ଆଧ୍ୟାତ୍ମିକତାବାଦୀ ହୋଇ ପ୍ରଥମେ ନିଜ ଘରୁ ପିତାମାତାଙ୍କୁ ଚଳନ୍ତି ଈଶ୍ୱର ମନେ କରି ପୂଜା କରିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗୋବିନ୍ଦ ଚନ୍ଦ୍ର ମିଶ୍ର ତାଙ୍କ ବକ୍ତବ୍ୟରେ କହିଲେ, ପ୍ରଥମେ ନିଜ ଘରେ ପିତାମାତା ଯଦି ପିଲାମାନଙ୍କୁ ନୈତିକ ଶିକ୍ଷା ଦିଅନ୍ତି ତେବେ ଏହା ସମୟକ୍ରମେ ପିଲାମାନଙ୍କ ମଧ୍ୟରେ ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶରେ ସହାୟକ ହେବା ସହିତ ସମାଜ ମଙ୍ଗଳରେ ଆସନ୍ତା। ଅନ୍ୟତମ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିମ୍ବାଧର ପାଢ଼ୀ କହିଲେ ପୁରାଣ ଯୁଗରୁ ଆରମ୍ଭ ହୋଇଥିବା ଗୁରୁକୁଳ ଶିକ୍ଷା ଠାରୁ ଆରମ୍ଭ କରି ବର୍ତ୍ତମାନର ଶିକ୍ଷା ପଦ୍ଧତିର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। ସଂସଦର ସଭାପତି ଅନିଲ କୁମାର ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇ ରାଉରକେଲା ସାହତ୍ୟ ସଂସଦ ହିନ୍ଦୀ ମାଧ୍ୟମ ଉଚ୍ଚ ବଦ୍ୟାଳୟ ଏଭଳି କାର୍ଯ୍ୟକ୍ରମ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ। ସଂସଦର ସାଧାରଣ ସମ୍ପାଦକ ବିଜୟ କୁମାର ସାହୁ ସମ୍ପାଦକୀୟ ପାଠ କରିଥିବାବେଳେ ସଂସଦର ରାଜ୍ୟ ସଂଯୋଜକ ନିରଞ୍ଜନ କରଣ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୨୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୧.୮୫ କୋଟିର ସାଇବର ଠକେଇ ମାମଲା

# ଉତ୍ତରପ୍ରଦେଶରୁ ଅଭିଯୁକ୍ତ ଗିରଫ; କମ୍ପାନୀ ଖାତାକୁ ଫେରିଲା ୧. ୧୪ କୋଟି ଟଙ୍କା

ରାଉରକେଲା, ୧୨।୯ (ସମିସ)

ଅନ୍‌ଲାଇନ୍ ଆର୍ଥିକ ଠକେଇ ବିରୋଧରେ ସୁନ୍ଦରଗଡ଼ ସାଇବର କ୍ରାଇମ୍ ଆଣ୍ଡ ଇକୋନୋମିକ୍ ଅଫେନ୍ସେସ୍ ଥାନାକୁ ଏକ ବଡ଼ ସଫଳତା ମିଳିଛି। ମେସର୍ସ ଗୋବିନ୍ଦମ୍ ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସୁନ୍ଦରଗଡ଼ ଏକ ବିଜନେସ୍ ଇ-ମେଲ୍ କମ୍ପ୍ରୋମାଇଜ୍ (ବିଇସି) ଠକେଇର ଶିକାର ହୋଇ ପ୍ରାୟ ୧ କୋଟି ୮୫ ଲକ୍ଷ ଟଙ୍କା ହରାଇଥିବା ଘଟଣାରେ ପୁଲିସ ତଦନ୍ତ କରି ଠକେଇର ଶିକାର ହୋଇଥିବା କମ୍ପାନୀର ୧ କୋଟି ୧୪ ଲକ୍ଷ ୮୮ ହଜାର ୬୩ ଟଙ୍କା ୫୨ ପଇସା ଉଦ୍ଧାର କରି ତାହାର ବ୍ୟାଙ୍କ ଖାତାକୁ ଫେରାଇ ଦେଇଥିବା ଜଣାପଡ଼ିଛି।

ଏହି ଘଟଣା ସମ୍ପର୍କରେ ସାଇବର କ୍ରାଇମ୍ ଆଣ୍ଡ ଇକୋନୋମିକ୍ ଅଫେନ୍ସେସ୍ ଥାନାରେ ମାମଲା ରୁଜୁ ହୋଇଥିଲା। ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସାଇବର ଥାନା ଅଧିକାରୀ ମୁକେଶ କୁମାର ସାହାଣୀ ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

ପୁଲିସର ସୂଚନା ଅନୁଯାୟୀ, ଠକମାନେ ଏକ ଅଧିକୃତ ବ୍ୟକ୍ତିଙ୍କ ପରିଚୟଦେଇ ଏକ ଜାଲିଆତିପୂର୍ଣ୍ଣ ଇ-ମେଲ୍ ପଠାଇଥିଲେ। ଏହା ମାଧ୍ୟମରେ କମ୍ପାନୀକୁ ପ୍ରଭାବିତ କରି ବ୍ୟାଙ୍କ ଖାତାର ବିବରଣୀ ପରିବର୍ତ୍ତନ କରାଇଥିଲେ। ଏହାପରେ ଟ.୬୫, ୫୭, ୪୩୬ ଓ ଟ.୧, ୧୯, ୮୮, ୦୦୦ ଟଙ୍କାର ଦୁଇଟି ଠକେଇପୂର୍ଣ୍ଣ ଆରଟିଜିଏସ ଟ୍ରାଞ୍ଜାକ୍ସନ୍ ମାଧ୍ୟମରେ ମୋଟ ୧, ୮୫, ୪୫, ୪୩୬ ଟଙ୍କା ଏକ ସନ୍ଦିଗ୍ଧ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଇଥିଲା।

ତଦନ୍ତ ସମୟରେ ପୁଲିସ ୧, ୧୪, ୮୮, ୦୬୩.୫୨ କୋଟି ଟଙ୍କା ଚିହ୍ନଟ କରି ସମ୍ପୃକ୍ତ ବ୍ୟାଙ୍କ ଖାତାରେ ଫ୍ରିଜ୍ କରିଥିଲା। ପରେ ସୁନ୍ଦରଗଡ଼ର ଏସଡିଜିଏମଙ୍କ ଦ୍ୱାରା ଅଗଷ୍ଟ ୧୪ରେ ରିପୋର୍ଟ ପ୍ରଦାନ କରାଯାଇଥିବା ଆଦେଶ ଆଧାରରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ସମ୍ପନ୍ନ କରାଯାଇ ଉକ୍ତ ଟଙ୍କା ଠକେଇର ଶିକାର ହୋଇଥିବା କମ୍ପାନୀର ବ୍ୟାଙ୍କ ଖାତାକୁ ଫେରାଇ ଦିଆଯାଇଛି।

ତଦନ୍ତରୁ ଏହି ସାଇବର ଠକେଇରେ ଉତ୍ତରପ୍ରଦେଶର ହାପୁର ଜିଲ୍ଲାର ୨୬ ବର୍ଷୀୟ ଜୁବୈର ଖାନ୍‌ର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଗତ ୯ ତାରିଖ ଦିନ ଉତ୍ତରପ୍ରଦେଶ ପୁଲିସର ସହଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ଗିରଫ ସମୟରେ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ମୋବାଇଲ୍ ଫୋନ୍, ସିମ୍ କାର୍ଡ ଏବଂ ଅନ୍ୟାନ୍ୟ ଦଲିଲପତ୍ର ଜବତ କରାଯାଇଛି।

ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶର ସମ୍ପୃକ୍ତ ଅଦାଲତରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡ ହାସଲ କରାଯିବା ପରେ ତାଙ୍କୁ ଆଜି ସୁନ୍ଦରଗଡ଼ ଅଣାଯାଇଥିଲା। ଏଠାରେ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇ ସୁନ୍ଦରଗଡ଼ର ଏସଡିଜେଏମଙ୍କ ଅଦାଲତରେ ହାଜର କରାଯାଇ ନ୍ୟାୟିକ ହେପାଜତ ପାଇଁ ଆବେଦନ କରାଯାଇଛି। ସାଇବର ଠକେଇରେ ସମ୍ପୃକ୍ତ ଅନ୍ୟ ସହଯୋଗୀମାନଙ୍କୁ ଚିହ୍ନଟ କରି ଗିରଫ କରିବା ସହ ଏପର୍ଯ୍ୟନ୍ତ ଉଦ୍ଧାର ହୋଇନଥିବା ଅର୍ଥରାଶି ଠାବ କରିବା ପାଇଁ ତଦନ୍ତ ଜାରି ରହିଛି।

## ଚୋରି ମାମଲାର ପର୍ଦ୍ଦାଫାସ୍; ବୃଦ୍ଧାଙ୍କ ସମେତ ୪ ଗିରଫ

ରାଉରକେଲା, ୧୨।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁରରେ ଘରେ କବାଟ ଭାଙ୍ଗି ଚୋରି ମାମଲାର ପର୍ଦ୍ଦାଫାଶ କରିଛି ପୁଲିସ। ରାଇବୋଗା ରୋଡ୍‌ରେ ଘଟିଥିବା ଏହି ଚୋରି ମାମଲାରେ ଜଣେ ବୃଦ୍ଧାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି ପୁଲିସ। ସେମାନଙ୍କ ନିକଟରୁ ଚୋରି ହୋଇଥିବା ସୁନା ଓ ରୁପା ଅଳଙ୍କାର, ଗୋଟିଏ ଲାପଟପ୍ ଏବଂ କିଛି ଚୋରି ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୁଆଁରମୁଣ୍ଡା ମସଜିଦ ମହଲାର ଆୟନ ଆଲାମ(୨୦), ବୀରମିତ୍ରପୁର କୋଏଲ ଦଫାଇର ରାହୁଲ ମହାନନ୍ଦିଆ(୩୩), କୁଆଁରମୁଣ୍ଡା ସିଟି ସ୍କୁଲ ରୋଡର ପ୍ରଭାବତୀ ଦେବୀ (୬୦) ଏବଂ ବୀରମିତ୍ରପୁର ବନମୁଣ୍ଡା ଦଫେଇର ସେବତୀ ପ୍ରଧାନ (୪୫)।

ଗତ ସେପ୍ଟେମ୍ବର ୯ ତାରିଖରେ ରାଇବୋଗା ରୋଡ୍‌ରେ ଘରେ ଚୋରି ହୋଇଥିବା ନେଇ ବିରମିତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା।

ଅଭିଯୋଗକାରୀ ଓ ତାଙ୍କ ପରିବାର ସେପ୍ଟେମ୍ବର ୫ ତାରିଖରେ ଘରେ ତାଲା ପକାଇ କୋଲକାତା ଯାଇ ୯ ତାରିଖରେ ଘରକୁ ଫେରିବା ପରେ ଭେଣ୍ଟିଲେଟର ଭାଙ୍ଗି ଦୁର୍ବୃତ୍ତ ଘରେ ପଶି ସୁନା ଓ ରୁପା ଅଳଙ୍କାର, ଗୋଟିଏ ଲାପଟପ୍ ଏବଂ ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ଚୋରି କରି ନେଇଥିଲେ। ବିରମିତ୍ରପୁର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# କେନାଲ ନିକଟରୁ ମହିଳାଙ୍କ ମୃତଦେହ ଉଦ୍ଧାର

**କୋକସରା, ୧୨।୯ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଧୀନ ଲଡୁଗାଁ ପିତବାସପୁର କେନାଲ ବ୍ରିଜ୍ ନିକଟରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତା ମହିଳା ଜଣକ ଜୟପାଟଣା ଥାନା ଅଧୀନ ସିଲେଇଜୋର ଗ୍ରାମର ଦସାଇ ମାଝୀ(୪୦) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୃତା ଦସାଇ ଗତ ବୁଧବାର ଦିନଠାରୁ ନିଖୋଜ ହୋଇଯାଇ ଥିଲେ। ପରିବାର ଓ ସମ୍ପର୍କୀୟମାନେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ପିତବାସପୁର କେନାଲ ବ୍ରିଜ୍ ନିକଟରେ ଏକ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ କୋକସରା ଥାନା ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ କେନାଲରୁ ଉଦ୍ଧାର କରିଥିଲେ। ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୂଚନାଯୋଗ୍ୟ ଯେ, ମୃତା ଦସାଇଙ୍କ ସ୍ୱାମୀର ପୂର୍ବରୁ ଦେହାନ୍ତ ହୋଇସାରିଥିବାବେଳେ ସେ ବାପା ଘର ଜାମଚୁଆଁ ଓ ଶ୍ୱଶୁର ଘର ସିଲେଇଜୋର ମଧ୍ୟରେ ଯିବାଆସିବା କରୁଥିଲେ। ଗତ ବୁଧବାର ସେ କୌଣସି କାରଣବଶତଃ ମେଗାଲିଫ୍ଟ କେନାଲ ପାଣିରେ ଭାସିଯାଇଥିବା ଅନୁମାନ କରାଯାଉଛି। ତାଙ୍କର ଦୁଇ ପୁଅ ଓ ଜଣେ ଝିଅ ଅଛନ୍ତି। ପୁଲିସ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ସରକାରୀ କ୍ୱାର୍ଟର୍ସରେ ପଶିଲା ପାଣି; ଘର ଛାଡ଼ିଲେ କର୍ମଚାରୀ



**ଖଡ଼ିଆଲ, ୧୨।୯ (ସମିସ):** ବର୍ଷା ହେଲେ ଲୋକେ ଘରେ ଆଶ୍ରୟ ନିଅନ୍ତି। କିନ୍ତୁ ଖଡ଼ିଆଲ ବିଜ୍ଞାପିତ ଅଞ୍ଚଳରେ ଚିତ୍ର ଓଲଟା। ଏଠାରେ କୃଷି ବିଭାଗର ସରକାରୀ କ୍ୱାର୍ଟର୍ସ ହିଁ ବର୍ଷା ପାଣିର ଘେରାରେ। ଘର ଭିତରକୁ ପାଣି ପଶିଯିବାରୁ କୃଷି ବିଭାଗର କିଛି କର୍ମଚାରୀ କ୍ୱାର୍ଟର୍ସର୍ ଛାଡ଼ି ଅନ୍ୟତ୍ର ରହିବାକୁ ବାଧ୍ୟ ହୋଇଛନ୍ତି। ଖଡ଼ିଆଲ ବିଜ୍ଞାପିତ ଅଞ୍ଚଳର ୱାର୍ଡ ନମ୍ବର ୧ରେ ଥିବା କୃଷି ବିଭାଗ କଲୋନିରେ ବର୍ଷା ହେଲେ ପାଣି ଜମି ରହୁଥିବା ଅଭିଯୋଗ ହୋଇଛି। କେତେକ କ୍ୱାର୍ଟର୍ସରେ ପ୍ରାୟ ୩ ଫୁଟରୁ ଅଧିକ ପାଣି ଜମି ରହୁଥିବାରୁ ଜୀବନ ଓ ଜିନିଷପତ୍ରର ସୁରକ୍ଷା ନେଇ କର୍ମଚାରୀମାନେ ଚିନ୍ତିତ ହୋଇ ଘର ଛାଡ଼ିଛନ୍ତି। କେବଳ କଲୋନି ନୁହେଁ, ହସ୍ପିଟାଲକୁ ଯାଉଥିବା ଏହି ରାସ୍ତାରେ ମଧ୍ୟ ପାଣି ଜମି ଯାତାୟାତ ବାଧାପ୍ରାପ୍ତ ହେଉଛି। ସମସ୍ୟା ନେଇ ବିଭିନ୍ନ ସମୟରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ନ ହେବାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଜମିଥିବା ପାଣି ନିଷ୍କାସନ ସହ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

### ରାଷ୍ଟ୍ରୀୟ ଲୋକ ଅଦାଲତ

# ୧ଲକ୍ଷ ୭୦ ହଜାର ୫୦୦ ଶହ ଟଙ୍କା ଆଦାୟ

**କେସିଙ୍ଗା, ୧୨।୯(ସମିସ):** ତାଲୁକ ଆଇନ୍ ସେବାସମିତି କେସିଙ୍ଗା ତଥା ବିଚାରପତି ଦୀପ୍ତାସେଠୀଙ୍କ ନେତୃତ୍ୱରେ କେସିଙ୍ଗା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ୨୧ ଟି ପ୍ରାକବ୍ୟାଙ୍କ ଋଣ ଜନିତ ମୋକଦ୍ଦମା ବାବଦରେ ସର୍ବମୋଟ ୧ ଲକ୍ଷ ୭୦ ହଜାର ୫ ଶହ ଟଙ୍କା ଆଦାୟ କରାଯାଇଥିବାବେଳେ ୮୬ଟି ରାଜସ୍ୱ ମାମଲାର ବିଚାର କରାଯାଇ ସର୍ବମୋଟ ୭୩ ହଜାର ୨ ଶହ ୫୭ ଟଙ୍କା ଆଦାୟ ହୋଇଥିଲା। ସେହିପରି ୩ ଟି ଏନ୍ଆଇ ଏକ୍ଟର ବିଚାର କରାଯାଇ ୬ ଲକ୍ଷ ୩୬ ହଜାର ୬ ଶହ ୨୦ ଟଙ୍କା ଆଦାୟ କରାଯାଇଥିବାବେଳେ ୧୧ ଟି ଗାଡ଼ିମଟର କେସ୍ ବାବଦରେ ୪୦ ହଜାର ୭ ଶହ ୫୦ ଟଙ୍କା ଏବଂ ୨ ଟି ଫାଇନାଲ ରିପୋର୍ଟ କେସ୍ର ବିଚାର କରାଯାଇ ଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ଗୁରୁ ପ୍ରସାଦ ବଗର୍ତ୍ତି, ସମ୍ପାଦକ ସନ୍ତୋଷ କୁମାର ଦାସ, ବରିଷ୍ଠ ଆଇନଜୀବୀ ପ୍ରକାଶ କୁମାର ଦାସ, ମନୋଜ କୁମାର ବାଗ, ସନ୍ଦୀପ କୁମାର ବାନାର୍ଜୀ, ଦିନେଶ କୁମାର ଭୋଇ, ସୌରରଶ୍ମୀ ନନ୍ଦ, ଚିତ୍ତରଞ୍ଜନ ଭୋଇଙ୍କ ସମେତ ଅନ୍ୟ ବରିଷ୍ଠ ଆଇନଜୀବୀ ଓ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ।

# ଜାତୀୟ ସଫେଇ କର୍ମଚାରୀ ଆୟୋଗ ଉପାଧ୍ୟକ୍ଷଙ୍କ ଗୋଲାମୁଣ୍ଡା ବ୍ଲକ ଗସ୍ତ



**ଗୋଲାମୁଣ୍ଡା, ୧୨।୯ ( ସମିସ):** ଓଡ଼ିଶା ଗସ୍ତରେ ଥିବା ଜାତୀୟ ସଫେଇ କର୍ମଚାରୀ ଆୟୋଗର ଉପାଧ୍ୟକ୍ଷ କୈଶବ ବିହାରୀ ଆଜି ଗୋଲାମୁଣ୍ଡା ବ୍ଲକ ପରିଦର୍ଶନ କରିଥିଲେ। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଶାସନ ପକ୍ଷରୁ ଗୋଲାମୁଣ୍ଡା ବ୍ଲକର ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ନାୟକ ଏବଂ ଅତିରିକ୍ତ ତହସିଲଦାର ଅନୁଭବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହାସହିତ ଜନପ୍ରତିନିଧି ଓ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୃଷଭ ନାଏକ, ଗୋଲାମୁଣ୍ଡା ଜୋନ ମଣ୍ଡଳ ସଭାପତି ବୈଶାକୁ କେତକୀ, ପ୍ରମୋଦ ପଧାନ, ଜୟକୃଷ୍ଣ ସାହୁ, ଜୟନ୍ତ ସିଂ, ଏବଂ ଭାଗ୍ୟବାନ ବାଗ, ଲଳିତ ମୋହନ ପଧାନ, ଅଭିମନ୍ୟୁ ଦାଶ, କେଶବ ସାହୁ, ଉମେଶ ମେହେର, ଦୁବର୍ଣ୍ଣ ମେହେର, ସନ୍ତୋଷ ସୁନାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# କେସିଙ୍ଗା ବ୍ଲକର ତିନି ଗାଁରେ 'ନୂଆ' ଖାଇଲେ ଗ୍ରାମବାସୀ

**କେସିଙ୍ଗା, ୧୨।୯ (ସମିସ)**

ଚଳିତବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ଶନିବାର କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧୀନ ପଥର୍ଲା ବହାଦୁର ପଦର ଓ ପଲକାପଡ଼ା ଗ୍ରାମବାସୀ ନୂଆଖାଇ ପାଳନ କରିଛନ୍ତି। ଏହି ପରିପେକ୍ଷୀରେ ସର୍ବପ୍ରଥମେ ପଥର୍ଲା ଗୌନ୍ତିଆ ଗାଁର ଇଷ୍ଟ ଦେବଦେବୀ ଖମ୍ବେଶ୍ୱରୀ, ଗମଖାଇ, କାଳୀସୁନ୍ଦରୀ, ବୁଢ଼ାରାଜାଙ୍କୁ ପୂଜାର୍ଚ୍ଚନା ପରେ କ୍ଷୀରି ପିଠା, ନୂଆଚୁଡ଼ା, ଖଇ, କ୍ଷୀର ଆଦି ଦେଇ ଇଷ୍ଟଦେବଙ୍କୁ ନବାନ୍ନ ଭୋଗ ଲାଗି କରିଥିଲେ। ପରେ ଗାଁ ବୟୋଜ୍ୟୋଷ୍ଠ ଲୋକ ଏବଂ ଜନସାଧାରଣ ନିଜନିଜ ପୂର୍ବ ପୁରୁଷ ଇଷ୍ଟ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି କୁରେଇ ପତ୍ରରେ ନବାନ୍ନ ଭୋଗ ଲାଗି କରିଥିଲେ। ପରେ ଗାଁ ଗୌନ୍ତିଆ ପରିବାରଙ୍କ ସମେତ ପଥର୍ଲା ବହାଦୁର ପଦର ଏବଂ ପଲକାପଡ଼ା ଲୋକେ ନିଜ ନିଜ ପରିବାର ସହ ଏକତ୍ରିତ ହୋଇ ନବାନ୍ନ ଭକ୍ଷଣ କରିଥାନ୍ତି। ପରିବାରରେ ଛୋଟମାନେ ବଡ଼ ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଏହି ପରମ୍ପରା ଯେତିକି ମଜଭୁତ ଇତିହାସ ମଧ୍ୟ ସେତିକି ରୋଚକ। ବର୍ଷପୂର୍ବରୁ ନାଗବଂଶ ରାଜାଙ୍କ ଶାସନ କାଳରୁ ପଥର୍ଲା ଗାଁ ଲୋକେ ସର୍ବ ପ୍ରଥମେ ନୂଆଖାଇ ପାଳନ କରି ଆସୁଛନ୍ତି। ସୂଚନା ଥାଉକି କଳାହାଣ୍ଡିରେ



ଦୀର୍ଘ ବର୍ଷ ପୂର୍ବେ ନାଗବଂଶୀୟ ରାଜାଙ୍କ ଶାସନ ଚାଲୁଥିଲା; ହେଲେ ସେହି ସମୟରେ ନାଗବଂଶ ରାଜା ତୀର୍ଥ ଯାତ୍ରା ପାଇଁ ଯାଇଥିଲେ। ରାଜା ରାଜ୍ୟ ବାହାରେ ଥିବା ଜାଣି ଗଙ୍ଗବଂଶୀୟ ରାଜା ହଠାତ ନାଗ ବଂଶୀୟ ରାଜାଙ୍କ ରାଜ୍ୟରେ ଆକ୍ରମଣ କରିଥିଲେ। ତେଣୁ ଦୁହିଁରାଜାଙ୍କ ମଧ୍ୟରେ ଦୀର୍ଘଦିନ ଯୁଦ୍ଧ ହୋଇଥିଲା। ସେହି ସମୟରେ ତତ୍କାଳୀନ ପଥର୍ଲା ଗୌନ୍ତିଆ ଯଦୁମଣି ମାଝୀ ନାଗ ବଂଶୀୟ ରାଜାଙ୍କୁ ଯୁଦ୍ଧରେ ସାହାଯ୍ୟ କରିଥିଲେ ଏବଂ ଯୁଦ୍ଧରେ ବିଜୟ ମୁକୁଟ ପିନ୍ଧାଇ ଥିଲେ। ତେବେ ପଥର୍ଲା ଗୌନ୍ତିଆଙ୍କୁ ନାଗ ବଂଶୀୟ ରାଜା ନିଜ ଇଚ୍ଛା ଅନୁସାରେ କିଛି ଉପହାର ଦେବାକୁ ଚାହିଁଲେ। କିନ୍ତୁ ଗୌନ୍ତିଆ କୌଣସି ଧନ ସମ୍ପତିକୁ ଲୋଭ ନ କରି ସର୍ବ ପ୍ରଥମେ ପଶ୍ଚିମ ଓଡ଼ିଶାର ନୂଆଖାଇ ପର୍ବ ସେ ପାଳନ କରିବେ ବୋଲି ରାଜାଙ୍କୁ ନିଜ ଇଚ୍ଛା ପ୍ରକାଶ କରିଥିଲେ। ରାଜା ମଧ୍ୟ ପଥର୍ଲା ଗୌନ୍ତିଆଙ୍କୁ ଯୁଗଯୁଗ ଧରି ସର୍ବ ପ୍ରଥମେ ନୂଆଖାଇ ପାଳନ ପାଇଁ ଏକ ତାମ୍ର ପାତ୍ରରେ ଲିଖିତ ପ୍ରଦାନ କରିଥିଲେ। ତେଣୁ ଏହି ଗାଁରେ ସର୍ବ ପ୍ରଥମେ ନୂଆଖାଇ ପାଳନ ହୋଇଥାଏ ବୋଲି ବୟୋଜ୍ୟୋଷ୍ଠ ଲୋକମାନେ କୁହନ୍ତି।

# ବିକଶିତ ଓଡ଼ିଶା ବିକଶିତ ଗାଁ ଅନୁଦାନ ବଣ୍ଟନରେ ଅନିୟମିତତା ଅଭିଯୋଗ

**କର୍ଲାମୁଣ୍ଡା, ୧୨।୯(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ 'ବିକଶିତ ଓଡ଼ିଶା ବିକଶିତ ଗାଁ' ଯୋଜନାରେ ଅନୁଦାନ ବଣ୍ଟନକୁ ନେଇ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ବ୍ଲକର ୧୨ଟି ପଞ୍ଚାୟତ ପାଇଁ ମୋଟ ୨ କୋଟି ୮୩ ଲକ୍ଷ ୪ ହଜାର ୬୨୫ ଟଙ୍କାର ଅନୁଦାନ ପାଣ୍ଠି ସ୍ଥିର ହୋଇଥିବା ଜଣାପଡ଼ିଛି। ଜନସଂଖ୍ୟା ଆଧାରରେ ଅନୁଦାନ ନିର୍ଦ୍ଧାରଣ ହେଉଥିବାବେଳେ ବିଭିନ୍ନ ପଞ୍ଚାୟତକୁ ଦିଆଯାଇଥିବା ଅନୁଦାନକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ତେରେସିଙ୍ଗା ପଞ୍ଚାୟତର ଜନସଂଖ୍ୟା ୫୦୪୫ ଥିବାବେଳେ ୧୫ ଲକ୍ଷ, କର୍ଲାମୁଣ୍ଡା ପଞ୍ଚାୟତର ଜନସଂଖ୍ୟା ୪୪୩୯ ଅନୁସାରେ ପ୍ରାୟ ୨୧ ଲକ୍ଷ ୫୫ ହଜାର ୪୪୩ ଟଙ୍କା ହେବାକୁ ଥିବା ସତ୍ତ୍ୱେ ୬୦ ଲକ୍ଷ ଟଙ୍କା ଅନୁଦାନ ପାଇଁ ସୁପାରିଶ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସେହିପରି ରାଜପୁର ପଞ୍ଚାୟତର ୪୮୦୧ ଜନ ସଂଖ୍ୟା ଅନୁଯାୟୀ ୨୩ ଲକ୍ଷ ୩୧ ହଜାର ୨୦୭ ଟଙ୍କାରୁ ୧୮ ଲକ୍ଷ ୪ ହଜାର ୬୬୫ ଟଙ୍କା, ରିଶିଡାର ଜନ ସଂଖ୍ୟା ୪୪୮୬ ପାଇଁ ୨୧ ଲକ୍ଷ ୭୮ ହଜାର ୨୫୪ ଟଙ୍କାରୁ ୧୮ ଲକ୍ଷ, ପୌରକେଲା ଜନ ସଂଖ୍ୟା ୪୬୬୫ କୁ ୨୨ ଲକ୍ଷ ୬ ହଜାର ୫୧୭ ରୁ ୧୫ ଲକ୍ଷ, ଗଜବାହାଲ ର ଜନ ସଂଖ୍ୟା ୬୭୪୨ ପାଇଁ ୩୨ ଲକ୍ଷ ୬୮ ହଜାର ୮ ୩୭ରୁ ୩୧ ଲକ୍ଷ ୫୦ ହଜାର, ସା.ମାଲପଡ଼ା ଜନ ସଂଖ୍ୟା ୩୯୩୦ ପାଇଁ ୧୯ ଲକ୍ଷ ୮ ହଜାର ୨୮୭ କୁ ୨୧ ଲକ୍ଷ, ରିଞ୍ଜା ଜନ ସଂଖ୍ୟା ୩୬୯୪ ପାଇଁ ୧୭ ଲକ୍ଷ ୯୩ ହଜାର କୁ ୨୩ ଲକ୍ଷ ୫୦ ହଜାର, ରେଗଡ଼ା ଜନ ସଂଖ୍ୟା ୪୦୮୫ ପାଇଁ ୧୯ ଲକ୍ଷ ୮୩ ହଜାର ୫୪୧କୁ ୧୮ ଲକ୍ଷ, ସାପଲହରା ଜନସଂଖ୍ୟା ୩୦୪୧ ପାଇଁ ୧୬ ଲକ୍ଷ ୫୧ ହଜାର ୪୩୩ ରୁ ମାତ୍ର ୯ ଲକ୍ଷ, ବୋରପଦର ଜନ ସଂଖ୍ୟା ୫୮୧୫ ପାଇଁ ୨୮ ଲକ୍ଷ ୨୩ ହଜାର ୫୭୨ରୁ ୧୫ ଲକ୍ଷ ଏବଂ ଯୋରାଡବରା ପଞ୍ଚାୟତ ଜନ ସଂଖ୍ୟା ୬୩୨୫ ପାଇଁ ଅନୁମୋଦିତ ରାଶି ୩୦ ଲକ୍ଷ ୭୧ ହଜାର ୨୧୧ ରୁ ୩୯ ଲକ୍ଷ ଟଙ୍କା ଅନୁଦାନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ସୁପାରିଶ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ସାପଲହରା ଗ୍ରାମ ପଞ୍ଚାୟତକୁ ମାତ୍ର ୯ ଲକ୍ଷ ଟଙ୍କା ଅନୁଦାନ ପାଇଁ ସୁପାରିଶ କରାଯାଇଥିବାରୁ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିବା ସମବାୟ ସମିତିର ଅଧ୍ୟକ୍ଷ ଦେବରାଜ ରଣା, ସରପଞ୍ଚ ରାଜେଶ୍ୱରୀ ସେନାପତି ଓ ପୂର୍ବତନ ସରପଞ୍ଚ ପୃଥୀରାଜ ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି।

### ଲଗାଣ ବର୍ଷାରେ ଭାଙ୍ଗିଗଲା ପୋଲ

# ସଂକ୍ରିପାଲିଲତାବାଞ୍ଜି ଜଙ୍ଗଲ ରାସ୍ତାରେ ଯାତାୟାତ ବିଚ୍ଛିନ୍ନ

**ଗୋଲାମୁଣ୍ଡା, ୧୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ରେଙ୍ଗସାପାଲି ପଞ୍ଚାୟତର ସଂକ୍ରିପାଲିଠାରୁ ବଡ଼ଚେରଗାଁ ପଞ୍ଚାୟତର ଲତାବାଞ୍ଜିକୁ ସଂଯୋଗ କରୁଥିବା ଜଙ୍ଗଲ ରାସ୍ତାରେ ଲଗାଣବର୍ଷା ଯୋଗୁଁ ଜୋର ଉପରେ ଥିବା ପୋଲ ଭାଙ୍ଗିଯାଇଛି। ଫଳରେ ଏହି ରାସ୍ତାରେ ଯାତାୟତ ପ୍ରାୟ ବନ୍ଦ ହୋଇଯାଇଥିବାରୁ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ଦୁଇଟି ପଞ୍ଚାୟତକୁ ସଂଯୋଗ କରୁଥିବାରୁ ଦୈନନ୍ଦିନ ଯାତାୟତ ସହ ଲୋକଙ୍କ ବିଭିନ୍ନ ଆବଶ୍ୟକତା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। କିନ୍ତୁ ପୋଲ ଭାଙ୍ଗିଯିବା ପରେ ରାସ୍ତାରେ ଯାନବାହନ ଚଳାଚଳ ସମ୍ଭବ ହେଉନାହିଁ। ଏଥିଯୋଗୁଁ ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବା, ଚାଷୀଙ୍କ ଯାତାୟାତ ଓ ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟରେ ମଧ୍ୟ ଅସୁବିଧା



ସୃଷ୍ଟି ହେବାର ଆଶଙ୍କା ରହିଛି। ସ୍ଥାନୀୟଲୋକଙ୍କ କହିବା ଅନୁଯାୟୀ, ବର୍ଷା ଜାରି ରହିଲେ ପୋଲ ଭାଙ୍ଗିଥିବାସ୍ଥାନରେ ଜଳସ୍ରୋତ ଅଧିକ ବଢ଼ିପାରେ। ଏହାଦ୍ୱାରା ଦୁର୍ଘଟଣାର ଆଶଙ୍କା ମଧ୍ୟ ରହିଛି। ତେଣୁ ଜନସାଧାରଣଙ୍କ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଭାଙ୍ଗିଯାଇଥିବା ପୋଲ ଓ ରାସ୍ତାର ଶୀଘ୍ର ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାରୁ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ଅସ୍ଥାୟୀ ଯାତାୟତ ବ୍ୟବସ୍ଥା କରିବା ଏବଂ ପରେ ସ୍ଥାୟୀଭାବେ ପୋଲ ନିର୍ମାଣ କରିବାକୁ ଦାବିହୋଇଛି। ବର୍ଷା ପୂର୍ବରୁ ପଦକ୍ଷେପ ନିଆଯାଇ ନ ଥିଲେ ଆଗାମୀ ଦିନରେ ଯାତାୟାତ ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି। ତେଣୁ ଏହି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### କଳାହାଣ୍ଡିରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୮୦୨୨ ଟି ମାମଲାର ଫଇସଲା




**ଭବାନୀପାଟଣା, ୧୨।୯(ସମିସ):** "କଳାହାଣ୍ଡି ଜିଲ୍ଲା ବ୍ୟାପି ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଶନିବାର ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ସ୍ନିଗ୍ଧା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୮୦୨୨ ଟି ମାମଲା ଫଇସଲା କରାଯାଇଥିଲା। ଏଥିରେ ୨୩ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୨ କୋଟି ୭୦ ଲକ୍ଷ ୪୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ପାରିବାରିକ ବିବାଦ ଜନିତ ମକଦ୍ଦମା ୫ଟି ଫଇସଲା କରାଯାଇଥିଲା। ଦେୱାନୀ ମକଦ୍ଦମା ୩୭ଟି ଫଇସଲା କରାଯାଇ ୪ ଲକ୍ଷ ୧ ହଜାର ଟଙ୍କା ଆଦାୟ ଆଦାୟ କରାଯାଇଥିଲା। ବିଚାର ଯୋଗ୍ୟ ୨୨୭ଟି ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇ ୪ ଲକ୍ଷ ୩୦ ହଜାର ୪୫୫ ଟଙ୍କା ଆଦାୟ"କରାଯାଇଥିଲା। ଏହାସହ ଏନ୍ଆଇ ଆକ୍ଟ ମାମଲା(୧୩୮) ୨୬ଟି ଫଇସଲା କରାଯାଇ ୨ କୋଟି ୧୭ ଲକ୍ଷ ୯୪ ହଜାର ୨୩୭ ଟଙ୍କା ଆଦାୟ କରାଯାଇଥିଲା। ରାଜସ୍ୱ ମକଦ୍ଦମା ୬୯୮୫ ଟି ଫଇସଲା କରାଯାଇ ୧ ଲକ୍ଷ ୪୩ ହଜାର ୫୯୩ ଟଙ୍କା ଆଦାୟ କରାଯାଇଥିଲା। ୭୧୮ ଟି ପ୍ରାକ୍"ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୯୩ ଲକ୍ଷ ୬୦ ହଜାର ୪୩୨ ଟଙ୍କା ଆଦାୟ"କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଜଜ୍ ତଥା ସଦସ୍ୟ ପ୍ରଥମ ମୋଟରଯାନ ଦୁର୍ଘଟଣା ନ୍ୟାୟାଧୀକାରୀ ଅନୁପ ରଞ୍ଜନ ପଟ୍ଟନାୟକ, ପରିବାର ଅଦାଲତ ଜଜ୍, ରାଜଶ୍ରୀ"ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପଦ୍ମଲୋଚନ ବଡଜେନା ଓ ଅନ୍ୟାନ୍ୟ ମାଜିଷ୍ଟ୍ରେଟ୍ର ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ।

# ବିଜ୍ଞାନ ଓ ଶିଳ୍ପ ଗବେଷଣା ପରୀକ୍ଷାରେ ଗୌରବ ଆଣିଲେ ପ୍ରତୀକ

**ସିନାପାଲି, ୧୨।୯(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ଗ୍ରାମର ପ୍ରତୀକ କୁମାର ପଣ୍ଡା ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦ ପରୀକ୍ଷାରେ କୃତିତ୍ୱ ହାସଲ କରି ଗୌରବ ଆଣିଛନ୍ତି। ଜାତୀୟସ୍ତରରେ ୬୪ ନମ୍ବର ର୍ୟାଙ୍କ ରଖି ଗୌରବ ହାସଲ କରିଥିବାବେଳେ



ସର୍ବମୋଟ ୨୦୦ ମାର୍କ ପରୀକ୍ଷାରେ ୧୩୫.୫ ନମ୍ବର ମାର୍କ ରଖିଛନ୍ତି। ସେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ଜାତୀୟସ୍ତର ପରୀକ୍ଷାରେ କୃତିତ୍ୱ ଆଣିଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସେ ସିଙ୍ଗଝର ଗ୍ରାମର ଶରତ କୁମାର ପଣ୍ଡା ଓ ମାତା ପୁଷ୍ପାଞ୍ଜଳି ପଣ୍ଡାଙ୍କ ପୁତ୍ର ହୋଇଥିବାବେଳେ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରତୀକ କହିଛନ୍ତି।

# ଲିଙ୍ଗଗତ ସମାନତା ଚାମ୍ପିଅନ୍ ପାଠ୍ୟକ୍ରମ ଉଦ୍‌ଘାଟିତ

**ଖଡ଼ିଆଲ, ୧୨।୯ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଲ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ 'ପତଙ୍ଗ' ସଂଗଠନ ପକ୍ଷରୁ ଲିଙ୍ଗଗତ ସମାନତା ଚାମ୍ପିଅନ୍ ପାଠ୍ୟକ୍ରମର ଉଦ୍‌ଘାଟନ ହୋଇଛି। ପ୍ରଥମଥର ପାଇଁ ଛାତ୍ରଛାତ୍ରୀମାନେ ଅନଲାଇନ୍‌ରେ ଏହି ପାଠ୍ୟକ୍ରମରେ ଯୋଗଦେବା ସହ ଭର୍ଚୁଆଲ୍ ମୋଡ୍‌ରେ ପରୀକ୍ଷା ଦେଇପାରିବେ।ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସେ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ସମ୍ପର୍କରେ ଅବଗତ କରିବା ସହ ଏଥିରେ ଯୋଗଦେବାକୁ ପ୍ରେରଣା ଦେଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ସହକାରୀ ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଗବେଷକ ଜିତେନ୍ଦ୍ର କାଲସାଇ 'ପତଙ୍ଗ' ସଂଗଠନ ପକ୍ଷରୁ ଯୋଗଦେଇ ପାଠ୍ୟକ୍ରମର ବିଭିନ୍ନ ମଡ୍ୟୁଲ୍ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପାଠ୍ୟକ୍ରମ ସଂଯୋଜକ ତଥା ମନୋବିଜ୍ଞାନ ଅଧ୍ୟାପିକା ପ୍ରଜ୍ଞା ପରିମିତା ନାୟକ, ଇତିହାସ ବିଭାଗ ମୁଖ୍ୟ ବାସନ୍ତୀ କୁଜୁର ଓ ମନୋବିଜ୍ଞାନ ଅଧ୍ୟାପିକା ବନିତା ସେଠୀ ଉପସ୍ଥିତ ଥିଲେ। ମନୋବିଜ୍ଞାନ ଅଧ୍ୟାପିକା ପ୍ରିୟଦର୍ଶିନୀ ସା' କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୂଆପଡ଼ାରେ ପଞ୍ଚାୟତିରାଜ କାର୍ଯ୍ୟର ସମୀକ୍ଷା

# ଅନୁଦାନର ସଠିକ୍ ବିନିଯୋଗ ଓ ରାଜସ୍ୱ ସଂଗ୍ରହ ଉପରେ ଗୁରୁତ୍ୱ

**ସିନାପାଲି, ୧୨।୯ (ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ ବିଭିନ୍ନ ପଞ୍ଚାୟତିରାଜ ଯୋଜନା ଓ ପଞ୍ଚାୟତ ସମ୍ପର୍କିତ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନୂଆପଡ଼ା, କୋମନା, ଖରିଆର, ସିନାପାଲି ଓ ବୋଡେନ ବ୍ଲକର ୧୩୧ଟି ପଞ୍ଚାୟତରେ ବିଭିନ୍ନ ଯୋଜନାର ଭୌତିକ ଓ ଆର୍ଥିକ ଅଗ୍ରଗତି ସମୀକ୍ଷା କରାଯାଇଥିଲା। ବିଶେଷକରି ୧୫ତମ ଅର୍ଥ କମିଶନ ଅନୁଦାନର ବିନିଯୋଗ, ପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି, ରାଜସ୍ୱ ସଂଗ୍ରହ ଓ ଗ୍ରାମ ପଞ୍ଚାୟତର ନିରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାସ୍ତରରେ ମୋଟ ୧, ୩୭, ୯୩, ୪୬୩ ଟଙ୍କା ଦାବି ମଧ୍ୟରୁ ୧, ୨୭, ୫୫,



୮୩୬ ଟଙ୍କା ଆଦାୟ ହୋଇଥିବାବେଳେ ୧୦, ୩୭, ୬୨୭ ଟଙ୍କା ଅବଶିଷ୍ଟ ରହିଛି। ଗତ ବୈଠକ ଅନୁଯାୟୀ ଆଦାୟ ହାର ୮୯.୨୫ ପ୍ରତିଶତ ଥିବାବେଳେ ୧୧.୦୯.୨୦୨୬ ସୁଦ୍ଧା ଏହା ବୃଦ୍ଧି ପାଇ ୯୨.୪୮ ପ୍ରତିଶତରେ ପହଞ୍ଚିଛି। ସେହିପରି ଜିଲ୍ଲାସ୍ତରରେ ମୋଟ ୭୮, ୦୦୦ ଟଙ୍କା ଦାବି ମଧ୍ୟରୁ ସମ୍ପୂର୍ଣ୍ଣ ୭୮, ୦୦୦ ଟଙ୍କା ଆଦାୟ ହୋଇଥିବାରୁ ଆଦାୟ ହାର ୧୦୦ ପ୍ରତିଶତ ରହିଛି। ଚଳିତ ସେପ୍ଟେମ୍ବର ସୁଦ୍ଧା ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକରେ ମୋଟ ୭୪୮ଟି ମାର୍କେଟ କମ୍ପ୍ଲେକ୍ସ ୟୁନିଟ୍ ରହିଛି। ସେଥିମଧ୍ୟରୁ ୬୦୦ଟି ୟୁନିଟ୍ ନିଲାମ ପାଇଁ ଦିଆଯାଇଥିବାବେଳେ ୧୪୮ଟି ଅବଶିଷ୍ଟ ରହିଛି। ଗତ ବୈଠକରେ ଆଦାୟ ହାର ୮୦.୭୪ ପ୍ରତିଶତ ଥିବାବେଳେ ୧୧ତାରିଖ ସୁଦ୍ଧା ଏହା ବୃଦ୍ଧି ପାଇ ୮୩.୭୪ ପ୍ରତିଶତରେ ପହଞ୍ଚିଛି। ତେବେ ମାର୍କେଟ କମ୍ପ୍ଲେକ୍ସର ବକେୟା ଆଦାୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାପାଳ ଯୋଜନାଗୁଡ଼ିକର ସମୟୋଚିତ କାର୍ଯ୍ୟାନ୍ୱୟନ, ଅନୁଦାନର ସଠିକ୍ ବିନିଯୋଗ ଏବଂ ପଞ୍ଚାୟତସ୍ତରରେ ନିୟମିତ ତଦାରଖ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପୂର୍ବପ୍ରସ୍ତୁତି ଓ ଆବଶ୍ୟକ ପଦକ୍ଷେପ ନେଇ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ।

# ଉଦ୍ୟାନ କୃଷି ଯୋଜନାର ସମୀକ୍ଷା ବୈଠକ

**ସିନାପାଲି, ୧୨।୯ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନାର ପ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ବିଭାଗ ଅଧୀନରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନାର ଲକ୍ଷ୍ୟ ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ସମୀକ୍ଷାରୁ ଜଣାପଡ଼ିଛି ଯେ, ଜାତୀୟ ଉଦ୍ୟାନ କୃଷି ମିଶନ୍ ଏନଏଚଏମ ଅଧୀନରେ ଜିଲ୍ଲାରେ ନୂତନ ଆମ୍ବ ବଗିଚା ସ୍ଥାପନ ପାଇଁ ଧାର୍ଯ୍ୟ



୨୦ ହେକ୍ଟର ଲକ୍ଷ୍ୟ ସମ୍ପୂର୍ଣ୍ଣ ହାସଲ ହୋଇଛି। ସେହିପରି ସାଧାରଣ ଅଞ୍ଚଳରେ ହାଇବ୍ରିଡ୍ ପନିପରିବା ଚାଷ ପାଇଁ ଧାର୍ଯ୍ୟ ୩୫ ହେକ୍ଟର ମଧ୍ୟରୁ ୨୫ ହେକ୍ଟର ଲକ୍ଷ୍ୟ ହାସଲ ହୋଇଛି। ରାଜ୍ୟ ଯୋଜନା ଅଧୀନରେ ଚାଷୀମାନଙ୍କୁ ସବସିଡି ମାଧ୍ୟମରେ ଚାରା ଯୋଗାଣ କ୍ଷେତ୍ରରେ ୭, ୫୦୦ଟି ଆମ୍ବ, ୧, ୫୦୦ଟି କାଗଜି ଲେମ୍ବୁ, ୧, ୦୦୦ଟି ନଡ଼ିଆ ଓ ୫୦୦ଟି ଲିଚି ଚାରା ବଣ୍ଟନ ଲକ୍ଷ୍ୟର ସମ୍ପୂର୍ଣ୍ଣ ହାସଲ ହୋଇଛି। ସେହିପରି ଖରିଫ୍ ଋତୁରେ ହଳଦୀ ଚାଷ ପାଇଁ ଧାର୍ଯ୍ୟ ୪୦ ହେକ୍ଟର ଓ ଅଦାଚାଷ ପାଇଁ ଧାର୍ଯ୍ୟ ୩୦ ହେକ୍ଟର ଲକ୍ଷ୍ୟ ହାସଲ ହୋଇଥିବା ବେଳେ ହାଇବ୍ରିଡ୍ ପନିପରିବା ଚାଷରେ ୮୦ ହେକ୍ଟର ଲକ୍ଷ୍ୟ ବିପରୀତ ୧୬ ହେକ୍ଟର ହାସଲ ହୋଇଛି। ସମ୍ମାନିତ ଚାଷୀମାନେ ହେଲେ କୋମନା ବ୍ଲକର ସୁଚିତ୍ରା ରଣା, ବୋଡେନ ବ୍ଲକର ଅନୁରାଧା ବଞ୍ଜାରା, ଫର୍ସରା ଗ୍ରାମର ଦୁର୍ଯ୍ୟୋଧନ ରଣା, ସରଧାପୁର ଗ୍ରାମପଞ୍ଚାୟତର ଗୋଡ଼ତଲା ଗ୍ରାମର କବିତା ସାଗରିଆ, ଖରିଆର ବ୍ଲକର ଜୟନ୍ତୀ ବେହେରା ଏବଂ ନୂଆପଡ଼ା ବ୍ଲକ ଜାମପାଣି ଅଞ୍ଚଳର ବିଜୟ ମାଝୀ।। ବୈଠକରେ କୋମନା ସହାୟକ ଉଦ୍ୟାନ କୃଷି ଅଧିକାରୀ ଆରାଧନା ଶବର, କୋମନା ଉଦ୍ୟାନ କୃଷି ଅଧିକାରୀ ଗୌରାଙ୍ଗ ଚରଣ ପ୍ରଧାନ, ନୂଆପଡ଼ା ଉଦ୍ୟାନ କୃଷି ଅଧିକାରୀ ଗୋବର୍ଦ୍ଧନ ପାଢ଼ୀ, ଖରିଆର ସହାୟକ ଉଦ୍ୟାନ କୃଷି ଅଧିକାରୀ ମୋହିତ କୁମାର ନାୟକଙ୍କ ସମେତ ଉଦ୍ୟାନ କୃଷି ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଉପହାର



ରଶ୍ମି ସାମଲ



ଆଜି ହାଟରୁ ବାପା ମୋ' ପାଇଁ ନିଶ୍ଚୟ ନୂଆ ଜାମାଟେ ଆଣିବେ। ନାଲି ରଙ୍ଗ ସାଙ୍ଗକୁ ଚୁମୁକି ଲଗା ସୁନ୍ଦର ହାତକାମ ସବୁ ସେଥିରେ ହୋଇଥିବ। ସୁରିଆ ଦାଦା ଘର ରଙ୍ଗ ଆଗରେ ଯାଇ ଆଗ ଦେଖେଇ ଦେଇ ଆସିବି। ଚୁମୁକି ଲଗା ନାଲି ରଙ୍ଗ ଜାମାଟେ ପିନ୍ଧିଛି ବୋଲି ସବୁବେଳେ ମୋ ଆଗରେ ଆସି ଦେଖେଇ ହେଉଛି। ରହ ଆଜି ଖାଲି ମୋ' ବାପା ହାଟରୁ ଆସିଯାଆନ୍ତୁ। ଦେଖିବୁ ତୋ'ଠାରୁ ଆହୁରି ସୁନ୍ଦର କାମ ହୋଇଥିବ ମୋ ଜାମାରେ। ଦାଣ୍ଡରୁ ବାରି ଯାଏ ଏପଟ ସେପଟ ହେଉ ହେଉ ସାଙ୍ଗେ ସାଙ୍ଗେ ବାପାଙ୍କ ସାଇକେଲ ଶବ୍ଦ ଶୁଭିଲା।

"ମାଆ ରଞ୍ଜୁ କୁଆଡ଼େ ଗଲୁ କିରେ!" ବାପାଙ୍କ ହାତରେ ବ୍ୟାଗ୍ ଦେଖି ଜୋର୍‌ରେ ପାଖକୁ ଦୌଡ଼ିଲି। ଖୁସିରେ ବଡ଼ ପାଟିରେ ପଚାରିଲି , "ବାପା ମୋ ପାଇଁ ନୂଆ ଜାମା ଆଣିଛ ତ?" ହେଲେ ବାପା କିଛି ନ କହି ମୋ ମୁହଁକୁ ଚାହିଁ ଟିକେ ଅଧା ହସିଲେ। ସେ ହସ ଭିତରେ ମୁଁ ଗୋଟିଏ ଅଜଣା କଷ୍ଟ ଟିକେ ଦେଖିପାରିଲି। କହିଲେ- "ନାରେ, ମାଆ ଆଜି ପରା ଭାଇର ଯନ୍ତ୍ରବାକ୍ସଟା ଆଣିଲି। ନେ ତାକୁ ଦେଇଦେ। ଆର ମାସକୁ ତୋ ପାଇଁ ନିଶ୍ଚୟ ଜାମାଟେ ଆଣିଦେବି।"

ମନଟା ହଠାତ୍ ଦୁଃଖ ହୋଇଗଲା। ଆଉ କିଛି ନ କହି ଅଭିମାନରେ ମୁହଁ ଫୁଲାଇ ଘର ଭିତରକୁ ଚାଲିଗଲି। "ବୋଉ, ଏ ବୋଉ ଶୁଭୁଛି ନାଁ ନାହିଁ ବାପା ମୋତେ ବିଲକୁଲ୍ ଭଲ ପାଉନାହାନ୍ତି। ଯାହା କହିଲେ କିଛି ବି ଆଣି ଦେଉ ନାହାନ୍ତି।"

"ଆରେ ତୁ କ'ଣ ପାଗେଳିଟା ନାଁ କ'ଣ! ବାପା ତୋତେ ଯେତିକି ଭଲ ପାଆନ୍ତି ତାହା ତୁ ମାପି ପାରିବୁନି। ଶୁଣୁ ଛୋଟ ହୋଇଥିଲୁ ସାମାନ୍ୟ ଥଣ୍ଡା ଜ୍ୱର ଟିକେ ତୋତେ ହୋଇଥିଲା ତିନି ଖଣ୍ଡ ମୌଜା ଚାଲି ଚାଲି ପାରି ହୋଇ ତୋ' ପାଇଁ ଔଷଧ ଯାଇ ଆଣିଥିଲେ। ରାତି ଅନିଦ୍ରା ହୋଇ ସେମିତି ଜ୍ୱର କମିବା ଯାଏ ପାଖରେ ଜଗି ରହୁଥିଲେ। ଏବେ ଟିକେ ଅଭାବ ତାଙ୍କୁ.... ।" ଏତିକି କହୁକହୁ ବୋଉ ଆଖିରୁ ଦୁଇଧାର ଲୁହ ବହି ଆସିଲା। ସବୁ ଶୁଣି ନୀରବି ଯାଇ ଭାବିଲି ଯଦି ସମସ୍ତଙ୍କ ବାପା ନିଜ ପିଲାଙ୍କ ଇଚ୍ଛା ପୂରଣ କରି ପାରୁଛନ୍ତି, ତେବେ ମୋ' ବାପା କାହିଁକି ପାରନ୍ତି ନାହିଁ? ବୋଧ ହୁଏ କିଛି ବିଶେଷ କାରଣ ହୋଇପାରେ।

ହଁ, ଆମେ ପରା ଭାଇଭଉଣୀ ଚାରିଜଣ। ବାପାଙ୍କ ରୋଜଗାର ବହୁତ ଅଧିକ ବି ନୁହେଁ। ଛୋଟ ଚାକିରିଟିଏ କରି ଯାହା ରୋଜଗାର ହେଉଛି ସେଥିରେ ଆମ ଚାରିଜଣଙ୍କ ପାଠପଢ଼ା, ଖାଇବା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବନ୍ଧୁବାନ୍ଧବ ଚଳାଇବା ବହୁତ କଷ୍ଟ ହେଉଛି। ସବୁ ବୁଝିଲି ଯେ, ତଥାପି ଅଭିମାନରେ ସେଦିନ ରାତିରେ ବାପାଙ୍କ ସହ କଥା ହେଲି ନାହିଁ। ଖାଇବା ବେଳେ ମୁହଁ ଫୁଲାଇ ବସିଥିଲି। ବାପା ଦୁଇଥର ମୋତେ ଡାକିଲେ, "ମାଆ ରଞ୍ଜୁ କ'ଣ ହେଲା ଖାଉନୁ କାହିଁକି?"

ମୁଁ କିଛି କହିଲି ନାହିଁ। ବୋଉ ମୋ' ମନ କଥା ବୁଝିପାରିଥିଲା। ଧୀରେ କହିଲା, "ଜାମା ଆସିନି ବୋଲି ତୁ ରାଗିଛୁ?"

ମୁହଁଟାକୁ ବୁଲାଇ କହିଲି, "ହଁ।"

କିଛି ସମୟ ପରେ ମୁଁ ଦେଖିଲି ବାପା ଘରର ଗୋଟେ କୋଣରେ ଯେଉଁଠି ଚାଉଳ ଘୁମ ରଖା ହୋଇଥିଲା ସେଠି ବସି ନିଜ ପୁରୁଣା ପର୍ସଟି ଖୋଲି ଟଙ୍କା ଗଣୁଛନ୍ତି। ଆଖିରେ ଦେଖାଯାଉଥାଏ ମେଞ୍ଚାଏ ଚିନ୍ତା। କିଛି ସମୟ ପରେ ସେ ଦୀର୍ଘନିଶ୍ୱାସ ଛାଡ଼ି ପର୍ସଟି ବନ୍ଦ କରିଦେଲେ। ମୋ ମନରେ ପ୍ରଶ୍ନ ଉଠିଲା ବାପା ଏତେ ଚିନ୍ତିତ କାହିଁକି?

ପରଦିନ ସକାଳେ ବାପା ମୋତେ ସ୍କୁଲ୍ ଯିବା ପାଇଁ ଟଙ୍କା ଦେବା ବେଳେ କହିଲେ, "ରଞ୍ଜୁ, ଏହି ମାସର ସ୍କୁଲ ଫି' ନେ ଦେଇ ଦେବୁ ନଚେତ୍ ତୋ ନାଁ କଟିଯିବ। ଏବେ ତୋ ଭାଇର ନୂଆ ବହି ମଧ୍ୟ କିଣିବାକୁ ହେବ। ସାନ ଭଉଣୀର ସ୍କୁଲ୍ ଡ୍ରେସ୍‌ଟା ଛୋଟ ହୋଇଯାଇଛି ତା'ର ତିଆରି କରିବାକୁ ହେବ। ଧାନ ବିଲରେ ସାର ପଡ଼ିବ। ଦୋକାନୀ ଆମକୁ ବାକିରେ କିଛି ଦେବେ ନାହିଁ। ତୁ ମୋତେ ଖାଲି ଟିକେ ସମୟ ଦେ। ସୁବିଧା ଦେଖି ତୋ' ପାଇଁ ଭଲ ଜମାଟିଏ ନିଶ୍ଚୟ ଆଣି ଦେବି।"

ଏ ସବୁ କଥା ଶୁଣି ମୋ' ମନଟା କାହିଁ ଥରି ଉଠିଲା। ବାପାଙ୍କ ମୁହଁକୁ ଚାହିଁ ମୁଁ ପ୍ରଥମ ଥର ପାଇଁ ତାଙ୍କ କ୍ଲାନ୍ତିକୁ ଦେଖିଲି। ତାଙ୍କ ପାଦରେ ପୁରୁଣା ଚପଲ ଦେହରେ ସେହି ଫିକା ହୋଇଯାଇଥିବା ସାର୍ଟ ଖଣ୍ଡିଏ। ଖଣ୍ଡିଆ ଦଦରା ସାଇକେଲଟି ସେମିତି କଁ କଁ ଡାକ ଛାଡୁଛି।

ଆମ ଚାରିଜଣଙ୍କ ଭବିଷ୍ୟତ ପାଇଁ ସେ ନିଜର ଛୋଟ ଛୋଟ ଇଚ୍ଛାକୁ ସଦା ତ୍ୟାଗ କରିଆସୁଛନ୍ତି। ମୋ ଆଖିରେ ଲୁହ ଆସିଗଲା। ମୁଁ ବାପାଙ୍କ ପାଖକୁ ଯାଇ ତାଙ୍କ ହାତ ଧରି କହିଲି, "ବାପା ମୋର ଜାମା ଦରକାର ନାହିଁ। ମୁଁ ଆଉ ଅଭିମାନ କରିବି ନାହିଁ। ତୁମେ ଆମ ଚାରିଜଣଙ୍କୁ ପାଠ ପଢ଼ାଅ ସେଇଟା ହିଁ ମୋ' ପାଇଁ ସବୁଠୁ ବଡ଼ ଉପହାର।"

ବାପା ମୋ' ମୁଣ୍ଡକୁ ନିଜ ଛାତିରେ ଜାକି ଧରିଲେ। ତାଙ୍କ ଆଖିରୁ ମଧ୍ୟ ଦୁଇ ଧାର ଲୁହ ଝରିପଡ଼ିଲା।

ସେଦିନ ମୁଁ ବୁଝିଲି ବାପା ମୋ ଇଚ୍ଛା ପୂରଣ କରି ନଥିଲେ ବୋଲି ତାଙ୍କ ଭଲ ପାଇବା କମି ଯାଇ ନଥିଲା। ସେଦିନର ଅଭିମାନ ଆଜି ମୋ ପାଇଁ ଗୋଟିଏ ଶିକ୍ଷା ହୋଇ ରହିଗଲା। ବାପାଙ୍କ ହାତରେ ଟଙ୍କା କମ୍ ଥାଇପାରେ, କିନ୍ତୁ ତାଙ୍କ ହୃଦୟରେ ପିଲାମାନଙ୍କ ପାଇଁ ଭଲପାଇବା କେବେ କମ୍ ହୁଏ ନାହିଁ। ସେ ଆମକୁ ଦାମୀ ଜିନିଷ ଦେଇପାରି ନଥିଲେ, କିନ୍ତୁ ଆମ ଜୀବନକୁ ସୁନ୍ଦର କରିବା ପାଇଁ ନିଜ ସମସ୍ତ ସ୍ୱପ୍ନକୁ ଆମ ପାଦତଳେ ବିଛାଇ ଦେଇଥିଲେ। ଆଜି ବି ସେଦିନଟି ମନେ ପଡ଼ିଲେ ମୋ ଆଖି ଓଦା ହୋଇଯାଏ। ଚୁମୁକି ଲଗା ଜାମା ପାଇଁ ଯେଉଁ ବାପାଙ୍କ ଉପରେ ମୁଁ ଅଭିମାନ କରିଥିଲି ସେହି ବାପା ହିଁ ମୋ ଜୀବନର ସବୁଠୁ ମୂଲ୍ୟବାନ ଉପହାର। ■

ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

# ତୁମେ

ଅଖିଳ କୁମାର ମିଶ୍ର



ତୁମେ ମୋ' ପ୍ରତ୍ୟେକ ଶିରାରେ ଓ ନିଶ୍ୱାସରେ,
ଘର କରି ରହିଛ,
ତୁମର ନାମ ଶରୀରରେ ଯେପରି ଅଛି ଓ ସଙ୍ଗୀତରେ
ଠିକ୍ ସେହିପରି ତୁମର ଶବ୍ଦରେ ମୋର ହୃଦୟ ଉଠୁଛି...
ପ୍ରତ୍ୟେକ ନୃତ୍ୟରେ, ମୁଁ କେବଳ ତୁମକୁ ଦେଖେ-
ଜୀବନକୁ ଚହଲି ଯାଉଥିବାର ଛବି ମାପେ।
ଭଲପାଏ ବୋଲି ଶବ୍ଦଟି ଆଉ ଦୂର ନୁହେଁ,
ଦୂର ନୀରବତାରେ ମଧ୍ୟ ମୁଁ ତୁମର ନାମ ନେଉଛି
ଓ ଆକର୍ଷଣରେ ହଜି ଯାଉଛି।
ଏବେ ଦର୍ପଣ ମଧ୍ୟ କହୁଛି,
ଏହି ମୁହଁ ମୋର, କିନ୍ତୁ ଆଲୋକ ତୁମର...
ପ୍ରୀତିର ପ୍ରାଚୁର୍ଯ୍ୟ ତମ ମନ ଓ ଚେହେରାରେ।
ଯଦିଓ ମୁଁ ନିଜକୁ ସମ୍ପୂର୍ଣ୍ଣ ବୋଲି ଭାବୁଛି,
ମୁଁ କିଛି ନୁହେଁ, ସବୁଠି ମୁଁ ତୁମକୁ ହିଁ ଭାବୁଛି...
ମୁଁ ତୁମକୁ, ମୋ' ଆତ୍ମାରେ,
ଏପରି ଭାବରେ ସ୍ଥାପିତ କରିଛି ଯେ,
ଏହାର ପ୍ରତ୍ୟେକ ଅଂଶ ତୁମର...
ମୁହାଣରେ ମିଶିଥିବା ସାଗର ଓ ନଦୀ ପରି,
ତୁମେ ଓ ମୁଁ ଏକାକାର। ■

ଅତିରିକ୍ତ ମହାନିର୍ଦ୍ଦେଶକ
ପତ୍ର ସୂଚନା ବ୍ୟୁରୋ
ଭାରତ ସରକାର, ଭୁବନେଶ୍ୱର



# ଆକାଶ ପରି ନିବିଡ଼



ନୃସିଂହ ତରାଇ



ତା' ହାତ ପାହାନ୍ତାରେ
ମୋ ଆଖିର ଅନେଶତ ଇଚ୍ଛା
ମାଗୁଥାନ୍ତି ମୋକ୍ଷ
ମାଟିରେ ନିଗୁଡୁଥାଏ
ପାହାନ୍ତିର ପ୍ରତିବିମ୍ବ
ଆକାଶ ସଂଚରୁ ଥାଏ ମୋ ଦେହ,
ଚେତନା ଓ ଭାବ ସମୁଦ୍ରରେ ।

ସକାଳର ସଫେଦ ମୁହଁରେ
ଫୁଟେ କଇଁଫୁଲିଆ ହସ
ପ୍ରେମର ସୋରିଷ କ୍ଷେତରେ
ଆକାଶର ଅଭିସାର ।
ଧୂଳିରେ ସଜାଅ କି ଫୁଲରେ ସଜାଅ
ଆକାଶ ଚିରକାଳ ପ୍ରେମିକର ।

ଆକାଶ ଆଖିରେ
ସ୍ୱପ୍ନର ସମ୍ମୋହନ, ବେପଥୁ ବିରହ
ଝଲସୁ ଥାଏ ଝଲମଲ
ପ୍ରେମର ନୈବେଦ୍ୟ,
ନିବିଡ଼ତାର ଝରା ଫୁଲ।

ଆକାଶରେ ସ୍ୱପ୍ନ ସଜାଉଚି କେଉଁ
ଦୂର ବଣ ପାହାଡ଼ି ଝିଅର
ଦ୍ରାବିଡ଼ ଯୌବନ,
ମହୁଲ ଫୁଲର ବାସ୍ନାରେ ମହମହ ଜହ୍ନର
ଆଲୁଅ,
ତାରା ଖଚିତ ତାଳ ବଣ।

ମାଟିରେ ନିବନ୍ଧିତ ଚିରକାଳ ମୁଁ
ମାଟିର ବାସ୍ନା, ମାଟିର ଫୁଲ
ମାଟିର ମୋହ, ମାଟିର ମଳୟରେ
ସଜେଇଚି ଫୁଲ ଶେଯ ।

ଜୀବନ ଦେଖୁଚି
ବିଶ୍ୱାସର ପୂର୍ଣ୍ଣ ଅଭିଳାଷ
ଭୋକିଲା ମଣିଷର ତୀବ୍ର କୋଳାହଳ,
ମୃତ୍ୟୁର ସମୁଦ୍ର ଡେଇଁ ତରତର
ଆଙ୍କିବାକୁ ଆକାଶରେ
ନିବିଡ଼ତାର ଚାନ୍ଦ ମୁହଁ । ■

ମୋ: ୭୯୭୮୩୮୧୨୧୩

# ଓଡ଼ିଆ କବିତାରେ ପ୍ରଣୟ ଦର୍ଶନ

ଅଧ୍ୟାପକ ବିପିନ ମହାନନ୍ଦ



ଏ ପୃଥିବୀର ସବୁ ପ୍ରେମିକ ନିଶ୍ଚୟ ଜଣେ ଜଣେ କବି ନୁହଁନ୍ତି ; କିନ୍ତୁ ସବୁ କବି ନିଶ୍ଚୟ ଜଣେ ଜଣେ ପ୍ରେମିକ ଅଟନ୍ତି। ପ୍ରେମ କରୁଥିବା ଜଣେ ଛଳଛଳ ହୃଦୟବାନ ମଣିଷ ହିଁ ପ୍ରେମ ଓ ଭଲପାଇବାର କବିତା ଲେଖିପାରେ । ଯିଏ ନାରୀକୁ ଭଲପାଏ, ନଦୀକୁ ଭଲପାଏ, ଯିଏ ଭଲପାଏ ପ୍ରକୃତିକୁ ଏବଂ ଈଶ୍ୱରଙ୍କୁ ।

ଜଣେ କବି ତା'ର ପରବର୍ତ୍ତୀ ଜୀବନରେ ବିଦ୍ରୋହର କବିତା ଲେଖୁ କି ଦର୍ଶନ ଓ ମୃତ୍ୟୁ ଚେତନାର କବିତା ଲେଖୁ। ସେ କିନ୍ତୁ ତା'ର ଆଦ୍ୟ କବି ଜୀବନରେ ପ୍ରଣୟର କବିତା ଲେଖି କବି ଜୀବନର ଶୁଭାରମ୍ଭ କରିବା ଲାଗି ପ୍ରୟାସ କରିଥାଏ। ଖଣ୍ଡିଉଡ଼ା ଦେଉଥିବା ପକ୍ଷୀ ଶାବକ ଭଳି ଜଣେ ନୂଆ ନୂଆ ପ୍ରେମର କବିତା ହିଁ ଲେଖେ। ପ୍ରେମିକାର ଆଖି, ପ୍ରେମିକାର ଓଠ, ତା'ର ଗହନ କୁନ୍ତଳ, ହସିବାର ଶୈଳୀ,କଥା କହିବାର ତରିକା, ଚାଲିବାର ଭଙ୍ଗୀ, ତୀବ୍ର ଚାହାଣି ସବୁକିଛିକୁ ରାତି ତମାମ ବର୍ଣ୍ଣନା କରେ।

ତେଣୁ ପ୍ରଣୟକୁ ଉପେକ୍ଷା କରି କବିତା ନାହିଁ କି କବିତା ସରସ ସୁନ୍ଦର ହୋଇପାରେ ନାହିଁ। କବିତାର ମାନେ ପ୍ରେମର ପତ୍ର। ତେଣୁ ସବୁ ଭାଷାର ସବୁ ସାହିତ୍ୟରେ ପ୍ରେମ ଓ ପ୍ରାର୍ଥନାର କବିତା ନିଶ୍ଚୟ ଦୃଷ୍ଟି ଗୋଚର ହୋଇଥାଏ।

ପ୍ରେମ କବିତା ବିପ୍ଳବ କରେ ନାହିଁ କି ରାସ୍ତାରେ ଚକାବନ୍ଦ କରି ଧର୍ମଘଟ କରେ ନାହିଁ। ପ୍ରେମ କବିତାରେ କୌଣସି ପାରିବାରିକ, ସାମାଜିକ ଅଥବା ରାଜନୈତିକ ଷଡ଼ଯନ୍ତ୍ର ନଥାଏ। ଭାଗ୍ୟର ବିଡ଼ମ୍ବନାକୁ ବି ପ୍ରେମ କବିତା ଲେଖେ ନାହିଁ। ପ୍ରେମ ଓ ପ୍ରଣୟର କବିତା କେବଳ ସୁଷମା ଓ ଶାଳୀନତାକୁ ଅବଲୋକନ କରେ। ନିଃସର୍ତ୍ତ ଭାବରେ ଦୁଇଟି ଅନ୍ତରକୁ ଯୋଡ଼ିବାର ଯୋଜନା କରେ। ତେଣୁ ପ୍ରଣୟର କବିତା ମୃତ୍ୟୁ ସଂଜୀବନୀ ଔଷଧ ସଦୃଶ।

ସମଗ୍ର ବିଶ୍ୱ ସାହିତ୍ୟରେ ଓଡ଼ିଆ କବିତାରେ ପ୍ରଣୟ ଦର୍ଶନକୁ ଏକ ଭିନ୍ନ ମର୍ଯ୍ୟାଦା ଦିଆଯାଇପାରେ। ଓଡ଼ିଆ ସାହିତ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିବର ରାଧାନାଥ ରାୟ , ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ, ରମାକାନ୍ତ ରଥ ପ୍ରମୁଖ ଶତାଧିକ କବିଙ୍କ କବିତାରେ ପ୍ରେମର ଶାଶ୍ୱତ ମୂଲ୍ୟବୋଧକୁ ପାଠକମାନେ ଅନୁଭବ କରିଥାଆନ୍ତି। ପ୍ରଣୟ ହେଉଛି କବିତାର ଆତ୍ମା। ଏଧରଣର କବିତା ପାଠକକୁ ଚିର ସବୁଜ କରେ। ମୃତ୍ୟୁର ଭୟଠାରୁ ଦୂରେଇ ରଖେ। ବଞ୍ଚିବାର ଏକ ଅଫୁରନ୍ତ ଶକ୍ତି ଯୋଗାଏ। ଜୀବନକୁ ଏକ ଭିନ୍ନ ମୋଡ଼ ଦିଏ। ତେଣୁ 'ଭାଗବତ' ପଢ଼ିଲା ପରି କବିତାର ପ୍ରଣୟଭାବକୁ ସବୁ ବର୍ଗ ଓ ସ୍ତରର ପାଠକ ଗ୍ରହଣ କରନ୍ତି। ଏହି କବିତାର ଚେତନା ଏବଂ ଦର୍ଶନ ମନରେ କଦାପି କ୍ଳାନ୍ତି ଆଣେ ନାହିଁ। ବରଂ ଏକ ଅଭିନବ ଉପଲବ୍ଧି ଆଣିଦେଇଥାଏ।

ପ୍ରେମିକ କବି ମାୟାଧର ମାନସିଂହଙ୍କ "ସକଳେ ଡାକନ୍ତି ତମେ ତମେ ବୋଲି, ସେ ତମେର ମୂଳ ନାହିଁ / ତମେ ଯେବେ ମତେ ତମେ ବୋଲି କହ ଏତେ ମିଠା କାହିଁ ପାଇଁ ?" ଅଥବା "ଏଇ ସହକାର ତଳେ / ସେଦିନ ପ୍ରିୟାର କର କଙ୍କଣ ଭିଡ଼ିଥିଲା ମୋର ଗଳେ ।" କବିତାର ଫଂକ୍ତି ପାଠକକୁ ବେଶ୍ ପ୍ରଲୁବ୍ଧ କରେ।

ପ୍ରେମିକା ସମର୍ପଣର ଏକ ପ୍ରତୀକ। ଯିଏ ବଞ୍ଚିବା ଲାଗି ଉତ୍ସାହିତ କରେ। ପ୍ରେମିକା ଦେହ ଦିଏ ନାହିଁ । ସ୍ନେହ ଓ ସହାନୁଭୂତି ଦିଏ। ପ୍ରେମିକାର ସ୍ଥାନ ସବୁବେଳେ ସ୍ୱତନ୍ତ୍ର। ସେ ଜାଗା ଆଉ କେହି ନେଇପାରେ ନାହିଁ । ତେଣୁ ଭାରତର ମନ୍ଦିରଗୁଡ଼ିକରେ ଶ୍ରୀକୃଷ୍ଣଙ୍କ ସହ ରାଧାଙ୍କୁ ପୂଜା କରାଯାଏ। କବି ଅଭିମନ୍ୟୁ, ବନମାଳୀ ଦାସ ପ୍ରମୁଖ କବିଗଣ ରାଧାଙ୍କ ପ୍ରଣୟକୁ ଅତି ଚମତ୍କାର ଭାବେ ଲେଖିଛନ୍ତି।

କବି ରାମାକାନ୍ତ ରଥ 'ଶ୍ରୀରାଧା'ରେ ରାଧାଙ୍କ ସମର୍ପଣର ଏକ ଚମତ୍କାର ଦର୍ଶନକୁ ଲେଖିଛନ୍ତି ! "ନିଅ ନିଅ ମୋ ପରମାୟୁର ଅବଶିଷ୍ଟ ମୁହୂର୍ତ୍ତରୁ ଅଧେ ନେଇଯାଅ / ତା' ବଦଳେ ମୋ ପାଖରେ ରହିଥିବା ମୁହୂର୍ତ୍ତମାନଙ୍କୁ ତମର ଆଗ୍ରହ ଦ୍ୱାରା ପୂର୍ଣ୍ଣ କରିଦିଅ / ମୁଁ କ'ଣ ମାଗିଲି ଖୁବ୍ ବେଶି/ ତାହେଲେ ଗୋଟିଏ ମୁହୂର୍ତ୍ତ ରଖି ସବୁ ନେଇଯାଅ ।"

ଓଡ଼ିଆ କବିମାନେ ପ୍ରଣୟର କବିତା ଲେଖିଲାବେଳେ ପ୍ରଣୟିନୀକୁ ଏତେ ଉଚ୍ଚ ଆସନରେ ବସାଇଛନ୍ତି ଯେ, ସେମାନେ ପ୍ରଣୟିନୀରୁ ନାରାୟଣୀ ପାଲଟି ଯାଆନ୍ତି। ଏ ପୃଥିବୀରେ ଏତେ ନାରୀ ଥିବା ସତ୍ତ୍ୱେ କବିମାନେ ଏହି ନାରୀମାନଙ୍କ ସୌନ୍ଦର୍ଯ୍ୟରେ ସନ୍ତୁଷ୍ଟି ନହୋଇ ସେମାନେ ଆଉ ଏକ ନାରୀର ପରିକଳ୍ପନା କରିଛନ୍ତି। ଯେମିତି ରମ୍ଭା, ମେନକା, ଉର୍ବଶୀ ଏମିତି ଅନେକ ଗାନ୍ଧର୍ବୀ। କିନ୍ତୁ ପ୍ରେମ କରିବା ପାଇଁ ସ୍ୱର୍ଗ ଅପେକ୍ଷା ମର୍ତ୍ତ୍ୟ ହିଁ ଉପଯୁକ୍ତ ସ୍ଥଳୀ। ତେଣୁ ସ୍ୱର୍ଗର ଅପସରାମାନେ ମର୍ତ୍ତ୍ୟକୁ ଆସି ପ୍ରେମିକା ସାଜନ୍ତି ଏବଂ ମର୍ତ୍ତ୍ୟର ନାରୀମାନେ ପ୍ରେମିକା ସାଜି ଈଶ୍ୱରୀ ବନି ଯାଆନ୍ତି ! ତେଣୁ ଓଡ଼ିଆ କବିତାରେ ପ୍ରଣୟ ଦର୍ଶନ ଏତେ ଚିତ୍ତାକର୍ଷକ ଯେ, ତା'ର ଏହି ଦିଗ ସବୁବେଳେ ଭିନ୍ନତା ଦାବି କରେ।

ଓଡ଼ିଆ କବିତାର ଶିଳ୍ପୀ ଏମିତି ବୀର ଏବଂ ନିର୍ଭୀକ ଯେ, ଯୁବତୀ ନାରୀର ନାଭି ଓ ସ୍ତନକୁ ମଧ୍ୟ ଲେଖିବାର କାର୍ପଣ୍ୟ କରି ନାହାନ୍ତି। ତେଣୁ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି "ଆଜ ଦେଖିଲିରେ ନବୀନ ବୟସୀବାଳା / ପାଇଥାନ୍ତି ଯେବେ ସେ ଚନ୍ଦ୍ର ବଦନୀ କରିଥାନ୍ତି ଗଳାମାଳା !" ଏଭଳି ଅନେକ ଓଡ଼ିଆ କବିତାରେ ପ୍ରଣୟର ଦର୍ଶନ ବେଶ୍ ଚିତ୍ତାକର୍ଷକ ଭାବେ ପ୍ରତିଫଳିତ ହୋଇଛି, ଯାହା ପାଠକମାନଙ୍କୁ ମୋହାଚ୍ଛନ୍ନ କରିରଖେ। ■

କଳିଙ୍ଗ କଲେଜ
ରେଢ଼ାଖୋଲ, ଜି: ସମ୍ବଲପୁର
ମୋ: ୮୬୫୮୭୩୪୬୭୦

# ପୁସ୍ତକ ଓ ପତ୍ରିକା ପରିଚୟ

## ସୂର୍ଯ୍ୟସ୍ନାତା

### ସଂପାଦିକା: ସୁପ୍ରଭା ସାମଲ




ରାଜର୍ଷି, ଜର୍ଜ ହାଇସ୍କୁଲ ପଡ଼ିଆ ପାଖ
ଶିବାନନ୍ଦ ନଗର
ବରଗଡ଼-୭୬୮୦୨୮
ମୂଲ୍ୟ: ୮୦ ଟଙ୍କା

ତ୍ରୈମାସିକ ମହିଳା ସାହିତ୍ୟ ପତ୍ରିକା 'ସୂର୍ଯ୍ୟସ୍ନାତା'ର ଜୁନ୍- ଅଗଷ୍ଟ- ୨୦୨୬ ସଂଖ୍ୟା ପ୍ରକାଶ ପାଇଛି। ସୁପ୍ରଭା ସାମଲଙ୍କ ସଂପାଦନାରେ ପ୍ରକାଶ ପାଉଥିବା ଏହି ପତ୍ରିକାରେ ଓଡ଼ିଶାର ପ୍ରତିଷ୍ଠିତ ଓ ଯୁବ ଲେଖକଲେଖିକାଙ୍କ ଗପ, କବିତା, ପ୍ରବନ୍ଧ ଆଦି ପ୍ରକାଶ ପାଇଛି। ଏହି ସଂଖ୍ୟାରେ ଡକ୍ଟର ସୁଜିତ୍ କୁମାର ପୃଷେଠ୍‌ଙ୍କ 'ସମଲେଇପଦରର ବହ୍ନିକନ୍ୟା: ବାଏରୀ', ଡକ୍ଟର ଶେଷନ ବିଶିଙ୍କ 'ସମ୍ବଲପୁରୀ ଲୋକ ସଂଗୀତଜ୍ଞ ଓ ଗୀତିକାର ଗୁଣନିଧି ଦାଶ', ସୁଷମା ଦାଶଙ୍କ 'ଏକ ଏକ ଏକ ଉନ୍ମେଷର ହେତୁ ଶଶୀଭୂଷଣ ମିଶ୍ରଶର୍ମା 'ବୁଢ଼ାମାଷ୍ଟ୍ରେ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି। ସେହିପରି ଡ. ସଂଘମିତ୍ରା ରାଏଗୁରୁ, ଡ. ଅନୁପମା ବିଶ୍ୱାଳ, ଜିତେଶ୍ୱରୀ ଦାଶ, ପ୍ରବାସିନୀ ହୋତା, ଡ. ରବିନାରାୟଣ ସାହୁ, ମିନତି ଦାଶ ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ସେଭଳି ହେମାଙ୍ଗିନୀ ଦାଶ, କବିତା କୁମୁଦ ମେହେର, ଯଜ୍ଞେଶ୍ୱର ବିଶି ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି। ଅନୁବାଦ ଗପ, କବିତା, ସାକ୍ଷାତକାର, ହାଣ୍ଡିଶାଳ ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ମନଲାଖି ହୋଇଛି। 'ସୂର୍ଯ୍ୟସ୍ନାତା'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଯୁବା ଚେହେରା

### ସଂପାଦକ: ବଳରାମ ବଗର୍ତ୍ତି




ପ୍ଲଟ୍ ନଂ: ୧୦୯, ମଧୁସୂଦନ ନଗର
ୟୁନିଟ୍-୪, ଭୁବନେଶ୍ୱର-୧
ମୂଲ୍ୟ: ୬୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚରଧର୍ମୀ ପତ୍ରିକା 'ଯୁବା ଚେହେରା'ର ପ୍ରଥମ ସଂଖ୍ୟା ଅଗଷ୍ଟ-୨୦୨୬ ପ୍ରକାଶ ପାଇଛି। ବଳରାମ ବଗର୍ତ୍ତିଙ୍କ ସଂପାଦନାରେ ପ୍ରକାଶିତ ଏହି ପତ୍ରିକାରେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ, ଧର୍ମ, ସିନେମା, ସଂଗୀତ, ସାକ୍ଷାତକାର ଆଦି ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ଲେଖା ପ୍ରକାଶ ପାଇଛି। 'ପ୍ରଚ୍ଛଦ ପ୍ରସଙ୍ଗ'ରେ ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ ' ଅରଣ୍ୟର ଅନାଲୋଚିତ ମହାଯୋଦ୍ଧା'ରେ ଓଡ଼ିଶାର ଜନଜାତି ସଂଗ୍ରାମୀମାନଙ୍କ ସଂପର୍କରେ ଏକ ଉଚ୍ଚକୋଟୀର ଲେଖା ପ୍ରକାଶ ପାଇଛି। ସେହିପରି ସୁଷମା ପରିଜାଙ୍କ 'ରକ୍ଷାବନ୍ଧନର ମହତ୍ତ୍ୱ', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ପିତୃ ପୂଜା' ଗପ, ସୁରେଶ ସାଗରଙ୍କ 'ସମୁଦ୍ର କୂଳର ଝିଅ' କବିତା ଆଦି ମନଛୁଆଁ ଲେଖା ପ୍ରକାଶ ପାଇଛି। ସେଭଳି 'ଯୁବ ଚେହେରା'ରେ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକ ସଂପର୍କରେ ଆଲେଖ୍ୟ, 'ସାକ୍ଷାତକାର'ରେ ସୋହନୀ ମିଶ୍ରଙ୍କ ସହିତ ଆଳାପ ପ୍ରକାଶ ପାଇଛି। 'ସ୍ୱାସ୍ଥ୍ୟମନ୍ତ୍ର', 'କ୍ୟାରିଅର୍', 'ବିଚିତ୍ର ବିଶ୍ୱ', 'ଫ୍ୟାସନ', 'ଲାଇଫ୍ ଷ୍ଟାଇଲ୍', 'ମନୋରଞ୍ଜନ ଜଗତ' ଆଦି ବିଭାଗଗୁଡ଼ିକର ଲେଖାଗୁଡ଼ିକ ମଧ୍ୟ ଆକର୍ଷଣୀୟ ହୋଇଛି। 'ଯୁବା ଚେହେରା'ର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## କଥା ସରିତ ସାଗର

### ସନ୍ତୋଷ କୁମାର ମିଶ୍ର




ଗାୟତ୍ରୀ କୁମାର ନନ୍ଦ
ପଦ୍ମପୁର, ରାଜବୋଡ଼ାସମ୍ବର
ବରଗଡ଼
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୨୦୦ ଟଙ୍କା

କାଶ୍ମୀର ରାଜପଣ୍ଡିତ ସୋମଦେବ ଭଟ୍ଟଙ୍କ ରଚିତ 'କଥା ସରିତ ସାଗର' (ପ୍ରଥମ ଭାଗ) ର ଓଡ଼ିଆ ଅନୁବାଦ ପ୍ରକାଶ ପାଇଛି। ଏହାକୁ ସନ୍ତୋଷ କୁମାର ମିଶ୍ର ଅନୁବାଦ କରିଛନ୍ତି। ମଙ୍ଗଳାଚରଣରୁ ଆରମ୍ଭ କରି ଅଷ୍ଟମ ତରଙ୍ଗ ପର୍ଯ୍ୟନ୍ତ ଏହା ସୁଖପାଠ୍ୟ ଓ ହୃଦୟସ୍ପର୍ଶୀ ହୋଇଛି। ଏହି କଥା ସଂଗ୍ରହଟି ସମୁଦାୟ ଅଠର ଗୋଟିଏ ଲମ୍ବକ ବା ସରିତ (ଅଧ୍ୟାୟ) ରେ ବିଭକ୍ତ। ସେହିପରି ପ୍ରତ୍ୟେକ ଲମ୍ବକ ବା ସରିତକୁ କେତୋଟି ତରଙ୍ଗ (ପରିଚ୍ଛେଦ) ରେ ବିଭକ୍ତ କରାଯାଇଛି। ଏହି ପୁସ୍ତକର ପ୍ରଥମ ଲମ୍ବକ ହେଉଛି 'କଥାପୀଠ'। ସେଭଳି ବିଭିନ୍ନ ତରଙ୍ଗରେ 'ଶିବ-ପାର୍ବତୀଙ୍କ କଥୋପକଥନ', 'ଦିବ୍ୟ କଥା-ଚରିତ୍ର ବ୍ୟାଖ୍ୟାନ', 'ପୁଷ୍ପଦନ୍ତ ଓ କାଣଭୂତି', 'ବରରୁଚି, ଗୁରୁ ବର୍ଷ ଏବଂ ସହପାଠୀ', 'ବ୍ରାହ୍ମଣ ଭାତୃଦ୍ୱୟ', 'ବର୍ଷ ଓ ଉପବର୍ଷ', 'ପାଟଳିପୁତ୍ର ନଗରୀର ସଂସ୍ଥାପନ', 'ରାଜା ବ୍ରହ୍ମଦତ୍ତଙ୍କ ବୃତ୍ତାନ୍ତ', 'ବରରୁଚି ଏବଂ ଉପକୋଷା', 'ଉପକୋଷାଙ୍କ ଚାରି ପ୍ରେମିକ' ଆଦି ଉପାଖ୍ୟାନ ବର୍ଣ୍ଣନା କରାଯାଇଛି। କଥାରୂପୀ ତରଙ୍ଗଗୁଡ଼ିକ ପାଠକମାନଙ୍କୁ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ଭାଇକୁ ବଞ୍ଚାଇବାକୁ ଯାଇ ଭାସିଗଲେ ଦିବ୍ୟାଙ୍ଗ ଭଉଣୀ

## ଉଭୟଙ୍କ ମୃତଦେହ ଉଦ୍ଧାର

ବାରିପଦା/କୁଆମରା,୧୨।୯(ସମିସ): ମୃତ୍ୟୁ ଜଗିଥିଲା ନଦୀ ନିକଟରେ। କିଛି ସମୟ ବ୍ୟବଧାନରେ ଉକାଉକି ହୋଇ ଚାଲିଗଲେ ଭାଇଭଉଣୀ। ଖୁଣ୍ଟା ଥାନା ଅନ୍ତର୍ଗତ ଗଡିଗାଁ ପଞ୍ଚାୟତ ମହ୍ଲାରପଦା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ଅପରାହ୍ନରେ ମହ୍ଲାରପଦା ଗ୍ରାମର ପରମେଶ୍ୱର ନାଏକ (୩୨) ଗ୍ରାମ ନିକଟସ୍ଥ କେନାଲକୁ ମାଛ ଧରିବାକୁ ଯାଇଥିଲେ। ଅସାବଧାନତା ବଶତଃ କେନାଲ ପାଣିରେ ପଡିଯାଇ ବାହାରି ପାରି ନ ଥିଲେ। ଭାଇ ଘରକୁ ଫେରିବା ବିଳମ୍ବ ହେବାରୁ ଦିବ୍ୟାଙ୍ଗ ଭଉଣୀ ନନ୍ଦିନୀ (୪୫) ଭାଇକୁ ଖୋଜିବାକୁ ଯାଇ କେନାଲରେ ପଡିଥିବା ଦେଖି ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଉଠାଇ ପାରି ନ ଥିଲେ। ତେବେ ନାଲୁହା ନଦୀର ବିପରୀତ ପାଶ୍ୱର୍ରେ କରକଚିଆ ପଞ୍ଚାୟତ ଦୁବରାଜପୁରରେ




ବନ୍ଧୁ ଘର ଥିବାବେଳେ ସେମାନଙ୍କ ସାହାଯ୍ୟ ପାଇଁ ନନ୍ଦିନୀ ନଦୀ ପାରି ହୋଇ ଡାକିବାକୁ ଯାଉଥିଲେ। ମାତ୍ର ନଦୀର ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ମଧ୍ୟ ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କରିପାରି ନ ଥିଲେ। ଶନିବାର ଖୁଣ୍ଟା ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟର କସରତ ପରେ ଦିବ୍ୟାଙ୍ଗ ନନ୍ଦିନୀକୁ ଘର ନିକଟରୁ ଗୋଟିଏ କିଲୋମିଟର ଦୂରରେ ଉଦ୍ଧାର କରିଥିଲେ। ଏଥିସହ କେନାଲରୁ ପରମେଶ୍ୱରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖୁଣ୍ଟା ଥାନା ପୁଲିସ ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନାକୁ ପଠାଇଥିବାବେଳେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ହାଇଦରାବାଦରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

ବାରିପଦା/ଶୁଳିଆପଦା, ୧୨।୯ (ସମିସ): ହାଇଦରାବାଦର ଏକ ହଷ୍ଟେଲରେ ରହି କାମ କରୁଥିବା ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଧାତିକା ପଞ୍ଚାୟତ ଅଧୀନ ଡୁମୁରିଆ ଗ୍ରାମର ଜଣେ ଯୁବକଙ୍କୁ ଗୁରୁବାର ରାତିରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଡୁମୁରିଆ ଗ୍ରାମର ସ୍ୱର୍ଗତ ଶମ୍ଭୁନାଥ ରାଜଙ୍କ ପୁଅ ଶଶୀଧର ରାଜ ରୋଜଗାର ଆଶା ନେଇ ହାଇଦରାବାଦ ଯାଇଥିଲେ। ସେଠାରେ ଥିବା ଏକ ଘରୋଇ ହଷ୍ଟେଲ ରହି କାମ କରୁଥିଲେ। ଗତ ମେ ମାସରେ ଘରକୁ ବୁଲିବାକୁ ଆସିଥିବାବେଳେ ପତ୍ନୀଙ୍କୁ ମଧ୍ୟ ସାଙ୍ଗରେ ନେଇଯାଇଥିଲେ। ସେଠାରେ ସ୍ୱାମୀ-ସ୍ତ୍ରୀ ରହି କାମ କରୁଥିଲେ। ଗୁରୁବାର ରାତିରେ ତାଙ୍କ ପତ୍ନୀ ରୁମରେ ଥିବାବେଳେ ଶଶୀଧର କୌଣସି କାମରେ ବାହାରକୁ ଯାଇଥିଲେ। ଏତିକିବେଳେ ଜଣେ ବ୍ୟକ୍ତି ହଠାତ୍ ଏକ ଭୁଜାଲି ଧରି ଆସି ରାସ୍ତାରେ ଶଶୀଧରଙ୍କୁ ଆକ୍ରମଣ କରିବା ସହ ତାଙ୍କ ଛାତିରେ ବାରମ୍ବାର ଭୁଜାଲି ଭୁସି ଦେଇଥିଲେ। ଏହି ଲୋମଟାଙ୍କୁରା ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ରାୟଦୃଗମ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାଜନିତ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ନେଇ ତାଙ୍କ ନିକଟ ସମ୍ପର୍କୀୟଙ୍କଠାରୁ ସୂଚନା ମିଳିଛି।



ମୃତ ଶଶୀଧର ଜଣେ ଗରିବ ପରିବାରର ହୋଇଥିବାବେଳେ ଘରେ ଥିବା ଦୁଇ ନାବାଳିକା ଓ ଜଣେ ନାବାଳକ ପୁଅଝିଅ ଅସହାୟ ହୋଇପଡ଼ିଛନ୍ତି। ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ସହ ଘଟଣାର ପ୍ରକୃତ କାରଣ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏ ନେଇ ଶଶୀଧରଙ୍କ ଭାଉଜ ସୌଭାଗ୍ୟଲତା ରାଜ କହିଛନ୍ତି, ଅର୍ଥାଭାବରୁ ଶବ ଗାଁକୁ ଆଣିବା ସମ୍ଭବ ନ ହେବାରୁ ସେଠାରେ ସତ୍କାର କରାଯାଇଛି। ଏବେ ସେଠାକାର ପୁଲିସ ପାଖରେ ମୋବାଇଲ

**ସିସି କ୍ୟାମେରାରେ ଛାତିଥିରା ଦୃଶ୍ୟ**

ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ। ତେବେ ଶଶୀଧରଙ୍କ ସ୍ତ୍ରୀ ଦେବଯାନୀ ରାଜ କେମିତି ଘରକୁ ଫେରିବେ ଓ ଶଶୀଧରଙ୍କୁ କେମିତି ନ୍ୟାୟ ମିଳିବ, ସେ ଏନେଇ ଚିନ୍ତାରେ ଅଛନ୍ତି ପରିବାର ଲୋକେ। ଅପରପକ୍ଷରେ ଡମୁରିଆ ଗାଁରେ ଥିବା ଶଶୀଧର ଦୁଇ ଝିଅ ଓ ପୁଅ ବାପାମାଙ୍କୁ ଚାହିଁ ବସିଛନ୍ତି। ବାପାଙ୍କ ଖବର ଦେଖି ପୁଅଝିଅଙ୍କ ଆଖିରୁ ଲୁହ ଶୁଖୁ ନ ଥିବାବେଳେ ମା' କେମିତି ଭଲରେ ଘରକୁ ଫେରିବଲ ସେନେଇ ଚିନ୍ତାରେ ପୁଅଝିଅ। ବଡ଼ ଝିଅ ମିଥାଲି ରାଜ ଗୁରୁବାର ସକାଳେ ବାପାଙ୍କ ସହିତ କଥା ହୋଇଥିଲେ। ବାପା କହିଲେ ମୁଁ ଟଙ୍କା ପଠାଉଛି ତୁ ସାନ ଭାଇର ସ୍କୁଲ ଫି' ଦେବୁ ଓ ସାନଭଉଣୀ କଥା ବୁଝୁଥିବୁ। ଏବେ ମାଆ କେମିତି ଭଲରେ ଘରକୁ ଫେରିବ ଓ ବାପାଙ୍କ ହତ୍ୟାକାରୀଙ୍କୁ କୋଠର ଦଣ୍ଡ ଦେବାକୁ ଦାବି କରିଛନ୍ତି ବଡଝିଅ ମିଥାଲି ରାଜ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପଡ଼ିଶା ଲୋକେ ଅନୁରୋଧ କରି କହିଛନ୍ତି ଯେ ଶଶୀଧରଙ୍କ ସ୍ତ୍ରୀ କିପରି ଭଲରେ ଘରକୁ ଫେରିବେ ଓ ଶଶୀଧରଙ୍କ ହତ୍ୟାକାରୀଙ୍କୁ କିପରି କଠୋର ଦଣ୍ଡ ମିଳିବ, ସେନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଓରାଙ୍ଗଉଟାନ ଉଦ୍ଧାର ଘଟଣା: ସିବିଆଇ -ଏନ୍ଆଇଏ ତଦନ୍ତ ଦାବି କଲେ ବିଜେଡି ବିଧାୟକ

ଭୁବନେଶ୍ୱର,୧୨।୯(ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳରୁ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ ମାମଲାରେ ଅନ୍ତର୍ଜାତୀୟ ତସ୍କରୀ ଗ୍ୟାଙ୍ଗର ହାତ ରହିଛି ବୋଲି ସାଧାରଣରେ ସନ୍ଦେହ ବଢ଼ିବାରେ ଲାଗିଛି। ଏପଟେ ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି

- ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି
- ଅନ୍ତର୍ଜାତୀୟ ତସ୍କରୀ ଗ୍ରୁପର ହାତ ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଛି

ବୋଲି ମତବ୍ୟକ୍ତ କରିଛନ୍ତି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଚାଲିଥିବା ବେଳେ ଏହା ଦେଶର ସୁରକ୍ଷା ବ୍ୟବସ୍ଥା ସହିତ ଜଡ଼ିତ ଥିବାରୁ ମାମଲାର ତଦନ୍ତ ସିବିଆଇ ବା ଏନଆଇଏ ଦ୍ୱାରା କରାଯାଉ ବୋଲି ବିଧାୟକ ଶ୍ରୀ ଦାସ ଦାବି କରିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବିଧାୟକ ଶ୍ରୀ ଦାସ କହିଥିଲେ ଯେ ଭୋଗରାଇ ଅଞ୍ଚଳରୁ ୫ଟି ଓରାଙ୍ଗଉଟାନ ଉଦ୍ଧାର ହେବାକୁ ନେଇ ଜନସାଧାରଣଙ୍କ ମନରେ କୌତୁହଳ ସୃଷ୍ଟି ହୋଇଛି । ଓରାଙ୍ଗଉଟାନ ମୁଖ୍ୟତଃ ଇଣ୍ଡୋନେସିଆ ଓ ମାଲେସିଆ ଭଳି ଦେଶ ମାନଙ୍କରେ ଦେଖିବାକୁ ମିଳନ୍ତି। ଏହା ଏକ ବିରଳ ପ୍ରଜାତିର ପ୍ରାଣୀ ହୋଇଥିବା ବେଳେ କିଭଳି ଭାବେ ସୁଦୂର ଇଣ୍ଡୋନେସିଆ ବା ମାଲେସିଆରୁ ଭୋଗରାଇ ପର୍ଯ୍ୟନ୍ତ ଆସିପାରିଲା ? ଏହି ପ୍ରାଣୀ ମାନଙ୍କ ଚାଲାଣ ଅନ୍ତର୍ଜାତୀୟ ବନ୍ୟଜନ୍ତୁ ତସ୍କରୀ ଗ୍ରୁପ ଦ୍ୱାରା କରାଯାଇଛି ବୋଲି ସନ୍ଦେହ କରାଯାଉଛି। ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ଏହି ତସ୍କରୀ ଗ୍ରୁପ ବିରଳ ପ୍ରାଣୀଙ୍କୁ ଏତେ ଦୂର ଆଣିପାରିଲା, ତାହେଲେ ଏହିପଥଦେଇଦେଶରଶତ୍ରୁମାନେମଧ୍ୟପ୍ରବେଶ କରିପାରନ୍ତି । ପାଞ୍ଚ ପାଞ୍ଚଟି ଓରାଙ୍ଗଉଟାନ ଏଠାରେ ପହଞ୍ଚିବାକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଘୁରି ବୁଲୁଛି। ସେ ଆହୁରି କହିଥିଲେ ଯେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ



ଗୋଳାବାରୁଦ ପରୀକ୍ଷା କେନ୍ଦ୍ର ରହିଛି ଓ ଏପିଜେ ଅବଦୁଲ କଲାମ ଦ୍ୱିପରେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ରହିଛି । ଅପରାଧୀ ମାନେ ସଫଳତାର ସହିତ ଯଦି ଭୋଗରାଇ ପର୍ଯ୍ୟନ୍ତ ପହଞ୍ଚି ପାରୁଛନ୍ତି ତାହେଲେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ କଷ୍ଟକର ହେବ ନାହିଁ। ଯେହେତୁ ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଏହାର ତଦନ୍ତ ସିବିଆଇ କିମ୍ବା ଏନଆଇଏ ଦ୍ୱାରା କରାଯାଉ ବୋଲି ସେ ଦାବି କରିଛନ୍ତି।

# ବ୍ରିକ୍ସ ସମ୍ମିଳନୀରେ ମନ ଜିଣିଲା କୋରାପୁଟର ସ୍ୱାଦ

ଭୁବନେଶ୍ୱର,୧୨।୯(ସମିସ):'ଭୋକାଲ୍ ଫର୍ ଲୋକାଲ୍'ର ନାରାକୁ ପ୍ରତିଫଳିତ କରି କୋରାପୁଟ କଫି ଏବେ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ପାଇଁ ଖ୍ୟାତି ଆଣି ଦେଇଛି। କୋରାପୁଟର କଫି ବଗିଚାରୁ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ପହଞ୍ଚିଛି ଓଡ଼ିଶାର ସ୍ୱାଦ। କୋରାପୁଟର ପୂର୍ବଘାଟ ପର୍ବତମାଳାରେ ଆଦିବାସୀ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରିମିୟମ ଆରବିକା କଫି 'ଟାଇଗର ବ୍ରାଇଟ୍', ବ୍ରିକ୍ସ ସମ୍ମିଳନୀରେ ଏହା ବିଶ୍ୱବାସୀଙ୍କୁ ଓଡ଼ିଶାର ସ୍ୱାଦ ସହ ପରିଚିତ କରାଇବା ସହ ଆଦିବାସୀ ଉଦ୍ୟୋଗ, ମୂଲ୍ୟ ବୃଦ୍ଧି ଏବଂ ସ୍ଥାୟୀ ଜୀବିକାରେ ଅପାର ସମ୍ଭାବନାକୁ ପ୍ରଦର୍ଶିତ କରୁଛି। କୋରାପୁଟର ଆଦିବାସୀ ସମ୍ପ୍ରଦାୟ ପାଇଁ 'ଟାଇଗର ବ୍ରାଇଟ୍'ର ଏହି ସଫଳତା କେବଳ ଏକ କଫି ବ୍ରାଣ୍ଡର କାହାଣୀ ନୁହେଁ ବରଂ ଏହା ସେମାନଙ୍କ ପାଇଁ ନୂତନ ସୁଯୋଗ ଆଣି ଦେଇଛି। ଓଡ଼ିଶା ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡିସିସିଓଏଲ)ର ସମ୍ପୂର୍ଣ୍ଣ ସହଯୋଗରେ କିଣିବା, ଶୁଖାଇବା, ଗ୍ରେଡିଂ, ପ୍ରକ୍ରିୟାକରଣ ଏବଂ ବିପଣନ (ମାର୍କେଟିଂ) ପ୍ରକ୍ରିୟା ଶେଷ ହେବା ପରେ ଏହା ଗ୍ରାହକଙ୍କ ପାଖରେ ପହଞ୍ଚିଥାଏ। ୨୦୧୯ ମସିହା ସେପ୍ଟେମ୍ବର ୧୧ ତାରିଖରେ 'କୋରାପୁଟକଫି'ବ୍ରାଣ୍ଡରଶୁଭାରମ୍ଭହୋଇଥିବାବେଳେଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ କଫି ପାଇଁ ଏକ ସୁବ୍ୟବସ୍ଥିତ ବଜାର ସୃଷ୍ଟି କରିବା ସହ ଆର୍ଥିକ ଲାଭର ଏକ ବଡ଼ ଅଂଶ ଚାଷୀଙ୍କ ପାଖରେ ପହଞ୍ଚିପାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଉକ୍ତ ଲକ୍ଷ୍ୟ ଏବେ ବାସ୍ତବ ରୂପ ନେଉଛି। ନଗଦ କାରବାର ବଦଳରେ ସିଧାସଳଖ ଡିଜିଟାଲ୍ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଆଦିବାସୀ କଫି ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧.୦୭ କୋଟି ଟଙ୍କା ଟିଡିସିସିଓଏଲ ଦ୍ୱାରା



**'ଟାଇଗର ବ୍ରାଇଟ୍' ଜରିଆରେ ବିଶ୍ୱ ଦରବାରରେ ଓଡ଼ିଶା କଫି**

ପ୍ରଦାନ କରାଯାଇଛି। ଏହି ପ୍ରିମିୟମ ଆରବିକା ବ୍ଲେଣ୍ଡରେ ଅରେଞ୍ଜ୍, ଲେମନ୍ ଏବଂ ସ୍ୱିଟ୍ ଲାଇମ୍ ଫ୍ଲେଭର ସହ କାରାମେଲ, ଚୋକୋଲେଟ୍ ଏବଂ କୋକୋଆ ସ୍ୱାଦ ରହିଛି। କୋରାପୁଟ କଫି ଦୁଇ ଥର 'ଫାଇନ୍ କପ୍ ଆୱାର୍ଡ' ଜିତିବା ସହ କଫି ବୋର୍ଡର 'ଫ୍ଲେଭର ଅଫ୍ ଇଣ୍ଡିଆ ଫାଇନ୍ କପ୍ ୨୦୨୪' ରେ ଚତୁର୍ଥ ସ୍ଥାନ ହାସଲ କରିଛି। କୋରାପୁଟର ମାଟିରେ ଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଏହି କଫି ଏବେ ଓଡ଼ିଶାର ସୀମା ଅତିକ୍ରମ କରି ଭାରତର ବିବିଧତା ଓ ସ୍ଥାନୀୟ ଉଦ୍ୟମର ଏକ ସୁଗନ୍ଧିତ ପ୍ରତୀକ ଭାବେ ବିଶ୍ୱ ମଞ୍ଚରେ ନିଜର ଉପସ୍ଥିତି ଦେଇଛି।

# ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ଲାଗି କଟକ ପାନ୍ଥର୍ସ ପ୍ରସ୍ତୁତ

କଟକ,୧୨।୯(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଚଳିତ ସେପ୍ଟେମ୍ବର ୨୦ରୁ ୨୯ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡ଼ିୟମରେ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ଖେଳାଯିବ। ଏଥିପାଇଁ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଭାରତ ମସଲା ଭିତ୍ତିକ ଫ୍ରାଞ୍ଚାଇଜ୍ କଟକ ପାନ୍ଥର୍ସ ପକ୍ଷରୁ ଶନିବାର ନରାଜସ୍ଥିତ କମ୍ପାନୀ ପରିସରରେ ଖେଳାଳିଙ୍କୁ ସ୍ୱାଗତ କରାଯାଇଥିଲା। ଦଳର ଅଧିନାୟକ ବିପ୍ଳବ ସାମନ୍ତରାୟ, ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକଙ୍କ ସମେତ ଭାରତ ମସଲା ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା, ଦିଗନ୍ତ ପଣ୍ଡା, ଆଶୁତୋଷ ପଣ୍ଡା, ଏସ୍ ଏନ୍ ମିଲେନିୟମ, ମୁଖ୍ୟ ପରିଚାଳକ ବିପିନ ରାଉତ, ମୁଖ୍ୟ ପରିଚାଳକ (ଅପରେସନ) ଅରୁଣ ନାୟକ, ମୁଖ୍ୟ ପରିଚାଳକ (ପ୍ରଡକ୍ସନ) ନବକୃଷ୍ଣ ପ୍ରଧାନ ପ୍ରମୁଖଙ୍କ ସମେତ କମ୍ପାନୀର ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।




ଦଳର ପ୍ରତ୍ୟେକ ଖେଳାଳି ଉତ୍ସାହିତ ଅଛନ୍ତି। ଗତବର୍ଷର ଅଭିଜ୍ଞତା ଓ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକଙ୍କ ପ୍ରଶିକ୍ଷଣରେ ଦଳ ଭଲ ପ୍ରଦର୍ଶନ ନେଇ ଦୃଢ଼ ଆଶାବାଦୀ ରହିଛି। ଭାରତ ମସଲା କମ୍ପାନୀ କ୍ରୀଡ଼ାକୁ ଯେଉଁଭଳି ଖେଳାଳିଙ୍କୁ ପ୍ରୋତ୍ସାହିତ କରୁଛି ତାହା ରାଜ୍ୟର କ୍ରୀଡ଼ାବିତଙ୍କ ପାଇଁ ବହୁତ ଭଲ ଖବର। କ୍ରିକେଟରେ ପ୍ରଥମ ଥର ପାଇଁ ଭାରତ ମସଲା ଉକ୍ତ କ୍ରିକେଟ ଲିଗ୍‌ରେ ସାମିଲ ହେବା ରାଜ୍ୟ କ୍ରିକେଟ ପାଇଁ ଶୁଭଙ୍କର। କଟକ ପାନ୍ଥର୍ସରେ ଯୁବ ଓ ଅଭିଜ୍ଞ ଖେଳାଳି ରହିଛନ୍ତି। ଲିଗ୍‌ରେ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ବୋଲି ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକ କହିଛନ୍ତି।

କ୍ରିକେଟକୁ ପ୍ରୋତ୍ସାହିତ କରିବା ଓ ଯୁବ ପ୍ରତିଭାଙ୍କୁ ଆଗକୁ ଆଣିବା ଲାଗି ମସଲା କମ୍ପାନୀ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିରେ ସାମିଲ ହୋଇଛି। ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ପଡ଼ିଆରେ ପୂର୍ଣ୍ଣ ଆତ୍ମବିଶ୍ୱାସ ସହକାରେ ବିଜେତାଙ୍କ ଭଳି ଖେଳିବାକୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ଭାରତ ମସଲା କମ୍ପାନୀ କ୍ଷେତ୍ରରେ ଯେଉଁଭଳି ସୁନାମ ଅର୍ଜନ କରିଛି କ୍ରୀଡ଼ାରେ ମଧ୍ୟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବାରେ ପଛାଇ ନାହିଁ। ଯାହାଦ୍ୱାରା ରାଜ୍ୟର କ୍ରିକେଟ ଆଗକୁ ବଢିବାରେ ସହାୟକ ହେବା ସହ ଯୁବ ଖେଳାଳିମାନେ ପ୍ରୋତ୍ସାହିତ ହୋଇପାରିବେ ବୋଲି ବିପ୍ଳବ କହିଛନ୍ତି। ଏହି ପ୍ରତିଯୋଗିତାରେଯୁବଖେଳାଳିମାନେଦକ୍ଷତା ପ୍ରଦର୍ଶନ ସହ ଆଇପିଏଲରେ ଖେଳିବାର ସୁଯୋଗ ପାଇପାରିବେ। ଭାରତ ମସଲା କମ୍ପାନୀ ସାମିଲ ହୋଇଛି। ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିରେ କଟକ ପାନ୍ଥର୍ସ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଚେୟାରମ୍ୟାନ ସୁରେନ୍ଦ୍ରନାଥ ପଣ୍ଡା କହିଥିଲେ।

**କଟକ ପାନ୍ଥର୍ସ ଦଳ:** ବିପ୍ଳବ ସାମନ୍ତରାୟ(ଅଧିନାୟକ), ଡି ଆୟୁଷ, ଗୌତମ ଗୋପାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ଶିବୁନ ନନ୍ଦ, ଅଭିରୂପ ଦାସ, ସାର୍ଥକ ପ୍ରକାଶ, ଶୁଭାଶିଷ ମଲ୍ଲିକ, ରାଜ୍ ଯାଦବ, ପ୍ରିୟାଂଶୁ ମହାନ୍ତି, ପୀୟୁଷ ମନ୍ତ୍ରୀ, ଅଭିଷେକ ସିଂହ, ପ୍ରଶାନ୍ତ ରାଣା, କାର୍ତ୍ତିକ ବିଶ୍ୱାଳ, ସୌରଭ ଗୌଡ଼, ଶୁଭମ ଶତ୍ରୁଜିତ। ମୁଖ୍ୟ ପ୍ରଶିକ୍ଷକ ପ୍ରଭଞ୍ଜନ ମଲ୍ଲିକ।

## ଅବଶିଷ୍ଟାଂଶ...

### ୫୯ଟି ପ୍ଲାଣ୍ଟରେ...

ମେଗାୱାଟ୍ ୟୁନିଟ୍ ନମ୍ବର-୧ ବନ୍ଦ ହୋଇଯାଇଛି, ଯାହା ବିଦ୍ୟୁତ୍ ସଙ୍କଟକୁ ଆହୁରି ବଢ଼ାଇଦେଇଛି। ରୋପର ଥର୍ମାଲ୍ ପାୱାର ଷ୍ଟେସନର ୨୧୦ ମେଗାୱାଟ୍ ୟୁନିଟ୍ ନମ୍ବର ୬ ଏବଂ ତାଲୱାଣ୍ଡି ସାବୋ ଥର୍ମାଲ୍ ପାୱାର ଷ୍ଟେସନର ୬୬୦ ମେଗାୱାଟ୍ ୟୁନିଟ୍ ନମ୍ବର ୨ ପୂର୍ବରୁ ବନ୍ଦ ହୋଇସାରିଛି। ଅପରପକ୍ଷେ ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରଣଜିତ ସାଗର ପାୱାର ପ୍ଲାଣ୍ଟର ୩୦୦ ମେଗାୱାଟ୍ ୟୁନିଟ୍ ନମ୍ବର ୩ ଏବଂ ୪ ଏବଂ ୟୁବିଆଇଡିସିର ତିନୋଟି ୟୁନିଟ୍ ଅଚଳ ହୋଇପଡ଼ିଛି।

### ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟରେ...

ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ସେଠାରେ ଥିବା କାର୍ଯ୍ୟାଳୟର ଝରକା କବାଟ କାଚ ଭାଙ୍ଗି ଚୁର୍‌ମାର୍ ହୋଇଯାଇଥିଲା। ସେଠାରେ ନିୟୋଜିତ ଜେସିବି ଚାଳକ ଚାମ୍ବର କାଚ ବି ଭାଙ୍ଗି ଯାଇଥିଲା। ଭଙ୍ଗା କାଚ ଖଣ୍ଡ ଆଘାତରେ କାର୍ଯ୍ୟରତ ଜେସିବି ଚାଳକ ଗୁରୁତର ଆହତ ହୋଇଥିଲେ। ଏହାଛଡା ସେଠାରେ କାର୍ଯ୍ୟରତ ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ କାଚ ଖଣ୍ଡ ଆଘାତ ଏବଂ ଗରମ ପାଣି ପଡ଼ିବାରୁ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି।

ଦୁର୍ଘଟଣା ପରେ ଘଟଣା ଯେପରି ପ୍ରଘଟ ନ ହେବ ସେଥିପାଇଁ କାରଖାନା ପକ୍ଷରୁ ଆପ୍ରାଣ ଉଦ୍ୟମ ଚାଲିଛି। ଏପରିକି କାରଖାନାର ମୁଖ୍ୟ ଫାଟକକୁ ବନ୍ଦ କରି ଦିଆଯାଇଥିଲା। କାରଖାନା ଭିତରକୁ କୌଣସି ଲୋକଙ୍କ ପ୍ରବେଶ ଏବଂ କାରଖାନା ଭିତରୁ କୌଣସି କର୍ମଚାରୀଙ୍କ ବାହାରକୁ ଯିବା ଉପରେ କଟକଣା ଲଗାଯାଇଥିଲା। ତେବେ ଖବର ପାଇ କୋଇଡ଼ା ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦୁର୍ଘଟଣାରେ କେହି ବେଶୀ କିଛି ଆହତ ହୋଇନଥିବାରୁ ଏ ନେଇ କୌଣସି ମାମଲା ରୁଜୁ ହୋଇନି ବୋଲି ସେ କହିଛନ୍ତି।

ସେପଟେ ରାଉରକେଲାସ୍ଥିତ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଇ. ବିଭୁ ପ୍ରସାଦ କହିଛନ୍ତି, ଏସ୍‌ଏମ୍‌ଏସ୍-୨ ଇଣ୍ଡକ୍ସନ ଫର୍ଣ୍ଣେସରେ ଟିଲଟିଂ ଫର୍ଣ୍ଣେସ୍ ଭିତରେ ରହି ଯାଇଥିବା କିଛି ପରିମାଣର ଏଣ୍ଟ୍ରାପ୍‌ଚ ଗ୍ୟାସ୍ ଫର୍ଣ୍ଣେସ୍ ବାହାରକୁ ବାହାରି ଆସିଥିଲା। ଫଳରେ ଆଖପାଖ ଅଞ୍ଚଳ ସମ୍ପୂର୍ଣ୍ଣ ଧୂଆଁମୟ ହୋଇଯାଇଥିଲା। ତେବେ ଏହି ଦୁର୍ଘଟଣାରେ କେହି ଆହତ ହୋଇନଥିବା କାରଖାନା ପକ୍ଷରୁ ସୂଚନା ଦିଆଯାଇଛି ବୋଲି ସେ କହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ହେବ ବୋଲି ସେ କହିଛନ୍ତି।

ତେବେ ପୁଲିସ ଓ ତାଙ୍କ ସୂଚନାରେ କୌଣସି ତାଳମେଳ ରହୁ ନ ଥିବାରୁ ଘଟଣାଟି ଅତ୍ୟନ୍ତ ସନ୍ଦେହଜନକ ମନେ ହେଉଛି। ଆଜି ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟର ଏସ୍‌ଏସ୍‌ଏସ୍-୨ରେ ଦୁର୍ଘଟଣା ତ ଘଟିଛି ଏଥିରେ କୌଣସି ଦ୍ୱିମତ ନାହିଁ; କିନ୍ତୁ ଦୁର୍ଘଟଣାର ତୀବ୍ରତା କେତେ ଥିଲା, ଦୁର୍ଘଟଣାରେ କେତେ ଜଣ ଗୁରୁତର ହୋଇଛନ୍ତି, ସେମାନଙ୍କୁ କେଉଁଠି ଚିକିତ୍ସା କରାଯାଉଛି, ଏହି ଦୁର୍ଘଟଣା ପାଇଁ କିଏ ଦାୟୀ, ସେଠାରେ ସୁରକ୍ଷା ବ୍ୟବସ୍ଥା କିପରି ଥିଲା ଏ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। ଦୁର୍ଘଟଣାକୁ ଚପାଇଦେବାକୁ ଉଦ୍ୟମ ଚାଲିଛି କି? ସେ ନେଇ ନାନା ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଥିବାରୁ ସମସ୍ତ ଘଟଣା ଉପରୁ ପରଦା ଉଠିବା ନେଇ ଆଶଙ୍କା ରହିଛି। ଏତେବଡ଼ ଦୁର୍ଘଟଣା ସତ୍ତ୍ୱେ କୋଇଡ଼ାର କୌଣସି ଶ୍ରମିକ ସଂଗଠନ ନେତା ମୁହଁ ନ ଖୋଲିବା କି ବିଧାୟକ କୌଣସି ବିବୃତି ନ ଦେବା ମଧ୍ୟ ସମସ୍ତଙ୍କୁ ବିସ୍ମିତ କରିଛି।

### ବିଭିନ୍ନ ସ୍ଥାନରେ...

ପାଣି ଚାଲୁଥିବାରୁ ଉଭୟ ପାଶ୍ୱର୍ରେ ଶତାଧିକ ଗାଡ଼ି ଅଟକି ରହିଛି। ପାଙ୍ଗାମ, କାଙ୍ଗରୁକୋଣ୍ଡା, ଏମ୍‌ଭି-୯୦, କନ୍ୟାଶ୍ରମ ଓ ଏମ୍‌ଭି-୭ ଅଞ୍ଚଳରେ ମଧ୍ୟ ଯାତାୟାତ ପ୍ରଭାବିତ ହୋଇଛି। କୋରକୋଣ୍ଡା ବ୍ଲକର ନୀଳାକାମ୍ବେରୁ ପଞ୍ଚାୟତ ଅଧୀନ ଦୁଇଟି ଗ୍ରାମ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଛି। ପ୍ରବଳ ବର୍ଷା କାରଣରୁ ବିଭିନନ୍ ସ୍ଥାନରେ ଅଟକିଥିବା ୪୦୦ରୁ ଉଦ୍ଧ୍ୱର୍ ଯାତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧା ଖାଦ୍ୟ ସହ ପାଣି ଯୋଗାଇ ଦିଆଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିଛି। ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ବେଳେ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ ପ୍ରତିକ୍ରିୟା ବାହିନୀ ଓ ଅଗ୍ନିଶମ ବାହିନୀକୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି। ତଳିଆ ଅଞ୍ଚଳରେ ଜଳସ୍ତର ବଢ଼ିଲେ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି। ପାଣି ନକମିବା ପର୍ଯ୍ୟନ୍ତ ସେତୁ ପାର ନହେବାକୁ ଲୋକଙ୍କୁ ସତର୍କ କରାଯାଇଛି। ପ୍ରଶାସନକୁ ହାଇଆଲର୍ଟରେ ରଖାଯାଇଥିବା ବେଳେ ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ଜଣାପଡ଼ିଛି।

**AFFIDAVIT**

I, DIGAMBARA PANDA aged about 67 years, S/o- Bhaskar Panda, VIM-123, Sailashree Vihar, Sailashree Vihar Bhubaneswar, PS - Chandrasekharpur, 751021, ODISHA, declared by this Affidavit No. 999/2026 Dated.11.09.2026, hat now onwards I shall Be Known As **DIGAMBAR PANDA** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1194, dated 08.09.2026, I, ABHIMANYU BHATRA, S/o - Manabadha Bhatra, permanent resident of Village - Jabaguda, PO - Jabaguda, PS - Dabugan, Dist - Nabarangpur, Odisha, Pin - 764072, declare that I have changed my name from ABI BHATRA to ABHIMANYU BHATRA. Henceforth, I shall be known as **ABHIMANYU BHATRA** for all purposes.
Sd/-Abhimanyu Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1174, dated 01-09-2026, I, GADADHAR AMANATYA, S/o - Jogo Amanatya, permanent resident of Village - Maliguda, PO - Sindhigan, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from SABETRE AMANATYA to SABITRI AMANATYA. Henceforth, she shall be known as **SABITRI AMANATYA** for all purposes.
Sd/- Gadadhar Amanatya

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1171, dated 01-09-2026, I, HIRENDRA BISOYI, S/o - Shyamsundra Bisoyi, permanent resident of Village - Dabugam, PO - Dabugam, PS - Dabugam, Dist - Nabarangpur, Odisha, Pin - 764072, declare that I have changed the name of my Son from TARANU KUMAR BISOYI to TARUN KUMAR BISOYI. Henceforth, he shall be known as **TARUN KUMAR BISOYI** for all purposes.
Sd/- Hirendra Bisoyi

**AFFIDAVIT**

By virtue of an affidavit sworn before the Executive Magistrate, Kodinga, Vide no - 2853/26, dated 07-09-2026, I, ISWAR BHATRA, S/o - Sudu Bhatra, permanent resident of Village - Bankuli, PO - Bankuli, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Son from DIPA BHATRA to DAMBARU BHATRA. Henceforth, he shall be known as **DAMBARU BHATRA** for all purposes.
Sd/- Iswar Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no-1172, dated 01.09.2026, I, JESTHA BHATRA, S/o - Nilambar Bhatra, permanent resident of Village - Maliguda, PO - Sindhigan, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from JYASHTH BHATRA to JESTHA BHATRA. Henceforth, I shall be known as **JESTHA BHATRA** for all purposes.
Sd/-Jestha Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no -1173, dated 01-09-2026, I, JYASHTH BHATRA, S/o - Nilambar Bhatra, permanent resident of Village - Maliguda, PO - Sindhigan, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Son from DUPRAJ BHATRA to JUBARAJ BHATRA. Henceforth, he shall be known as **JUBARAJ BHATRA** for all purposes.
Sd/- Jyashth Bhatra

**AFFIDAVIT**

I, Himadri Tanaya Mohapatra, aged about 45 years, W/o- Chinmaya Sahoo, resident of At- Tangi, Po- Kotasahi, Ps- Tangi, Dist- Cuttack, Odisha, PIN- 754022, do hereby declare by this affidavit No. 1887, dtd- 11/09/2026, that now onwards I shall be known as **HIMADRI TANAYA SAHOO** for all future purposes.

**AFFIDAVIT**

By virtue of an affidavit (Sl No. 6115, dtd- 11.09.2026) sworn before The Executive Magistrate, Cuttack. I, **Santosh Kumar Sahoo,** S/o Gobinda Chandra Sahoo, resident of Kalindrabad, PO- Khairabad, PS- Jajpur Sadar, Dist- Jajpur, PIN-755007, Odisha declare that I have changed my minor son's name from **Prabhupada Sahoo** to **Ayushmaan Sahoo.** Henceforth, he shall be known as **Ayushmaan Sahoo** (new name) for all purposes.
Santosh Kumar Sahoo

**AFFIDAVIT**

I, DIGAMBER PANDA aged about 67 years, S/o-Bhaskar Panda,VIM-123, Sailashree Vihar , Sailashree Vihar Bhubaneswar, PS - Chandrasekharpur-751021, ODISHA, declared by this Affidavit No.998/2026 Dated.11.09.2026, hat now onwards I shall Be Known As **DIGAMBAR PANDA** for all future Purposes.

**AFFIDAVIT**

By virtue of an affidavit (Sl No. 6116, dtd- 11.09.2026) sworn before The Executive Magistrate, Cuttack. I, **Santosh Kumar Sahoo,** S/o Gobinda Chandra Sahoo, resident of Kalindrabad, PO- Khairabad, PS- Jajpur Sadar, Dist- Jajpur, PIN-755007, Odisha declare that I have changed my minor son's name from **Prabhuprasad Sahoo** to **Anshuuman Sahoo.** Henceforth, he shall be known as **Anshuuman Sahoo** (new name) for all purposes.
Santosh Kumar Sahoo

**ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

W/623/5/1/NIT, ତାରିଖ: ୧୧.୦୯.୨୦୨୬। ଡିଭିଜନାଲ୍ ରେଲୱେ ମ୍ୟାନେଜର (W A), ରତଲାମଙ୍କ ପକ୍ଷରୁ www.ireps.gov.in ୱେବସାଇଟରେ ଇ-ଟେଣ୍ଡର ମାଧ୍ୟମରେ "ଖୋଲା ଟେଣ୍ଡର" ଆମନ୍ତ୍ରଣ କରାଯାଉଛି। ବିବରଣୀ ନିମ୍ନରୂପ:- ଇ-ଟେଣ୍ଡର ନଂ.: RTM-2026-27-98, କାର୍ଯ୍ୟର ନାମ: ରତଲାମ ଡିଭିଜନ୍‌ରେ ହରିଫାଟକ, ଉଜ୍ଜୟିନୀ ଠାରେ SPBGUJN ମଧ୍ୟରେ କି.ମି. ୫୩/୨୩-୨୫ ଠାରେ ସବୱେ (RUB) (RCC ବକ୍ସ ୦୨ଟି) ବ୍ୟବସ୍ଥା କରିବା। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ୍ ଅନୁଯାୟୀ। ଆନୁମାନିକମୂଲ୍ୟ: ଟ.୧୫,୧୮,୬୫,୧୮୪.୫୮/- ଜମା କରିବାକୁ ଥିବା ବୟନା ରାଶି: ଟ.୩୦,୩୭,୩୦୦.୦୦/-, କାର୍ଯ୍ୟସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୧/୦୯/୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୬/୧୦/୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।
SNP-253
Like us on: facebook.com/WesternRly

Housing & Urban Development Department, Govt. of Odisha
**OFFICE OF THE PARADEEP MUNICIPALITY, PARADEEP**
At/ Po.- Paradeep, Dist.- Jagatsinghpur (Odisha), Pin-754142

13001/1848/2627 **E-PROCUREMENT NOTICE**

| | |
|---|---|
| Tender Call Notice No. | : 4822/11.09.2026 |
| Bid Identification No. | : EO/PDPM/W_08/2026-27 |
| Tender ID | : 2026_ORULB_140912 |
| Nature of Works | : Civil Works |
| Number of Works | : 01 |
| Tender Value | : ₹ 26.32 Lakh |
| Available Period | : dt. 14.09.2026 from 05:30 PM to dt. 24.09.2026 05:30 PM |
| Tender Opening Date | : dt. 25.09.2026 at 11:30 AM |

Bidders are requested to read the NIT & DTCN at www.tendersodisha.gov.in carefully and participate with their civil license with valid Registration Certificate before the closing date.

Executive Officer
Paradeep Municipality

OIPR-13001/13120/1/26-27/0016

# ଉପେକ୍ଷିତ କୋକସରା: ରଙ୍ଗବୋଲାରେ ବିତିଲା ୨ବର୍ଷ

## ସରକାରଙ୍କ ଉପରୁ ତୁଟିଲା ଲୋକଙ୍କ ଭରସା

କୋକସରା,୧୨।୯(ସମିସ)

କଳାହାଣ୍ଡି ଲୋକସଭାକ୍ଷେତ୍ରର ବୃହତ୍ତମ ବିଧାନସଭା ନିର୍ବାଚନ ମଣ୍ଡଳୀ-ଧର୍ମଗଡ଼ ବିକାଶର ପାଦ ଆଗକୁ ବଢ଼ାଇବା ପରିବର୍ତ୍ତେ ପଛକୁ ଘୁଞ୍ଚୁଥିବା ପରି ପ୍ରତୀୟମାନ ହେଉଛି। ମିଛ ସ୍ୱପ୍ନର ଭେଳିକି ଦେଖାଇ ଭୋଟ ନେଇ ଲୋକଙ୍କୁ ବୋକା ବନାଇଦେଲା ଏହି ସରକାର ବୋଲି ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର କୋକସରା ଅଞ୍ଚଳରେ ଜୋରଦାର ଚର୍ଚ୍ଚା ଚାଲିଛି। ଗତ ସରକାର ଅମଳରେ ବିଜୁ ଏକ୍ସପ୍ରେସୱେ ଠାରୁ ଆରମ୍ଭ କରି ଇନ୍ଦ୍ରାବତୀ ଲିଫ୍ଟ କେନାଲ, ବିଦ୍ୟାଳୟ ଓ ମଠ-ମନ୍ଦିରର ପ୍ରଭୂତ ବିକାଶ ସାଧିତ ହୋଇଥିଲା। ଏବେ ବର୍ତ୍ତମାନର ଡବଲ ଇଞ୍ଜିନ୍ ସରକାର ସମୟରେ କୋକସରା ବ୍ଲକର କୌଣସି ଧାର୍ମିକ ପୀଠସ୍ଥଳୀକୁ ଟଙ୍କାଟିଏ ମଧ୍ୟ ଅନୁଦାନ ଆସିନାହିଁ। ଯାହା ବି କାମ ହୋଇଛି, ତାହା ବିଜେଡି ସରକାର ଅମଳର ବୋଲି ପର୍ଯ୍ୟଟକ ଓ ଭକ୍ତମାନେ ମତପ୍ରକାଶ କରିଛନ୍ତି। ଏହି ସରକାର କେବଳ ରଙ୍ଗ ବୋଲାବୋଳି କରିବାରେ ୨ ବର୍ଷ ନେଇସାରିଛି। ଆଗକୁ କ'ଣ ବା ଅଧିକ କରିବ ବୋଲି ଲୋକେ ନିରାଶ ହୋଇ କ୍ଷୋଭବ୍ୟକ୍ତ କରିଛନ୍ତି। କୋକସରା ଅଞ୍ଚଳର ବିକାଶଧାରା ବିଜେଡି ଅମଳରେ ଗଗନଚୁମ୍ବୀ ଥିଲା। ୧୫ ହଜାର ବର୍ଷ ତଳର ଗୁଡ଼ହାଣ୍ଡି-ଡୋକରୀଚଞ୍ଚରା ପର୍ଯ୍ୟଟନସ୍ଥଳୀର ବିକାଶ, କରକ ଜଳପ୍ରପାତର ଉନ୍ନତିକରଣ, ବୁଢ଼ାରଜା ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ଶହଶହ ହେକ୍ଟର କୃଷି କ୍ଷେତ୍ରକୁ ଜଳସେଚନ ଆଦି ବିଜେଡି ସରକାର ଅମଳର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧ ଥିଲା। ତେବେ ଏହି ୨ ବର୍ଷ ହେଲା ବିକାଶର ଧାରା ବଢ଼ିବା ପରିବର୍ତ୍ତେ ପ୍ରାୟତଃ ଠପ୍ ହୋଇପଡ଼ିଛି। ଯାହା ବି କିଛି କାମ ହେଉଛି, ତାହା ଗ୍ରାମ ପଞ୍ଚାୟତ କିମ୍ବା ଅତି ବେଶୀରେ ପଞ୍ଚାୟତ ସମିତି ସ୍ତରରେ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ହେଉ କିମ୍ବା କୃଷି ବିଭାଗ, ଏହି ୨ ବର୍ଷ ଭିତରେ କୋକସରା ବ୍ଲକରେ ଆଖିଦୃଶିଆ ଅନୁଦାନ ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅପରପକ୍ଷରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଥିବା ବେଳେ ଡବଲ ଇଞ୍ଜିନ୍ ସରକାର ଜନସାଧାରଣଙ୍କୁ ଡବଲ ଧୋକା ଦେଇଛି ବୋଲି କୋକସରାର ଅନେକ କୃଷକ ଓ ଶ୍ରମିକ ମତ ପ୍ରକାଶ କରିଛନ୍ତି।

# ଚାଷୀ ସମାବେଶ ପାଇଁ କିଷାନ ସଂଘର ପ୍ରସ୍ତୁତି



ବୌଦ୍ଧ, ୧୨।୯(ସମିସ): ଭାରତୀୟ କିଷାନ ସଂଘ ବୌଦ୍ଧ ଶାଖା ତରଫରୁ ସଭାପତି ଭୋଳାଗିରି ସାହୁଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚାଷୀମାନଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା। ଗୁରୁଜିମୁଣ୍ଡାର ଗମ୍ଭୀରଦରହଠାରେ ଜଳଭଣ୍ଡାର ନିର୍ମାଣ, ଖଡଙ୍ଗ ନଦୀର ସାଢ଼ାଙ୍ଗ ଠାରେ ଜଳଭଣ୍ଡାର ନିର୍ମାଣ, ଚାରିଛକର କିତାଙ୍ଗପଦାଠାରେ ଜଳଭଣ୍ଡାର ନିର୍ମାଣ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିର୍ମାଣରେ ଡବଲ ଇଞ୍ଜିନ୍ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ଆସନ୍ତା ନଭେମ୍ବର ୪ ତାରିଖରେ ଏକ ବିରାଟ ଚାଷୀ ସମାବେଶ କରାଯିବ। ସମାବେଶକୁ ସଫଳ କରିବା ପାଇଁ ସଂଘର କର୍ମକର୍ତ୍ତା ଗାଁ ଗାଁ ବୁଲି ଚାଷୀଙ୍କୁ ସଚେତନ ଓ ସଂଗଠିତ କରିବେ। ଏହାସତ୍ତ୍ୱେ ଯଦି ସରକାର ଦାବି ନ ଶୁଣନ୍ତି ଆନ୍ଦୋଳନ ଆହୁରି ତୀବ୍ର କରାଯିବ। ଏହାସହ ବୌଦ୍ଧଠାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମଧ୍ୟ ଦୃଢ଼ ଦାବି ଉପସ୍ଥାପନ କରାଯିବ।

# ଆମ ଖାଦ୍ୟ ଆମ ସଂସ୍କୃତି-ପ୍ଲାଷ୍ଟିକ ମୁକ୍ତ ଖାଦ୍ୟ ମେଳା



ବୌଦ୍ଧ,୧୨।୯(ସମିସ): ବୌଦ୍ଧ ସହର ମର୍ଜାକୁଦ କଲ୍ୟାଣ ମଣ୍ଡପଠାରେ ବଲାଙ୍ଗୀରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ ଖାଦ୍ୟ ଆମ ସଂସ୍କୃତି - ପ୍ଲାଷ୍ଟିକ ମୁକ୍ତ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ବବିତା ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ବନଖଣ୍ଡ ସହକାରୀ ବନ ସଂରକ୍ଷକ କୃଷ୍ଣଚନ୍ଦ୍ର ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚନ୍ଦ୍ରକାନ୍ତି ନାୟକ ମଞ୍ଚ ପରିଚାଳନା କରିଥଲେ।

# ବିଶିଷ୍ଟ ବ୍ୟବସାୟୀ ଏବଂ ଶିକ୍ଷାବିତଙ୍କ ବିୟୋଗ



ବୌଦ୍ଧ,୧୨।୯(ସମିସ): ବୌଦ୍ଧ ସହରର ବ୍ୟବସାୟୀ ଓ ଶିକ୍ଷାବିତ ରାଜ କିଶୋର ମହାରଣାଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ଜିଲ୍ଲା ବ୍ୟବସାୟୀ ମହାସଂଘର ସଭାପତି ପ୍ରଦୋଷ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ।

# ପିଏମ ବିଶ୍ୱକର୍ମା ସଚେତନତା କାର୍ଯ୍ୟକ୍ରମ



ବୌଦ୍ଧ, ୧୨।୯(ସମିସ): ସ୍ଥାନୀୟ ଟାଉନ୍‌ହଲ୍‌ଠାରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଉତ୍ପାଦ ଓ ବଜାର କରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲିଡ ବ୍ୟାଙ୍କ ମେନେଜର୍ ଡନ ବାସ୍କୋ ଡି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବିଭାଗୀୟ ଅଧିକାରୀମାନଙ୍କ ସମେତ ସାଧନ କର୍ମୀମାନେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ସୁବିଧା ସୁଯୋଗ ସମ୍ପର୍କରେ ଉପସ୍ଥିତ ଉଦ୍ୟୋଗୀ ଓ ଆକାଂକ୍ଷାମାନଙ୍କୁ ସଚେତନ କରିଥିଲେ।

# ବ୍ୟାଙ୍କ କର୍ମଚାରୀ ୟୁନିୟନ ମିଳିତ ଫୋରମ ପକ୍ଷରୁ ବିକ୍ଷୋଭ




ବୌଦ୍ଧ,୧୨।୯(ସମିସ): ବୌଦ୍ଧ ସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଶାଖା ଆଗରେ ବିଭିନ୍ନ ଦାବି ପୂରଣ ନେଇ ବ୍ୟାଙ୍କ କର୍ମଚାରୀ ୟୁନିୟନ ମିଳିତ ଫୋରମ ପକ୍ଷରୁ କାର୍ଯ୍ୟବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଫୋରମ ପକ୍ଷରୁ ସାରା ଭାରତରେ ସମସ୍ତ ବ୍ୟାଙ୍କ କର୍ମଚାରୀ ଦିନକିଆ ଧର୍ମଘଟ କରିଥଲେ। ୨୮, ୨୯ ଓ ୩୦ ତାରିଖରେ ମଧ ସେମାନେ ଧର୍ମଘଟ କରିବେ। ସପ୍ତାହକୁ ୫ ଦିନ କାର୍ଯ୍ୟ ଦିବସ, ପିଏଲଆଇ ସ୍କିମର ପ୍ରତ୍ୟାହାର ଆଦି ବିଭିନ୍ନ ଦାବିରେ ଧର୍ମଘଟ କରାଯାଇଛି। ଦାବି ପୂରଣ ନ ହେଲେ ଅକ୍ଟୋବର ୨୬ ତାରିଖଠାରୁ ସମସ୍ତ ବ୍ୟାଙ୍କର କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟକୁ ଓହ୍ଲାଇବେ ବୋଲି ଫୋରମ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବଡଫଟା ମୁଣ୍ଡାରେ ଶିକ୍ଷକଙ୍କ ମାସିକ ବୈଠକ



ଡୁଙ୍ଗୁରିପାଲି,୧୨।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସହଲା କ୍ଲଷ୍ଟର ଅଧୀନ ବଡଫଟା ମୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷକଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରଞ୍ଜନ ଦାଶ ଆଲୋଚନା କରିଥିଲେ। କ୍ଲଷ୍ଟରରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷୟିତ୍ରୀ ରବିବାରୀ ବେହେରା, ଶିକ୍ଷକ ପ୍ରମୋଦ ବାରିକ ଏବଂ ଥବିର ଦୋରାଙ୍କୁ ସ୍ୱାଗତ କରାଯାଇଥିଲା। ଏବିଇଓ ଗୁଂଜାଲୁ ମିର୍ଦ୍ଧା, ବଡ଼ ଫଟାମୁଣ୍ଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବପ୍ରସାଦ ରଣା, ଶିକ୍ଷକ ନାରାୟଣ ମେହେର, ଅଭିରାମ ବାରିକ, ଚକ୍ର ଧର ବାରିକ, ଗୋପାଳ ଦାସ, ରମେଶ ସାଥୁଆ, ନିଳକାନ୍ତ ବେହେରା, ଶିକ୍ଷୟିତ୍ରୀ ଉର୍କୁଲି ଭୋଇ, ସୁନୀତା ସେଠୀ ଏବଂ ଗାୟତ୍ରୀ ଷାଣ୍ଢ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ଦିବ୍ୟରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମହର୍ଷି ବୁଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନ




ତରଭା,୧୨।୯ (ସମିସ): ତରଭା ବ୍ଲକ୍ ମେଣ୍ଡା ମହର୍ଷି ବୁଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଆୟୋଜିତ ସଭାରେ ପ୍ରଥମେ ନୂତନ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଛାତ୍ରଛାତ୍ରୀ ନିଜର ପରିଚୟ ପ୍ରଦାନ କରିଥିଲେ। ରାଣୀ ମହାନନ୍ଦ, ମହେଶ୍ୱର ପଟ୍ଟନାୟକ, ଅଞ୍ଜଳି ମହାକୁର ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

# ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ କମିଟି ବୈଠକ



ତରଭା,୧୨।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ବୈଠକରେ ଉପସ୍ଥିତ ରହି ଜିଲ୍ଲାର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କର ସୁବିଧା ଓ ଉନ୍ନତି ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କ ଦାୟିତ୍ୱ ଏବଂ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇ ସେଗୁଡ଼ିକର ସମାଧାନ ଓ ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଲିଫ୍ଟ ଓ ରାମ୍ପ ବ୍ୟବସ୍ଥା କରିବା ନେଇ ନିଷ୍ପତ୍ତି ହୋଇଥିଲା। ଏଥିସହିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା ସମ୍ପର୍କରେ ଘରକୁ ଘର ସଚେତନତା ସୃଷ୍ଟି କରିବାକୁ ଆଲୋଚନା କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଦିବ୍ୟାଙ୍ଗ କର୍ମଚାରୀମାନଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ନେବାକୁ କୁହାଯାଇଥିଲା। ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ କରିବା ସହ ସେମାନଙ୍କ ପ୍ରତି କୌଣସି ଅପରାଧ ଘଟିଲେ ଶୀଘ୍ର ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଏକ ରାମ୍ପ ନିର୍ମାଣ କରିବା ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଜିଲ୍ଲାରେ ୩୦୯ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏଥିସହିତ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ୧,୯୮୩ ଜଣ ବିବିଏସ୍ ଶିବିରର ସୁବିଧା ଗ୍ରହଣ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଉଷାରାଣୀ ଦାସ ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ସରଙ୍ଗୀ ବୈଠକ ପରିଚାଳନା କରିଥିଲେ। ଏହି ଅବସରରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ






କନ୍ଧମାଳ,୧୨।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଂଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବିପତ୍ତି ଓ ବିପର୍ଯ୍ୟୟ ପରିଚାଳନା ସାଧନ କର୍ମୀ ବନମାଳୀ ମେହେର ତାଲିମ୍‌ଦାତା ଭାବେ ଯୋଗ ଦେଇଥିଲେ। ପ୍ରାଥମିକ ଚିକିତ୍ସା ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ବୁଝାଇଥିଲେ। ରେଡକ୍ରସ୍ ଟ୍ରେନର ସୁଜିତ୍ ତରିଆ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଏମ. ମାଧୁରୀ ଦୋରା, ମୀରାବାଇ ଧାରୁଆ, ଗୀତାଞ୍ଜଳି ସାହୁ, ଶିକ୍ଷକ ଆଲୋକ ପରଡିଆ, ସତ୍ୟଜିତ ପଣ୍ଡା, ଶ୍ରୀକାନ୍ତ ବୁଦ୍ଧିଆ, ସରୋଜ ସାହୁ, ସୁଦାମ ଚରଣ ମିଶ୍ର, ସୌରଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଖୁସି କହଁର ଧନ୍ୟବାଦ୍ ଅର୍ପଣ କରିଥିଲେ।

**ବୀରମହାରାଜପୁର:** ସୁବଳୟା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସ୍ୱର୍ଣ୍ଣଲତା ବେହେରାଙ୍କ ସଭାପତିତ୍ୱ ଏବଂ ଜୁନିଅର ରେଡ଼କ୍ରସ ପରାମର୍ଶଦାତା ଶିକ୍ଷକ ଚନ୍ଦ୍ରମଣି ବାଘଙ୍କ ସଂଯୋଜନାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ସମ୍ପା ବିଶ୍ୱାଳ, ପ୍ରତିମା ବାଘ, ଘନଶ୍ୟାମ ନାଏକ, ଅଜିତ ଗର୍ଡିଆ, ସରୋଜ ପଧାନ, ବିକ୍ରମ ସାହୁ, ଆଭାସ ସାହୁ ପ୍ରମୁଖ ପ୍ରାଥମିକ ଚିକିତ୍ସାର ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରି ଚିକିତ୍ସା କୌଶଳ ଶିଖିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ଶ୍ରୀ ବାଘ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା କୌଶଳରେ ହାତଗୋଡ଼ ବ୍ୟାଣ୍ଡେଜ, ଚୋକିଙ୍ଗ, ହୃଦଘାତର ଲକ୍ଷଣ, ସତର୍କତା ବିଷୟରେ ଶିକ୍ଷା ଦେଇଥିଲେ। ଶେଷରେ ଛାତ୍ରୀ ସଂସ୍କୃତି ଖମାରି ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଙ୍କ ସୁରକ୍ଷା କବଚ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ

ସିନାପାଲି,୧୨।୯(ସମିସ): ଛାତ୍ରୀମାନଙ୍କ ସଶକ୍ତୀକରଣ ଲକ୍ଷ୍ୟନେଇ ସିନାପାଲି ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆରମ୍ଭ କରାଯାଇଥିବା 'ଶକ୍ତିଶ୍ରୀ' ଯୋଜନା ଏକ ପ୍ରଶଂସନୀୟ ପଦକ୍ଷେପ। ଏହି କାର୍ଯ୍ୟକ୍ରମରେ "ଛାତ୍ରୀଙ୍କୁ ସଶକ୍ତ କରିବା, ଛାତ୍ରୀ ସୁରକ୍ଷାକୁ ସୁନିଶ୍ଚିତ କରିବା' ବିଷୟରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର 'ଶକ୍ତିଶ୍ରୀ' ସଂଯୋଜିକା ଡକ୍ଟର ସ୍ୱର୍ଣ୍ଣଲତା ରାଣୀ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଏ.ବି. ଡୁଙ୍ଗ୍‌ଡୁଙ୍ଗ୍ ସଭାପତିତ୍ୱ କରିଥିଲେ। ଅଧ୍ୟାପକ କ୍ଷେତ୍ରମୋହନ ଦୁରିଆ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ, ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା ଯୋଗଦେଇ ଛାତ୍ରୀମାନଙ୍କୁ ସଚେତନତା, ସୁରକ୍ଷା, ସ୍ୱ-ରକ୍ଷା, ଆତ୍ମବିଶ୍ୱାସ ଓ ନାରୀ ସଶକ୍ତୀକରଣ ଉପରେ ନିଜର ସୁଚିନ୍ତିତ ବକ୍ତବ୍ୟରେ ପରାମର୍ଶ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ବ୍ରଜମୋହନ ଧାକଡ଼୍, ଅଧ୍ୟାପକ ରଜନୀକାନ୍ତ ମେହେର, ମୁଖ୍ୟକିରାଣୀ ତପେଶ୍ୱର ମେହେର, କ୍ରୀଡ଼ା ଅଧ୍ୟାପକ ଉମାନନ୍ଦ ବିଶି, ଅଧ୍ୟାପକ ଉଦୟନାଥ ନାୟକ, ଅଧ୍ୟାପକ ମେଘନାଦ ମେହେର, ପ୍ରଭଞ୍ଜନ ମିଶ୍ର, ତାପସ ରଞ୍ଜନ କରୁଆଁ ପ୍ରମୁଖଙ୍କ ସହ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀଙ୍କ ସହଯୋଗ କରିଥିଲେ। ପ୍ରିୟମ୍ବଦା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଘରୁ ୨ ବାଇକ୍ ଚୋରି ଅଭିଯୋଗ

ଧର୍ମଗଡ଼,୧୨।୯(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅଧୀନ କେବିଡି ଗାଁରେ ଏକ ଘରୁ ବିଳମ୍ବିତ ରାତିରେ ଦୁଇଟି ବାଇକ୍ ଚୋରି ହୋଇଥିବା ଧର୍ମଗଡ ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକେ ଘର ଭିତରେ ଶୋଇଥିବା ସମୟରେ ଚୋରମାନେ ଘର ବାହାରେ ରଖାଯାଇଥିବା ଦୁଇଟି ବାଇକ ଚୋରି କରିଥିବା ଜଣାପଡ଼ିଛି। ଘଟଣାସମ୍ପର୍କରେ କେବିଡି ଗାଁର ମଦନ ନାଏକଙ୍କ ପୁଅ କୃପାସିନ୍ଧୁ ନାଏକ ଆଜି ଧର୍ମଗଡ଼ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଧର୍ମଗଡ଼ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଚୋରି ଯାଇଥିବା ବାଇକ ଦୁଇଟିର ସନ୍ଧାନ ଚଳାଇଛି।

# ବୌଦ୍ଧ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ

ମନମୁଣ୍ଡା,୧୨।୯(ସମିସ): ବୌଦ୍ଧ ଜିଲ୍ଲା ପ୍ରାଥମିକ ଶିକ୍ଷକ (ଏକ୍ସକ୍ୟାଡ଼ର )ସଙ୍ଘର ସଂଗଠନିକ ବୈଠକ ଶନିବାର ଦହ୍ୟା ହାଇସ୍କୁଲଠାରେ ଜିଲ୍ଲା ସଙ୍ଘର ସଭାପତି ଟଂକୁ ଅମାତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାଧାରଣ ସଂପାଦକ ବୀର ବିକ୍ରମ ପ୍ରଧାନ ସଙ୍ଘର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ଏକ୍ସ କ୍ୟାଡର ଶିକ୍ଷକଙ୍କୁ କିପରି କ୍ୟାଡର ଭୁକ୍ତ କରାଯିବ ସେ ସମ୍ପର୍କରେ ସରକାରଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ଏଣୁ ୨୧ତାରିଖରେ ସଂଘ ରାଜରାସ୍ତାକୁ ଓହ୍ଲାଇବ। ତେଣୁ ତୃଣମୂଳ ସ୍ତରରୁ ସମସ୍ତ ଶିକ୍ଷକ ଯୋଗଦାନ କରିବାକୁ କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଉପଦେଷ୍ଟା ମଧୁସୂଦନ ନାଏକ, ବୌଦ୍ଧ ବ୍ଲକ ସଭାପତି ସରୋଜ ପ୍ରଧାନ, କଣ୍ଟାମାଳ ସଂପାଦକ କେଶବ ପ୍ରଧାନ, ଗିରିଶ ଦାସ, ପଙ୍କଜ କର୍ଣ୍ଣ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଉମେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବେଶ ସଚେତନତା କାର୍ଯ୍ୟକ୍ରମ




ବୀରମହାରାଜପୁର,୧୨।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ବାଘପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୟା ସରାବନି ଯୋଗ ଟ୍ରଷ୍ଟ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜଳ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ବୃକ୍ଷରୋପଣ, ପଶୁପକ୍ଷୀଙ୍କ ସୁରକ୍ଷା, ଚାରଣଭୂମି ସୁରକ୍ଷା ଓ ପ୍ଲାଷ୍ଟିକ୍ ବର୍ଜନ ଭଳି ବିଭିନ୍ନ ପରିବେଶୀୟ ବିଷୟ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀ ଛୋଟବେଳୁ ପ୍ରକୃତି ପ୍ରତି ସଚେତନ ହେଲେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସୁନ୍ଦର ଓ ସବୁଜ ପୃଥିବୀ ଗଢ଼ି ହୋଇପାରିବ ବୋଲି ପ୍ରଧାନଶିକ୍ଷକ ସନ୍ତୋଷ ପଧାନ ମତବ୍ୟକ୍ତ କରିଥିଲେ। ଦୟା ସରାବନି ଯୋଗ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ଡ. ହୃଷୀକେଶ ଦେହେରୀ କହିଥିଲେ ଯେ, ପ୍ରକୃତିର ପ୍ରତ୍ୟେକ ଉପାଦାନ ପରସ୍ପର ସହ ଜଡ଼ିତ। ପରିବେଶ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବ। ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ପାଇଁ ଦାୟିତ୍ୱ ପାଳନ କରିବା ଆବଶ୍ୟକ। ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷାର ସଂକଳ୍ପ ନେଇଥିଲେ। ଶେଷରେ ସ୍ୱରୂପାରାଣୀ କ୍ଷେତି ଧନ୍ୟବାଦ ଅର୍ପଣ କରିଥିଲେ।

# ମନମୁଣ୍ଡାରେ ଲଙ୍କାପୁଡ଼ି ଓ କୁଣ୍ଡି କାଞ୍ଚି ଖେଳ



ମନମୁଣ୍ଡା,୧୨।୯(ସମିସ): ଭାଦ୍ରବ ସପ୍ତପୁରୀ ଅମାବାସ୍ୟା ଅବସରରେ ମନମୁଣ୍ଡାରେ ଲଙ୍କାପୁଡ଼ି ଉତ୍ସବ ପାଳିତ ହୋଇଛି। ମାଟିରେ ହନୁମାନ ମୂର୍ତ୍ତି ଗଢି ପିଲାମାନେ ରାସ୍ତାରେ ଟାଣିଥିଲେ। ସେହିପରି ଛୋଟ ଛୋଟ ଝିଅମାନେ ସ୍ଥାନୀୟ ହନୁମାନ ଓ ଦୁର୍ଗା ଦେବୀ ମନ୍ଦିରରେ କୁଣ୍ଡି କାଞ୍ଚି ଖେଳ ଖେଳି ଥିଲେ। ସମସ୍ତେ ଟଂଘୁଡିରେ ଲିଆ, ହୁରମ, ମୁଢି ଲଡୁ, ଚଣା ଇତ୍ୟାଦି ଧରି ମାଟି ଚୁଲି ଓ ପାତ୍ରରେ ମିଛି ମିଛିକା ଭାବେ ରନ୍ଧା ବଢା କରି ପରସ୍ପର ମଧ୍ୟରେ କୁଣିଆ ଯାଇ ଆଦାନ ପ୍ରଦାନ କରିଥିଲେ।

# ୩ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ଭବାନୀପାଟଣା,୧୨।୯(ସମିସ): ସଦର ବ୍ଲକ୍ ଅଧୀନ ମାଲଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ ଜଣ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁ ଦିବସରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରୀନା ପାଣିଗ୍ରାହୀ, ସହକାରୀ ଶିକ୍ଷୟିତ୍ରୀ ବିଦୁ୍ୟଲତା ଦାଶ, ମମତା ବିଶି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀମାନେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ରହିଥିବା ସ୍ନେହ ମମତା ଅଭୁଲା ସ୍ମୃତି ହୋଇ ରହିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମୋନାଲିସା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରୀନା ପାଣିଗ୍ରାହୀ ମୁଖ୍ୟଅତିଥି, ବିଦୁ୍ୟଲତା ଦାଶ, ମମତା ବିଶି, ଶିକ୍ଷୟତ୍ରୀ ଚପଳା ସୁଆର, ନିର୍ମଳା ଦାଶ, ରୀନା ଚୌଧୁରୀ, ପ୍ରିୟମ୍ବଦା ପରିଡା, ସସ୍ମିତା ପ୍ରଧାନ, ସୁନିତା ଦାଶ, ରଜନୀକାନ୍ତ ମାଝୀ, ହିମାଞ୍ଚଳ ମେହେର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଚନ୍ଦ୍ରିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନିଜ ଭାଷାଠାରୁ ଦୂରେଇ ରହିବା ଦୁର୍ଭାଗ୍ୟଜନକ

ଭବାନୀପାଟଣା,୧୨।୯(ସମିସ)

ସ୍ଥାନୀୟଅମଲାଭବନଠାରେଭାଷାହିଁଜୀବନ ଶକ୍ତି ପ୍ରାକ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରାକ୍ ଆଲୋଚନାର ବିଷୟଥିଲା ଭାଷା, ଚିନ୍ତନ ଓ ନୂତନ ସମୀକରଣ। ଖ୍ରୀଷ୍ଟପୂର୍ବ କାଳରୁ ଓଡ଼ିଆ ଭାଷାର ଉନ୍ମେଷ ଘଟିବ ସହିତ ଷଷ୍ଠ ଓ ସପ୍ତମ ଶତାବ୍ଦୀରେ ଏହା କଥିତ ଶୈଳୀରୁ ଲିଖିତ ଶୈଳୀକୁ ଉନ୍ନୀତ ହୋଇଛି। ପରବର୍ତ୍ତୀ ସମୟରେ ଚେତନଶୀଳ ସାହିତ୍ୟ ରୂପେ ଉଭା ହୋଇପାରିଛି। ଓଡ଼ିଆ ଭାଷାର ବର୍ଣ୍ଣମାଳା, ଲିପି, ଶବ୍ଦବିଭବ, ଧ୍ୱନି ବିଜ୍ଞାନ ଏବଂ ଅଳଙ୍କାର ଖୁବ୍ ଉଚ୍ଚକୋଟିର। ତଥାପି ଆଞ୍ଚଳିକ ଭାଷାର ପ୍ରାଧାନତା ପ୍ରତି ଆମେ ସଚେତନ ହେବା ସମୟ ଆସିଛି। କାରଣ ଭାଷା ମାଧ୍ୟମରେ ମଣିଷ ଆପଣାକୁ ପ୍ରକାଶ କରିବାର ସୁଯୋଗ ପାଇଥାଏ। ଏହି ପ୍ରକାଶଭଙ୍ଗୀ ଦ୍ୱାରା ଜାତୀୟତାଭାବ




ଉପଲବ୍‌ଧ ହୁଏ। ତେବେ ଦୁର୍ଭାଗ୍ୟର ବିଷୟ ଏହି କି ଯେ ଆମେ ଏବେ ନିଜ ଭାଷା ଠାରୁ ନିଜେ ଦୂରେଇ ଯାଉଛୁ ବୋଲି ଆଜିର ଏହି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଥିଲା। ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ଭୁବନେଶ୍ୱର ଦ୍ୱାରା ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ପ୍ରବୀଣ ଭାଷାବିତ୍ ପରମେଶ୍ୱର ମୁଣ୍ଡ। ମୁଖ୍ୟ ଅତିଥିଭାବେ ଡ. ସୁବ୍ରତ ପୃଷ୍ଟି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତଭୂଷଣ ଠାକୁର, ନିରଦବର ଖୁଣ୍ଟିଆ, ବିଜୟ ପ୍ରଧାନ, ଶାନ୍ତନୁ ବେହେରା, ସରୋଜ ବାଗ, ଲକ୍ଷ୍ମୀ ନାରାୟଣ ପଣ୍ଡା ସହଯୋଗ କରିଥିଲେ।

# ରାତି ପାହିଲେ ଅଗ୍ରପୂଜ୍ୟଙ୍କ ବନ୍ଦନା

**କଣ୍ଟାବାଞ୍ଜି, ୧୨।୯(ସମିସ):** ପାର୍ବଣ ଋତୁ ପାଖେଇ ଆସିଛି। ରାତି ପାହିଲେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା। ଏଇଠୁ ହିଁ ପାର୍ବଣ ଆରମ୍ଭ ହେବ। ଗଣେଶ ପୂଜା ପରେ ପରେ ବିଶ୍ୱକର୍ମା, ଦୁର୍ଗା ଓ କାଳୀ ପୂଜା ପଡ଼ିବ। ଏଥିପାଇଁ



ଏବେ ଠୁ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା, ମୁରିବାହାଲ ଅଞ୍ଚଳରେ ଜୋରଦାର ପ୍ରସ୍ତୁତି ଚାଲିଛି। ଗୋଟିଏ ପଟେ ମୂର୍ତ୍ତି କାରିଗରମାନେ ଦିନ ରାତି ଏକ କରି ମାଟିର ମୂର୍ତ୍ତି ଗଢୁଛନ୍ତି। ଅନ୍ୟପଟେ ପୂଜା କମିଟିର ଯୁବକମାନେ ପେଣ୍ଡାଲ ପାଇଁ ନକ୍ସା କରୁଛନ୍ତି। କଣ୍ଟାବାଞ୍ଜି ଅଞ୍ଚଳର ପ୍ରସିଦ୍ଧ ମୂର୍ତ୍ତି କାରିଗର ଛୋଟୁ ରଣା ଏବଂ ମୁରୀବାହାଲ ଓ ବଙ୍ଗୋମୁଣ୍ଡାର ଅନ୍ୟ କାରିଗରମାନେ ଏବେ ମୂର୍ତ୍ତି ତିଆରିରେ ବ୍ୟସ୍ତ। ବାଉଁଶ ଢାଞ୍ଚା, ମାଟି ଲିପା ସରି ଏବେ ରଙ୍ଗ କାମ ଚାଲିଛି। ୨ ଫୁଟରୁ ୧୦ ଫୁଟ ଯାଏଁ ବିଭିନ୍ନ ଆକାରର ଗଣେଶ ମୂର୍ତ୍ତି ପ୍ରସ୍ତୁତ ହେଉଛି। କାରିଗରଙ୍କ କହିବା ଅନୁସାରେ, ମାଟି, ରଙ୍ଗ, ବାଉଁଶ ଓ କପଡ଼ା ଦର ବଢ଼ିଯାଇଥିବାରୁ ଲାଭ କମୁଛି। ଅଧିକାଂଶ ପରିବାର ଧାର କରଜ କରି ଏହି କାମରେ ଲାଗିଛନ୍ତି। ତଥାପି ବର୍ଷ ସାରାର ଏହି ପାର୍ବଣ ଋତୁ ଉପରେ ହିଁ ସେମାନଙ୍କ ପରିବାର ନିର୍ଭର କରୁଛି। ଏଥର ଲୋକେ ମାଟି ମୂର୍ତ୍ତିକୁ ଅଧିକ ପସନ୍ଦ କରୁଛନ୍ତି; ଯାହା ପରିବେଶ ପାଇଁ ଭଲ ଖବର। କେବଳ ମୂର୍ତ୍ତି ନୁହେଁ; ପୂଜା ମଣ୍ଡପ ସଜାରେ ବି ପ୍ରତିଯୋଗିତା ଆରମ୍ଭ ହୋଇଛି। କଣ୍ଟାବାଞ୍ଜି ସହରଠାରୁ ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା ଯାଏଁ ଗାଁ ଗାଁରେ ଯୁବକମାନେ ଚାନ୍ଦା କରି ପେଣ୍ଡାଲ କାମ ଆରମ୍ଭ କରିଦେଇଛନ୍ତି। କେଉଁଠି ବିଭିନ୍ନ ମନ୍ଦିରର ଥିମ ତ କେଉଁଠି ପ୍ରକୃତି ଥିମରେ ପେଣ୍ଡାଲ ତିଆରି ହେବ। ଲାଇଟ ଓ ଡେକୋରେସନ ପାଇଁ ବାହାରୁ କାରିଗର ଆସୁଛନ୍ତି। ଛୋଟ ପିଲାଙ୍କଠାରୁ ବୟସ୍କ ଯାଏଁ ସମସ୍ତଙ୍କ ମଧ୍ୟରେ ପାର୍ବଣକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଧୀରେ ଧୀରେ ପୂଜା ବଜାର ଜମିବାରେ ଲାଗିଲାଣି। ମୂର୍ତ୍ତି ଓ ମଣ୍ଡପର ଏହି ସୁନ୍ଦର ମିଳନ ହିଁ ପାର୍ବଣର ପ୍ରକୃତ ସୌନ୍ଦର୍ଯ୍ୟ।

# ୨ ବ୍ଲକ୍‌ର ୧୦ ପଞ୍ଚାୟତ ପୁନର୍ଗଠନ ପାଇଁ ବିଜ୍ଞପ୍ତି

**ବଲାଙ୍ଗିର, ୧୨।୯(ସମିସ)**

ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆସନ୍ତା ମାର୍ଚ୍ଚ ମାସରେ ପଞ୍ଚାୟତ ନିର୍ବାଚନ ହେବ। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ୨ଟି ବ୍ଲକର ୧୦ଟି ପଞ୍ଚାୟତ ପୁର୍ନଗଠନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ନୋଟିଫିକେସନ ଜାରି କରାଯାଇଛି। ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ ପ୍ରଭାବିତ ପଞ୍ଚାୟତ ଓ ଲୋଇସିଂହା ଏନଏସିରେ ପ୍ରଭାବିତ ପଞ୍ଚାୟତକୁ ଏଥିରେ ସାମିଲ କରାଯାଇଛି। ତେବେ ଏଥିପାଇଁ ଗ୍ରାମବାସୀଙ୍କ ଅଭିଯୋଗ ଓ ନୂତନ ପ୍ରସ୍ତାବ ପାଇଁ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇଛି। ଏହା ପରେ ଚୂଡାନ୍ତ ପଞ୍ଚାୟତ ତାଲିକା ପ୍ରକାଶ କରାଯିବ।

ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପରେ ଲୋଇସିଂହା ଓ ବଲାଙ୍ଗିର ସଦର ବ୍ଲକର କିଛି ପଞ୍ଚାୟତ ପ୍ରଭାବିତ ହୋଇଥିଲା। କିଛି ଗାଁ ସମ୍ପୂର୍ଣ୍ଣ ଭାବେ ଲୀନ ହୋଇଥଲା। ଆଉ କିଛି ଆଂଶିକ ଭାବେ ପ୍ରଭାବିତ ହୋଇଥିଲା। ସେହିପରି ଲୋଇସିଂହା ବ୍ଲକ ସଦର ଲୋଇସିଂହା, ବୁର୍ଡା ଓ ହୀରାପୁରର କିଛି ଅଂଶକୁ ମିଶାଇ ଲୋଇସିଂହାକୁ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପ୍ରଦାନ କରାଯାଇଛି। ଏଥିପାଇଁ ହୀରାପୁର ପଞ୍ଚାୟତ ଆଂଶିକ ଭାବେ ପ୍ରଭାବିତ ହୋଇଛି। ନିର୍ବାଚନ ପୂର୍ବରୁ ଏହି ପଞ୍ଚାୟତର ପୁର୍ନଗଠନ କରିବାର ଆବଶ୍ୟକତା ରହିଥିଲା। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାର ଦୁଇଟି ବ୍ଲକ ଲୋଇସିଂହା ଓ ବଲାଙ୍ଗିର ସଦର ବ୍ଲକର ୫ଟି ଲେଖାଏଁ ପଞ୍ଚାୟତ ପୁର୍ନଗଠନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ଗ୍ରାମ ପଞ୍ଚାୟତ ଶାଖା) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚିଠି ନଂ ୧୩୪୫/୦୭.୦୯.୨୦୨୬ ଅନୁଯାୟୀ ଏହି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ବିଜ୍ଞପ୍ତି ଅନୁସାରେ ବଲାଙ୍ଗିର ସଦର ବ୍ଲକର ପ୍ରଭାବିତ ହୋଇଥିବା ଗ୍ରାମ ଗୁଡିକର ଅନ୍ୟ ଗ୍ରାମ ପଞ୍ଚାୟତରେ ସମ୍ମିଶ୍ରଣ ଓ ଅବସ୍ଥିତ ପଞ୍ଚାୟତର ପ୍ରାସ୍ତବିତ ପୁର୍ନଗଠନ ଓ ନୂତନ ପଞ୍ଚାୟତ ଗଠନ ହେବାକୁ ଥିବା ପଞ୍ଚୟତ ଗୁଡିକ ହେଲା ଭୁଣ୍ଡିମୁହାଣ, ଚୁଡାପାଲି, ହର୍ଡାଟାଲ, ବାରପୁରୁଗିଆ, ଝାଙ୍କରପାଲି। ଭୁଣ୍ଡିମୁହାଣ ପଞ୍ଚାୟତରେ କର୍ଲାପିଟା, ସରଗାଡପାଲି, କଙ୍କରା ଓ ଭୁଣ୍ଡିମୁହାଣକୁ ଅନ୍ତର୍ଭୁକ୍ତ କରାଯାଇଛି। ଚୁଡାପାଲି ପଞ୍ଚାୟତରେ ଦଉପାଲି, ଚୁଡାପାଲି, ଢୁଲୁସର, ଡୁମେରପିଟା ଗାଁକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବାରପୁରୁଗିଆ ପଞ୍ଚାୟତରେ ବରପିଟା, କେରମେଲି, ସାରସପିଟା, କର୍ଲାପିଟା, ବାରପୁରୁଗିଆ ଗାଁକୁ ରଖାଯାଇଛି। ଝାଙ୍କରପାଲି ପଞ୍ଚାୟତରେ ସିଆଲବାହାଲି, ହରିପାଲି, ଗେଡ଼ାବାଞ୍ଜି, ଝାଙ୍କରପାଲି, ଡୁଡୁକାଶିରାକୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ହର୍ଡାଟାଲକୁ ସ୍ୱତନ୍ତ୍ର ଭାବେ ନୂତନ ପଞ୍ଚୟତ କରିବାକୁ ଏହି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସେହିପରି ଲୋଇସିଂହା ବ୍ଲକ ହୀରାପୁର, ରେଙ୍ଗାଲି, ଗେର୍ଡ଼ି, କୁଶମେଲ ଓ ମାଗୁରବେଡା ପଞ୍ଚାୟତ କରିବାକୁ ନିଷ୍ପତ୍ତି କରାଯାଇଛି। ଏହି ବ୍ଲକର ଟେଭାଡୁଙ୍ଗୁରୀ, ମାଣ୍ଡିଆପଦର, ହୀରାପୁର, ଖରମୁଣ୍ଡା, ଗୋପାଳପୁର, ବାରଢୁଲକୁ ନେଇ ହୀରାପୁର ପଞ୍ଚାୟତ ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ରାଣୀପାଲି, ଗେର୍ଡ଼ି, ଲଙ୍କାବାହାଲ, ଘୁଙ୍ଗିକୁ ନେଇ ଗେର୍ଡ଼ି ନୂତନ ପଞ୍ଚାୟତ ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ରେଙ୍ଗାଲି ପଞ୍ଚାୟତରେ ରେଙ୍ଗାଲି, କପିଳବାହାଲ, ବାଗଡୁଙ୍ଗୁରୀ ଗାଁକୁ ସାମିଲ କରାଯାଇଛି। କୁଶମେଲ ପଞ୍ଚାୟତରେ କୁଶମେଲ, ଖଲିଆପାଲି, ବ୍ରାହ୍ମଣୀପାଲି, ଜାମୁଟିଆ, କଟାପାଲି, ଫଟାବାହାଲକୁ ଅନ୍ତର୍ଭୁକ୍ତ କରାଯାଇଛି। ଅନ୍ୟପକ୍ଷରେ ମାଗୁରବେଡା ପଞ୍ଚାୟତରେ ବ୍ରାହ୍ମଣୀଡୁଙ୍ଗୁରୀ, ପଥରଖଣ୍ଡି ଓ ମାଗୁରବେଡାକୁ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ଆସନ୍ତା ୨୨ ତାରିଖ ଭିତରେ ପ୍ରଶାସନର ଏହି ନିଷ୍ପତ୍ତିକୁ ନେଇ କୌଣସି ଆପତ୍ତି, ଅଭିଯୋଗ କିମ୍ବା ନୂତନ ପ୍ରସ୍ତାବ ରହିଥିଲେ ସେମାନେ କରିପାରିବେ। ୨୫ ତାରିଖରେ ଏନେଇ ଶୁଣାଣି କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ବଙ୍ଗୋମୁଣ୍ଡାରେ ନାରୀ ଶକ୍ତିର ହୁଙ୍କାର

# କୁଚିଆ ମଦ ବନ୍ଦ ନ ହେଲେ ୩୦ରେ ଭାଟି ବନ୍ଦ ଆନ୍ଦୋଳନ

**କଣ୍ଟାବାଞ୍ଜି, ୧୨।୯(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଏବେ ନିଶା ବିରୋଧରେ ଗରଜି ଉଠିଛି। ବ୍ଲକର ପ୍ରତି ଗାଁ ଓ ପଞ୍ଚାୟତରେ ବେଆଇନ ଭାବେ ଚାଲିଥିବା କୁଚିଆ ମଦ



ଭାଟି ଏବେ ହଜାର ହଜାର ପରିବାର ପାଇଁ କାଳ ସାଜିଛି। ଏହାକୁ ବିରୋଧ କରି ଶେଷରେ ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ବଙ୍ଗୋମୁଣ୍ଡା ନାରୀ ସଂଗଠନ ପକ୍ଷରୁ ବଙ୍ଗୋମୁଣ୍ଡା ଥାନା ଓ ଅବକାରୀ ବିଭାଗକୁ ଦାବିପତ୍ର ଦିଆଯାଇଛି। ଯଦି ପ୍ରଶାସନ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ନିଏ ତେବେ ଆସନ୍ତା ୩୦ ତାରିଖରେ ଭାଟି ବନ୍ଦ ଓ ବିଶାଳ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ନାରୀ ସଂଗଠନର ଅଭିଯୋଗ ଅନୁସାରେ ବଙ୍ଗୋମୁଣ୍ଡା ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରେ ପ୍ରଶାସନର ନାକ ତଳେ ଖୁଲମଖୁଲା କୁଚିଆ ମଦ ପ୍ରସ୍ତୁତ ଓ ବିକ୍ରି ଚାଲିଛି। ସନ୍ଧ୍ୟା ହେଲେ ପ୍ରତି ଛକରେ ମଦୁଆଙ୍କ ଭିଡ ହେଉଛି। ଏହାର ସିଧା ପ୍ରଭାବ ପରିବାର ଉପରେ ପଡୁଛି। ସ୍ୱାମୀ ସାରା ଦିନର ରୋଜଗାର ମଦରେ ଉଡାଇ ଦେଉଛି। ସ୍ତ୍ରୀ ଓ ପିଲାମାନେ ଭୋକ ଉପାସରେ ରହୁଛନ୍ତି। ମଦ୍ୟପାନ ପରେ ଘରୋଇ ହିଂସା ଓ ଅଶାନ୍ତି ବଢୁଛି। ଯୁବପିଢି ନିଶା ଆଡକୁ ଆକୃଷ୍ଟ ହୋଇ ବରବାଦ ହେଉଛନ୍ତି। ଗାଁରେ ଚୋରି, ମାରପିଟ ଭଳି ସାମାଜିକ ଅପରାଧ ବଢୁଛି। ଏ ନେଇ ଶତାଧିକ ମହିଳା ଏକାଠି ହୋଇ ପ୍ରଥମେ ବଙ୍ଗୋମୁଣ୍ଡା ଥାନା ଅଧିକାରୀ ସଞ୍ଜୀବ ପ୍ରଧାନଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। ନାରୀ ସଂଗଠନର କର୍ମକର୍ତ୍ତା ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ଏହି ଦାବିପତ୍ର ପରେ ଯଦି ପ୍ରଶାସନ ନିଦରୁ ନ ଉଠେ ତେବେ ୩୦ ତାରିଖରେ ମହିଳାମାନେ ଏକାଠି ହୋଇ ଭାଟି ବନ୍ଦ ଆନ୍ଦୋଳନ କରିବେ।

### ନୂଆଁଖାଇକୁ ଟାର୍ଗେଟ

# ଘରେ ମଦ ମହଜୁଦ ରଖିଲେଣି କୁଚିଆ ବ୍ୟବସାୟୀ

**ଦେଓଗାଁ, ୧୨।୯(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ୨୬ ପଞ୍ଚାୟତ ଅଧୀନ ୧୨୭ଟି ଗାଁରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଗାଁଠୁ ସହର ସବୁଆଡେ ଉତ୍ସବ ପାଳନ ପାଇଁ ସମସ୍ତେ ସଜବାଜ ହେଉଛନ୍ତି। ଏହି ସମୟରେ ନିଶା କାରବାର ଆହେତୁକ ଭାବେ ବୃଦ୍ଧି ପାଇଥାଏ। କିଛି ମାସ ହେଲା ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା କୁଚିଆ ବେପାରୀଙ୍କ ସଂଖ୍ୟା ଆହେତୁକ ଭାବେ ବୃଦ୍ଧି ପାଇଛି। ଗାଁ ଗଣ୍ଡାର ମୁଖ୍ୟ ଛକରେ ଚାଖନା ଦୋକାନ ସହ ଭାଟିର ଦେଶୀମଦ, ବିଦେଶୀ ମଦ ସମେତ ଖୋଲା ଦେଶୀମଦ ଓ କୋରେକ୍ସ, ଟାବଲେଟ ଆଦି ନିଶା ଦ୍ରବ୍ୟ ବିକ୍ରି ହେଉଛି। ପରିତାପର ବିଷୟ ବିଭାଗୀୟ ଅବହେଳା ହେତୁ ଭାଟିର ଦେଶୀମଦ ବିକ୍ରି ନାଁରେ କମ୍ ଦାମରେ ଅପମିଶ୍ରିତ ଖୋଲା ଦେଶୀମଦ ବିକ୍ରି ଏବେ ଚିନ୍ତାର ବିଷୟ ହୋଇଛି। କମ ଦାମରେ ନିଶା ପାଇବା ଆଶାରେ ଲୋକେ ଏହି ମଦ କିଣି ପିଉଛନ୍ତି। ଏଣୁ ଅନେକ ଗାଁରେ କମ୍ ଦିନ ମଧ୍ୟରେ ରୋଗଗ୍ରସ୍ତ ହୋଇ ଲୋକଙ୍କ ମୃତ୍ୟୁ ଘଟୁଥିବା ନଜରକୁ ଆସିଛି। ଭାଟିରୁ ଅନ୍ୟତ୍ର ମଦ ଯୋଗାଣ କରିବା ଓ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରୁ ବେପାରୀମାନଙ୍କ ଦୋକାନକୁ ଏଜେଣ୍ଟମାନେ ମଦ ଯୋଗାଣ କରିବାର ନିୟମ ନ ଥିବା ବେଳେ ଏହି ବ୍ଲକରେ ଏହାର ଖୁଲମଖୁଲା ଉଲ୍ଲଂଘନ କରାଯାଉଛି। ଆଉ ମାତ୍ର ଦୁଇଦିନ ପରେ ନୂଆଁଖାଇ ପର୍ବ ପାଳନ ହେବ। ତା ପରଦିନଠାରୁ କିଛିଦିନ ପର୍ଯ୍ୟନ୍ତ ଛାଡଖାଇ ପାଳନ କରିବାର ନିୟମ ରହିଛି। ଏଣୁ ଏହି ଦିନରେ ବିଶେଷ କରି ଗ୍ରାମାଞ୍ଚଳରେ ଦେଶୀ, ବିଦେଶୀ ମଦର ବନ୍ୟା ହେବା ଅଶଙ୍କା ଦେଖା ଦେଇଛି। ଏଥିପାଇଁ କୁଚିଆ ବେପାରୀମାନେ ଘରେ ଦେଶୀ, ବିଦେଶୀ ମଦ ଗଚ୍ଛିତ କରି ରଖିବା ଆରମ୍ଭ କରି ଦେଇଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତ



**ବଲାଙ୍ଗିର, ୧୨।୯(ସମିସ):** ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସର ସମେତ ସମସ୍ତ ତାଲୁକ ସ୍ତରୀୟ ଓ ତୁଷୁରା ନ୍ୟାୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା ନ୍ୟାୟାଧୀଶ ହିରଣ୍ମୟ ବିଶୋଇଙ୍କ ଉପସ୍ଥିତି ଓ ନିର୍ଦ୍ଦେଶକ୍ରମରେ ଏହି ଲୋକ ଅଦାଲତ ଆୟୋଜିତ ହେଇଥିଲା। ଏହି ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ସର୍ବମୋଟ ୧୦, ୭୫୧ଟି ମାମଲାର ଆପୋଷ ସମାଧାନ କରାଯିବା ସହ ସମୁଦାୟ ୪ କୋଟି ୭୦ ଲକ୍ଷ ୨୦ ହଜାର ୭୪୦ ଟଙ୍କାର ରାଶି ଫସଲା ହୋଇଛି। ଫ୍ୟାମିଲି କୋର୍ଟ ଜଜ୍ ପ୍ରିୟବ୍ରତ ଦାଶ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍ ଅଞ୍ଜଳି ପାଢ଼ୀ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଶଙ୍ଖ ଚକ୍ରବର୍ତ୍ତୀ, ରେଜିଷ୍ଟ୍ରାର (ସିଭିଲ କୋର୍ଟ) ଲୋକନାଥ ମିଶ୍ର, ସିଭିଲ୍ ଜଜ୍ (ବରିଷ୍ଠ) ଆଶିଷ ସାହୁ, ସିଭିଲ୍ ଜଜ୍ (ବରିଷ୍ଠ କମରସିଆଲ କୋର୍ଟ) ବୈଶାଳୀ ନାୟକ, ସିଭିଲ୍ ଜଜ୍ (ବରିଷ୍ଠ ଏଲଆର ଓ ଏଲଟିଭି) କୁନମୁନ ଆଚାରୀ, ଅତିରିକ୍ତ ସିଭିଲ୍ ଜଜ୍ (ବରିଷ୍ଠ) ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି, ଏସ୍‌ଜେଏମ ଦୀପାରାଣୀ ଜେନା, ସିଭିଲ୍ ଜଜ୍ (କନିଷ୍ଠ) ଶାଶ୍ୱତୀ ମହାପାତ୍ର, ଜେଏମଏଫସି(ଏଲଆର ଓ ଏଲଟିଭି) ସାଧକ କାରଜୀ, ଗ୍ରାମ୍ୟ ନ୍ୟାୟାଧୀକାରୀ ଶିଶିର ଭୋଇ, ଜେଏମଏଫସି ମିସ୍ ଦୀପାଳି ଦାସ, ଜେଏମଏଫସି ଅର୍ଘ୍ୟରୂପା ମିଶ୍ର, ଜେଏମଏସସି ରାଜଶ୍ରୀ ପ୍ରିୟଦର୍ଶିନୀଙ୍କ ସମେତ ଜିଲ୍ଲା ବାର୍ ଆସୋସିଏସନର ପ୍ରାୟ ସମସ୍ତ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ରାଜସ୍ୱ, ବନ ବିଭାଗ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଜାତୀୟକରଣ ଓ ବେସରକାରୀ ବ୍ୟାଙ୍କ, ଜଳ ବିଭାଗ, ବିଦ୍ୟୁତ୍ ବିଭାଗ, ବିଏସଏନଏଲ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ମଧ୍ୟ ଭାଗ ନେଇଥିଲେ। ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସହଯୋଗରେ ଉପସ୍ଥିତ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ କରାଯାଇଥିଲା। ଏହା ସହିତ ତୃତୀୟ ମଧ୍ୟସ୍ଥତା ଅଭିଯାନ ସଚେତନତା ଶିବିର ଏବଂ ଜିଲ୍ଲା କାରାଗାରର ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ଷ୍ଟଲ୍ ମଧ୍ୟ ଖୋଲା ଯାଇଥିଲା।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

**ବୀରମହାରାଜପୁର, ୧୨।୯(ସମିସ):** ଭାଙ୍ଗାମୁଣ୍ଡାସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନରେ ଶନିବାର ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ସୋନପୁର ଓ ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍କୁଲରୁ ୨୬ଟି ପ୍ରକଳ୍ପ ଏଥିରେ ସ୍ଥାନ ପାଇଥିଲା। ପ୍ରଥମ ପର୍ଯ୍ୟାୟରେ ସାମ୍ବାଦିକ ଯୁଗଳକିଶୋର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ରଥ, ସାମ୍ବାଦିକ ସୁରେଶ କଳତା ଏବଂ ରଘୁନାଥ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆକାଶ ବିଶ୍ୱାଳ ଯୋଗ ଦେଇଥିଲେ। ଶେଷ ପର୍ଯ୍ୟାୟରେ କେଂଝେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧର୍ମ ଶତପଥୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପଙ୍କଜ ଖମାରୀ ସଭାପତିତ୍ୱ କରିଥିଲେ। ଯୁକ୍ତ ଦୁଇ ବିଭାଗର ଅଧକ୍ଷ ଯୁଧିଷ୍ଠିର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଲିମା ବେହେରା, ମିନାକ୍ଷୀ ମହଲା ଓ ଅମ୍ମି ଅମୃତେଶ୍ୱରୀ ଖମାରୀ ୧୬ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ସୁଦର୍ଶନ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ଶୁଭଶ୍ରୀ ଦେହୁରୀ, ଶୁଭଶ୍ରୀ କ୍ଷେତି, ହେମାଙ୍ଗିନି ନାଗ, ଡଲି ସା, ପରମିତା ଚୌହାନ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ଯୁଧିଷ୍ଠିର ଖମାରୀ, ଆଶୁତୋଷ ପାଣିଗ୍ରାହୀ, ପ୍ରୀତିଶ ପୁରୋହିତ, ବୁଇ ତାଣ୍ଡିଆ, ସଞ୍ଜୀବ ଜଗଦଳା, ପ୍ରଭାତୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ୧୩ତମ ଜିଲ୍ଲାସ୍ତରୀୟ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ

**ତରଭା, ୧୨।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ଅଭ୍ୟନ୍ତରୀଣ ବ୍ୟାଡମିଣ୍ଟନ ଷ୍ଟାଡିୟମରେ ୧୩ତମ ଜିଲ୍ଲାସ୍ତରୀୟ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ୧୬୦ ଜଣ




ଛାତ୍ରଛାତ୍ରୀ ଯୋଗ, ତାଏକ୍ୱୋଣ୍ଡୋ, ବ୍ୟାଡମିଣ୍ଟନ, ସନ୍ତରଣ, ଥାଙ୍ଗ-ଟା ଏବଂ ବକ୍ସିଂ ପ୍ରତିଯୋଗିତାରେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହୋଇ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଅମ୍ଲାନ କୁମାର ପାଣ୍ଡିଆ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ, ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା, ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିଷେକ ଭୋଇଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

# ଜରାସିଂହା ଜୋନାଲ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଦେଓଗାଁ, ୧୨।୯(ସମିସ):** ଜରାସିଂହା ନେତ୍ରଭାନୁ ହାଇସ୍କୁଲ ଆନୁକୂଲ୍ୟରେ ସ୍ଥାନୀୟ ଲାଲଜଗନ୍ନାଥ ପ୍ରସାଦ ମିନିଷ୍ଟାଡିୟମରେ ଚାଲିଥିବା ଜରାସିଂହା ଜୋନାଲ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜରାସିଂହା ଜୋନର ବିଭିନ୍ନ ବିଦ୍ୟାଳୟରୁ ପ୍ରଥମ ଦିନରେ ୩୪୭ ଜଣ ଓ ଦ୍ୱୀତିୟ ଦିନରେ ୧୪୫ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନରେ ଦଳଗତ ଖେଳ ଖୋ ଖୋ, କବାଡି ଓ ଫୁଟବଲ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଡିସକସ ଥ୍ରୋ, ସଟପୁଟ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରୁ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରତାପ ମିଶ୍ର ଉଦ୍‌ଘାଟନ କରିଥଲେ। କ୍ରୀଡା ଶିକ୍ଷକ ବିରାଟ ପ୍ରଧାନ ସଂଯୋଜନା କରିଥିଲେ। ଦେବାଶିଷ ବିଶ୍ୱାଳ, ମୋହନ ରଣା, ଦେବରାଜ ଗଡ଼ତ୍ୟା, ରଣଜିତ ସାହୁ, ଅରଜୁ ନାଗ, ହିତାଂଶୁ ଥନାପତି, ପୁଷ୍ପାଞ୍ଜଳି କିଷାନ, ଆନନ୍ଦିନୀ ଭୋଇ ଓ ସୁଦର୍ଶନ ନାଗ ପ୍ରମୁଖ ପରିଚାଳନା କରିଥିଲେ।

# କଣ୍ଟାବାଞ୍ଜି କେଭି କଲେଜରେ ସେମିନାର ଉଦ୍‌ଯାପିତ

**କଣ୍ଟାବାଞ୍ଜି, ୧୨।୯ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି କେ.ଭି ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ପ୍ରଥମ ଅଧିବେଶନକୁ ରୋହିତ କିଶୋର କୁମ୍ଭାର ସଂଯୋଜନା କରିଥିଲେ। ଡ. ସୁରେଶ ପାତ୍ର ଅଧକ୍ଷତା କରିଥିଲେ। ଶିବେଶ କୁମାର ଜଏସ, ଡ. ସନ୍ତୋଷ ପରିଡ଼ା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଡ. ଜଗଜିତ କାମିଲା ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡ. କିଶୋର ଚନ୍ଦ୍ର ନାୟକ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନକୁ କରୁଣାକର ନାଏକ ଓ ନମିତା ମହାନ୍ତି ପରିଚାଳନା କରିଥିଲେ। ଖରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ତରୁଣ ପ୍ରଧାନ ଓ ପାଟଣାଗଡ଼ ଜବାହରଲାଲ କଲେଜର ପୂର୍ବତନ ଅଧକ୍ଷ ଡ. ନବ ମିଶ୍ର ଯୋଗ ଦେଇଥିଲେ। ଏନଆଇଟି ରାୟପୁରର ଡ. ଅଲେଖ ସୁତାର, ଆଇଆଇଟି ବିଏଚୟୁର ଡ. ଧନଞ୍ଜୟ ଠାକୁର ଏବଂ କଳାହାଣ୍ଡି ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଡ. ଶୈଳ ସେଠୀ ବିଭିନ୍ନ ନୂତନ ଗବେଷଣା ବିଷୟରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଡ. ମନୋଜ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ନବ ମିଶ୍ର, ମୁଖ୍ୟ ବକ୍ତା ଭାବେ ଡ. ତରୁଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଡ. ସୁରେଶ ପାତ୍ର ଏବଂ ପିଏମ-ଉଷା ନୋଡାଲ ଅଫିସର ରାଜେଶ ମହାନ୍ତି ଯୋଗ ଦେଇଥିଲେ। ଆବାହକ କରୁଣାକର ନାଏକ ସଭା ପରିଚାଳନା କରିଥିଲେ।

# କନ୍ଧମାଳରେ ତୃତୀୟ ଜାତୀୟ ଲୋକ ଅଦାଲତ

**ମନମୁଣ୍ଡା, ୧୨।୯(ସମିସ):** କନ୍ଧମାଳ ଦେୱାନୀ ଓ ଫୌଜଦାରୀ ଅଦାଲତରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଜି ତୃତୀୟତମ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଏଡିଜେ ଅଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ଜେଏମଏଫସି ସିନିଅର ସିଭିଲ ଜଜ ଚନ୍ଦ୍ରହାସ ବେହେରା, ଜେଏମଏଫସି(ଜେଡି) ପ୍ରିୟଦର୍ଶିନୀ କୁମ୍ଭାର ମାମଲାଗୁଡିକର ବିଚାର କରିଥିଲେ। ଏଡିଜେ ଶ୍ରୀ ପ୍ରଧାନ ୨ଟି ବାଇକ ଦୁର୍ଘଟଣାର ବିଚାର କରି ପୀଡିତ ପକ୍ଷଙ୍କୁ ଯଥାକ୍ରମେ ୮ ଲକ୍ଷ ଓ ୪ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଅର୍ଥରାଶି ପ୍ରଦାନ ପାଇଁ କ୍ଷତି ଘଟାଇଥିବା ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜେଏମଏଫସି ଅଦାଲତରେ ୩ଟି ରଫାଯୋଗ୍ୟ ଅପରାଧିକ ମାମଲା, ଗୋଟିଏ ଚେକ ବାଉନ୍ସ ଏବଂ ଏକ ବୈବାହିକ ବିବାଦ ମାମଲା ର ସମାଧାନ କରାଯାଇଥିଲା। ଏଡିଜେ କୋର୍ଟର ସହକାରୀ ଅଧିବକ୍ତା ଚିତ୍ତରଞ୍ଜନ ପାତ୍ର, ଆଡିସନାଲ ପିପି ମନୋରଞ୍ଜନ ମହାକୁଡ଼, ଜେଏମଏଫସି କୋର୍ଟ ଏପିପି ସୁଶୀଲ ପାଣିଗ୍ରାହୀ, ଆସୋସିଏଟ ଲୟର ରତନ ପଟ୍ଟନାୟକ, ଆଇନଜୀବୀ ନରୋତ୍ତମ ମେହେର, କୈଳାଶ ବାରିକ, ସୁରେଶଚନ୍ଦ୍ର ରଣା, ମନୋଜ ଶର୍ମା, ତୁଳସୀଦାସ ଶର୍ମା, ଶମ୍ଭୁ ପ୍ରସାଦ ସାହୁ, ହିତେଶ୍ୱର ସାଣ୍ଟ, ଶେଷଦେବ ବଗର୍ତି, ନୀଳାମ୍ବର ପ୍ରଧାନ, ବିକ୍ରମ ମିଶ୍ର, ବିନୋଦ କୁମ୍ଭାର ପ୍ରମୁଖ ବିଚାର ପ୍ରକ୍ରିୟାରେ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**ବଲାଙ୍ଗିର, ୧୨।୯(ସମିସ):** ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ତତ୍ତ୍ୱାବଧାନରେ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରୀମାନଙ୍କୁ ସଚେତନ କରାଯିବା ସହ ଜରୁରୀ ସମୟରେ ଆତ୍ମବିଶ୍ୱାସର ସହିତ ମାନବିକ ସହାୟତା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ୍ ୟୁନିଟ୍‌ର କାଉନସେଲର ଦୀପ୍ତି ବେହେରା ଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସାର ବିଭିନ୍ନ ଦିଗ ସମ୍ପର୍କରେ ପ୍ରାୟୋଗିକ ଭାବେ ବୁଝାଇଥିଲେ। ବିଶେଷକରି ସାପ କାମୁଡ଼ିଲେ ପ୍ରାଥମିକ ସ୍ତରରେ କ'ଣ କରିବା ଓ କ'ଣ ନ କରିବା, କେହି ମୂର୍ଚ୍ଛା ଯାଇଥିଲେ କିପରି ସହାୟତା କରିବା ଏବଂ କୁକୁର କାମୁଡ଼ିଲେ ତୁରନ୍ତ କେଉଁ ପଦକ୍ଷେପ ନେବା ଆବଶ୍ୟକ ସେ ସମ୍ପର୍କରେ ଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକ ଛାତ୍ରୀମାନେ ବିଦ୍ୟାଳୟ ପରିସରରେ କିପରି ନିଜକୁ ସୁରକ୍ଷିତ ରଖିବେ ଏବଂ ଆକସ୍ମିକ ପରିସ୍ଥିତିରେ କିପରି ସତର୍କତାର ସହିତ ପଦକ୍ଷେପ ନେବେ ସେ ନେଇ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବାରିକଙ୍କ ରଚିତ ନାଟକ 'ଚେତା ପସଲା' ପରିବେଷଣ ହୋଇଥିଲା।

**କଣ୍ଟାବାଞ୍ଜି:** ହିଆଲ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଜୁନିଅର ରେଡକ୍ରସ ପରାମର୍ଶ ଦାତା ତଥା ହିଆଲ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ବେହେରେନସିଲେଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଥିଲା। ବିରଞ୍ଚି ନାରାୟଣ ଦାଶ, ରାଜ୍ୟ ସାମ୍ବାଦିକ ସଂଘ ବଲାଙ୍ଗୀର ଜିଲ୍ଲା ଉପ ସଭାପତି ରୋହନ ମହତ, ବେହେରେନସିଲେଟ ଆମ୍ବେଦକର ଯୁବକ ସଂଘ ସମ୍ପାଦକ ମୋହନ ସୁନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲେମରାଜ ମାଝୀ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିଲେ। ଶିକ୍ଷକ ଭୃଗୁଋଷି ରଣା, ଅଶୀତ ପ୍ରଧାନ, ତୁଷାରକାନ୍ତ ବଡଜେନା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଚଟୁଆନକା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରତାପଚନ୍ଦ୍ର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଆରସିସି ତଥା ଜୁନିଅର ରେଡକ୍ରସ ପରାମର୍ଶ ଦାତା ବିରଞ୍ଚି ନାରାୟଣ ଦାଶ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ବୈଜୟନ୍ତୀ ପାଢ଼ୀ, ପୁଷ୍ପାଞ୍ଜଳି ମହାପାତ୍ର, ଶ୍ୱେତା ବାଗ, ତପସ୍ୱିନୀ ମାଝୀ, ମିନତୀ ମାଝୀ, ସୁଜାତା ଶବର, ସୁଶାନ୍ତ ରାଉତ, ପିଙ୍କୁ ନାଗ, ସୁରେଶ ବେହେରା ସହଯୋଗ କରିଥିଲେ।

### ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବିକେସି ୟୁନାଇଟେଡ୍ ଚାମ୍ପିଅନ






**ବଲାଙ୍ଗିର, ୧୨।୯(ସମିସ)**

ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଗାନ୍ଧୀ ଷ୍ଟାଡିୟମଠାରେ ଫାଇନାଲ ଖେଳ ହୋଇଥିଲା। ବିକେସି ୟୁନାଇଟେଡ ବଲାଙ୍ଗିର ବନାମ ଜିୱାଇଡିସି ନକଟାସର ୧-୧ ଗୋଲରେ ଡ୍ର ରହିଥିଲା। ଟାଇବ୍ରେକର ୩-୨ଗୋଲରେ ବିକେସି ୟୁନାଇଟେଡ ନକଟାସରକୁ ହରାଇ ଚାମ୍ପିଅନ ହୋଇଛି। ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଉଦ୍‌ଯାପନି ସଭାରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଯୋଗ ଦେଇଥିଲେ। କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୁଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ କୋଷାଧକ୍ଷ ହେମନ୍ତ ବେହେରା ସଂଯୋଜନା କରିଥିଲେ। ଅନ୍ୟତମ ଅତିଥି ଭାବେ ସୋନାଲି ଚାନ୍ଦ, ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ସାଂସଦ ପ୍ରତିନିଧି ଦିନେଶ ଶର୍ମା, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହଲ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ଶତ୍ରୁଘନ ସିଂ ଯୋଗ ଦେଇଥିଲେ। କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରୀଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ଫୁଟବଲ କୋଚ୍ ପରାଶର ବାଗ, ସଂସଦର ବରିଷ୍ଠ ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ଜୟରାମ ମିଶ୍ର, ଶିଶିର ବହିଦାର, ହେମନ୍ତ ବହିଦାର ଓ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ଜିତେନ୍ଦ୍ର ପାତ୍ର, ସଞ୍ଜିବ ମହାରଣା, ସଞ୍ଜୀନ କୁଦେଇ ଓ ଦୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିଲେ। ଫୁଟବଲ ସମ୍ପାଦକ ଶରତ ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଜୋନ ସଂଯୋଜକ ଏନ୍‌ଜେୱାସି ଚୁଡାପାଲି, ଏଥେଲେଟିକ ଏସୋସିଏସନ ଟିଟିଲାଗଡ଼, ହଳଧର ପାଠାଗାର ଖୁଜେନପାଲି, ରାମଜୀ ଯୁବକ ସଂଘ ସଦାଇପାଲି, ପ୍ରୋଗ୍ରେସିଭ କ୍ଲବ୍ ବଲାଙ୍ଗିର, ବିଏନ୍‌ଏଏ ଜରାସିଂହା, ଲୋଇସିଂହା ଆଥେଲେଟିକ ଆସୋସିଏସନ ଓ ଇବିଏଫ୍‌ଏ ହଲଦିକୁ ସମ୍ମାନିତ କରାଯାଇଥିଲା। ବିକେସି ଦଳର ସୁଧୀର ସରାଫଙ୍କୁ ଶ୍ରେଷ୍ଠ ଗୋଲ୍ କିପର ଓ ନକଟାସର ଦଳର ବିକାଶ ଧରୁଆଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଫୁଟବଲ ସମ୍ପାଦକ ଶରତ ନନ୍ଦ ଧନ୍ୟବାଦ ଦେଇଥିଲେ।

## ରାସ୍ତା ମରାମତି ପାଇଁ ଦାବି



ଦେବଗଡ଼,୧୨।୯(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ ରହିଥିବା ଏକମାତ୍ର ରାସ୍ତା ବ୍ୟବହାର ଅନୁପଯୋଗୀ ହୋଇ ପଡଛି। ଏହାର ତୁରନ୍ତ ମରାମତି ଦାବିରେ ଜିଲ୍ଲା ଯୁବ ଓ ମହିଳା ଏକତା ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ସଦସ୍ୟ ଧର୍ମେନ୍ଦ୍ର ଦେବତା, ସିଦ୍ଧେଶ୍ୱର ଗୁରୁ, ରାମଚନ୍ଦ୍ର ମହାପାତ୍ର, ଶୁକଦେବ ଭଞ୍ଜ, ସୁଜାତା ପ୍ରଧାନ, ରାଜଶ୍ରୀ ପାତ୍ର, ରତ୍ନପ୍ରଭା ଦେଓ, ପ୍ରେମଶିଳା ଝାଙ୍କର ପ୍ରମୁଖ ଉପସ୍ଥିତଥିଲେ।

## ଗୌଡ଼ସୁଗୁଡ଼ା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ



ଦେବଗଡ଼,୧୨।୯(ସମିସ): ଗୌଡ଼ସୁଗୁଡ଼ା ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଛି। ଭୁବନେଶ୍ୱର ଦେହୁରୀ ଯୋଗ ଦେଇ ହିନ୍ଦୀ ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଉଦ୍‌ଘୋଷକ ଭାବେ ବିଦ୍ୟାଳୟର ଛାତ୍ରୀ ଇପସିତା ପ୍ରଧାନ ଓ ସୁଧାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ସୁପଲ ମାଝୀ ସଭାପତିତ୍ୱ କରିଥିବାବେଳେ ହିନ୍ଦୀ ଶିକ୍ଷକ ଦୟାନିଧି ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷକ ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚପଲ ତିଆରି ତାଲିମ ୟୁନିଟ୍ ଉଦ୍‌ଘାଟିତ




ଝାରସୁଗୁଡ଼ା,୧୨।୯(ସମିସ): କକ୍ସ କଲୋନୀରେ ଅବସ୍ଥିତ ମିଶନ ଆଶାଲୋକ-୧ ପରିସରରେ ମାନସିକ ରୋଗୀ ଓ ଅନ୍ତେବାସୀଙ୍କ ମାନସିକ-ସାମାଜିକ ପୁନର୍ବାସ ତଥା ସ୍ୱାବଲମ୍ବନ ଲକ୍ଷ୍ୟରେ ଏକ ନୂତନ ରବର ଚପଲ ତିଆରି ବୃତ୍ତିଗତ ୟୁନିଟ୍ ଶୁଭାରମ୍ଭ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ୟୁନିଟ୍‌ର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାୟକ, କନିଷ୍ଠ ସହାୟକ ଆଦିତ୍ୟ ବାଦୀ, ମିଶନ ଆଶାଲୋକ-୧ର ପ୍ରୋଗ୍ରାମ ମୁଖ୍ୟ ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପରିସର ମଧ୍ୟରେ ଜିଲ୍ଲାପାଳ ଚାରା ରୋପଣ କରିଥିଲେ।

## ବିପଦସଙ୍କୁଳ ବିଦ୍ୟାଳୟ କୋଠା ତୁରନ୍ତ ଭାଙ୍ଗିବାକୁ ନିର୍ଦ୍ଦେଶ



ଝାରସୁଗୁଡ଼ା,୧୨।୯(ସମିସ): ଜିଲ୍ଲାସ୍ତରୀୟ ଶିକ୍ଷା ଓ ଉଲ୍ଲାସ ସାକ୍ଷରତା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଅନେକ ବିପଦସଙ୍କୁଳ ତଥା ଅସୁରକ୍ଷିତ ବିଦ୍ୟାଳୟ କୋଠା ଚିହ୍ନଟ ହୋଇଛି। ମାସକ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ସେ ସବୁ ଭାଙ୍ଗିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଜମି ଚିହ୍ନଟ ଓ ଆବଣ୍ଟନ ପ୍ରକ୍ରିୟା ମଧ୍ୟ ଏକ ମାସ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ନିର୍ମାଣାଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୁଡ଼ିକର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବା ଦିଗରେ ଜିଲ୍ଲାପାଳ ସମସ୍ତ ବିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ବିଭିନ୍ନ କ୍ରୀଡ଼ାର ଚୟନ ପରୀକ୍ଷା



ଝାରସୁଗୁଡ଼ା,୧୨।୯(ସମିସ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ସଂଗଠନ ପକ୍ଷରୁ ଜିଲ୍ଲାସ୍ତରୀୟ ବିଭିନ୍ନ କ୍ରୀଡ଼ାର ଚୟନ ପରୀକ୍ଷା ବ୍ରଜରାଜନଗରସ୍ଥିତ ଇନଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ ପରୀକ୍ଷାରେ ଉଶୁ, ତାଇକୋଣ୍ଡୋ, ବ୍ୟାଡମିଣ୍ଟନ, ଯୋଗ, ହ୍ୟାଣ୍ଡବଲ୍ ଓ ଭଲିବଲ୍ ଭଳି କ୍ରୀଡ଼ାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୩୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗର୍ଡିଆ, କିର୍ମିରା ବ୍ଲକ୍‌ର ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ୧୭ରୁ ବିଜେପି ପକ୍ଷରୁ ସେବା ସଂକଳ୍ପ ଅଭିଯାନ



ଦେବଗଡ଼,୧୨।୯(ସମିସ): ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଏକ ମାସ ବ୍ୟାପି ବିଜେପି ପକ୍ଷରୁ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେବା ସପ୍ତାହ ପାଇଁ ବୃକ୍ଷରୋପଣ, ସ୍ୱଚ୍ଛତା କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ଫଳ ବଣ୍ଟନ, ବିକଶିତ ସଂକଳ୍ପ ଯାତ୍ରା, ଆର୍ଶୀବାଦର ଦୀପ, ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା ତଥା ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଆଜି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜେପି ଉପସଭାପତି ସତ୍ୟ ନାରାୟଣ ପାଣି, ସାଧାରଣ ସଂପାଦକ ସରୋଜ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।




# ଗାଡ଼ି ଫିଟ୍‌ନେସ୍ କଡ଼ା ଅନୁପାଳନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା, ୧୨।୯ (ସମିସ)



ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ ଗୌରହରି ହାଁସଦା ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟର ଦୈନନ୍ଦିନ ପରିଚାଳନା ତଥା ନାଗରିକ ସେବା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ବୁଲି ଦେଖିବା ସହ ସାଧାରଣ ଲୋକଙ୍କୁ ମିଳୁଥିବା ସେବା ଯେପରି ସ୍ୱଚ୍ଛ ଓ ସୁବିଧାରେ ମିଳିପାରିବ ସେନେଇ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ରୋକିବା ପାଇଁ ଏନଫୋର୍ସମେଣ୍ଟ କାର୍ଯ୍ୟାନୁଷ୍ଠାନକୁ ଆହୁରି ବ୍ୟାପକ କରିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ବକେୟା ଟିକସ ଆଦାୟ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଚଳାଇ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିବାକୁ ସେ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଗାଡ଼ିଗୁଡ଼ିକର ଫିଟନେସ୍ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ଏବଂ କୌଣସି ପ୍ରକାର ତ୍ରୁଟିପୂର୍ଣ୍ଣ କିମ୍ବା ନିୟମ ଖିଲାପକାରୀ ଯାନବାହନକୁ ଫିଟନେସ୍ ପ୍ରମାଣପତ୍ର ପ୍ରଦାନ ନ କରିବାକୁ ସ୍ପଷ୍ଟ କରିଥିଲେ। ନିର୍ମାଣାଧୀନ ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ଏବଂ ଯାନବାହନ ଫିଟନେସ୍ ଯାଞ୍ଚ ପାଇଁ ଉଦ୍ଦିଷ୍ଟ ଅଟୋମେଟିକ୍ ଟେଷ୍ଟିଂ ସିଷ୍ଟମର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କାର୍ଯ୍ୟାଳୟର ବିଭିନ୍ନ ଭିତ୍ତିଭୂମି ସମସ୍ୟା, ସ୍ୱଚ୍ଛତା ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସଂସ୍କୃତ ସାହିତ୍ୟରେ ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ଜାତୀୟ ସମ୍ମାନ




ସମ୍ବଲପୁର, ୧୨।୯ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଏବଂ 'ସେଣ୍ଟର ଫର୍ ଇଣ୍ଡିଆନ୍ ନଲେଜ୍ ସିଷ୍ଟମ୍‌ସ'ର ମିଳିତ ଆନୁକୂଲ୍ୟରେ "ଓଡ଼ିଶା ପ୍ରସଙ୍ଗରେ ସଂସ୍କୃତ ସାହିତ୍ୟରେ ଭାରତୀୟ ଜ୍ଞାନ ପରମ୍ପରା' ଶୀର୍ଷକ ଦିନିକିଆ ଜାତୀୟ ସମ୍ମାନ ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଏହି ସମ୍ମାନକୁ ଉଦ୍‌ଘାଟନ କରି ଭାରତୀୟ ଜ୍ଞାନ ପରମ୍ପରାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ। ସେ ରାଜ୍ୟର ସମୃଦ୍ଧ ବୌଦ୍ଧିକ ଓ ସାଂସ୍କୃତିକ ଐତିହ୍ୟ ତଥା ଭାରତର ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ପ୍ରସାରରେ ସଂସ୍କୃତ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଫେସର ନରସିଂହ ଚରଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଭିତ୍ତିବକ୍ତବ୍ୟ ପ୍ରଦାନ କରିଥିଲେ। ତାଙ୍କ ମୁଖ୍ୟ ବକ୍ତବ୍ୟ ଭାରତୀୟ ଜ୍ଞାନ ପରମ୍ପରାର ବ୍ୟାପକ ପରିସର ମଧ୍ୟରେ ସଂସ୍କୃତ ସାହିତ୍ୟର ପ୍ରାସଙ୍ଗିକତା ଏବଂ ନିରନ୍ତର ଗୁରୁତ୍ୱ ଉପରେ କେନ୍ଦ୍ରିତ ଥିଲା।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ବିଶିଷ୍ଟ ବକ୍ତାମାନେ ଉପରୋକ୍ତ ବିଷୟକୁ ନେଇ ଆଲୋଚନା କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରଫେସର ଅରୁଣ ରଞ୍ଜନ ମିଶ୍ର, ପ୍ରଫେସର ସିନିରୁଦ୍ଧ ଦାଶ, ଡକ୍ଟର ମମତା ମିଶ୍ର, ପ୍ରଫେସର ସୁବାଷ ଚନ୍ଦ୍ର ଦାଶ, ପ୍ରଫେସର ନିରଞ୍ଜନ ଜେନା, ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ଡକ୍ଟର ପରମ୍ବା ଶ୍ରୀ ଯୋଗମାୟା, ଡକ୍ଟର ଧର୍ମରାଜ ବାଗ ଏବଂ ଡକ୍ଟର ନରେନ୍ଦ୍ର ପ୍ରଧାନ ଅନ୍ତର୍ଭୁକ୍ତ ଥିଲେ। ବକ୍ତାମାନେ ସଂସ୍କୃତ ସାହିତ୍ୟର ବିଭିନ୍ନ ଦିଗ ଏବଂ ଭାରତୀୟ ଜ୍ଞାନ ପରମ୍ପରାରେ ଏହାର ଅବଦାନ ଉପରେ ଆଲୋକପାତ କରିବା ସହ ଓଡ଼ିଶାର ବୌଦ୍ଧିକ ଐତିହ୍ୟ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ଡକ୍ଟର ପ୍ରଶାନ୍ତ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡକ୍ଟର ଶାଲ ବେସ୍ରା ଉଦ୍‌ଘାଟନୀ ସଭା ପରିଚାଳନା କରିଥିଲେ। ବୈଷୟିକ ଅଧିବେଶନଗୁଡ଼ିକର ସଂଯୋଜନା ଡକ୍ଟର ସସ୍ମିତା ପତି ଏବଂ ଡକ୍ଟର ସୁନେଲି ଦେଇ କରିଥିଲେ। ଏହି ଜାତୀୟ ସମ୍ମାନରେ ସଂସ୍କୃତ ବିଭାଗର ଅଧ୍ୟାପକ ଅଧ୍ୟାପିକା ଡକ୍ଟର ସଂଘମିତ୍ରା ଦାଶ ଓ ଡକ୍ଟର ସ୍ୱାଗତିକା ମିଶ୍ରଙ୍କ ସମେତ ଅନ୍ୟ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ, ଗବେଷକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଡକ୍ଟର ବଳଭଦ୍ର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆଦର୍ଶ ଗ୍ରାମ ସଭା



ଦେବଗଡ,୧୨।୯(ସମିସ): ତିଳେଇବଣି ବ୍ଲକ୍ କଲାମାଟି ଗ୍ରାମ ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆଦର୍ଶ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡୋମାନ ଏକ୍କାଙ୍କ ମାର୍ଗଦର୍ଶନରେ ଏହି କଳ୍ପିତ ଲୋକନାଟକ ବିଦ୍ୟାଳୟ ପରିସରରେ ଉତ୍କଳୀୟ ଗାଁର ଭ୍ରମ ସୃଷ୍ଟି କରିଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ଗ୍ରାମୀଣ ଚରିତ୍ର ତଥା ପଞ୍ଚାୟତ ସ୍ତରର ଅଧିକାରୀ ଭାବରେ ସୁନ୍ଦର ଅଭିନୟ ପ୍ରଦର୍ଶନ କରିଥିଲେ। ମିନତୀ ସାମାଡ଼, ନମିତା ଅଢା , ବନିତା ଛତ୍ରିଆ, ଭୂପେନ ଅଙ୍ଗୀ, ରତନ ବାଦ୍ୟାୟୁଦ, ଟିନା ରାଣୀ, ଅନ୍ୱେଷ ନାୟକ, ହରିଶ୍ଚନ୍ଦ୍ର ପ୍ରଧାନ, ରିସ୍ମା ନାୟକ, ସିଦ୍ଧାନ୍ତ କିଷାନ, ଗାୟତ୍ରୀ ପ୍ରଧାନ, ବିଶ୍ୱଜିତ, ନନ୍ଦିନୀ କିଷାନ, ଶିବାନୀ ପ୍ରମୁଖ ଛାତ୍ରଛାତ୍ରୀ ଏହି ଲୋକନାଟକରେ ନିଖୁଣ ଅଭିନୟ କରଥିଲେ। ଗଣତନ୍ତ୍ରର ମୂଲ୍ୟବୋଧ କିପରି ସବୁ ଜନତାଙ୍କ ପାଇଁ ଉପଲବ୍ଧ ଓ ଅଧିକାର ପାଇଁ ସକାରାତ୍ମକ ସ୍ୱର ଉତ୍ତୋଳନର ଆବଶ୍ୟକତା ରହିଛି ତାହା ଏହି ସଭାରେ ଉପସ୍ଥାପିତ ହୋଇଥିଲା। ଶିକ୍ଷକ ସୁନୀଲ କୁମାର, କମଳ କୁମାର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ମନୋରଞ୍ଜନ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ରିମଲୀ ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

## ଝାରସୁଗୁଡ଼ାରେ ଗହଣା ଦୋକାନ କାନ୍ଥ ଭାଙ୍ଗି ଲୁଟ୍

ଝାରସୁଗୁଡ଼ା,୧୨।୯(ସମିସ): ଝାରସୁଗୁଡ଼ା ସହରରେ ଥିବା ମଙ୍ଗାସପୁରିଆ ଗହଣା ଦୋକାନର ପଛ ପଟ କାନ୍ଥ ଭାଙ୍ଗି ଚୋରି ହୋଇଛି। ଦୋକାନରୁ ସୁନା ଓ ରୂପା ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୋକାନର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ବେଳେ ଚୋରିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଛାନଭିନ ଜାରି ରହିଛି। ପ୍ରାୟ ଦେଢ କୋଟି ଟଙ୍କାର ଗହଣା ଚୋରି ହୋଇଥିବା ପୁଲିସକୁ ଦୋକାନ ମାଲିକ ଅଭିଯୋଗ କରିଛନ୍ତି।

## ଜିଲ୍ଲା ପରିଷଦ ବୈଠକ




ସମ୍ବଲପୁର,୧୨।୯ (ସମିସ) : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକାଦଶ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ବିଭାଗର ବିହନ ଯୋଗାଣ, ରାସାୟନିକ ସାର, ପିଏମ-କିସାନ, ସିଏମ-କିସାନ, ଖରିଫ୍ ଓ ରବି ଋତୁର ଚାଷକାର୍ଯ୍ୟ, ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପ, ଉଦ୍ୟାନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, ମତ୍ସ୍ୟ ବିଭାଗର କାର୍ଯ୍ୟକ୍ରମ, ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଷମ ବଣ୍ଟନ, ସମବାୟ ବିଭାଗର କୃଷି ଋଣ, ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ପ୍ରାଣୀ ସମ୍ପଦ ବିଭାଗ, ଗ୍ରାମ୍ୟ ନିର୍ମାଣ ବିଭାଗର କାର୍ଯ୍ୟକଳାପ, ଆବାସ ଯୋଜନା ବିଭିନ୍ନ ଯୋଜନାର ଅଗ୍ରଗତି ଆଦି ଉପରେ ବିଭାଗୀୟ ଆଲୋଚନା ହୋଇଥିଲା।



ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ବିଗତ ପାଞ୍ଚ ବର୍ଷ ଧରି ଜିଲ୍ଲା ପରିଷଦର କାର୍ଯ୍ୟକାଳ ଅତ୍ୟନ୍ତ ସଫଳ ଏବଂ ଉତ୍ସର୍ଗୀକୃତ ରହିଥିଲା ବୋଲି ମତବ୍ୟକ୍ତ କରିଛନ୍ତି। ପ୍ରଶାସନିକ ଏବଂ ଆର୍ଥିକ କ୍ଷେତ୍ରରେ ଜିଲ୍ଲା ପରିଷଦକୁ ଆହୁରି ଅଧିକ କ୍ଷମତା ପ୍ରଦାନ କରାଯିବା ଉଚିତ। ଗ୍ରାମାଞ୍ଚଳ ବିକାଶର ମୂଳଦୁଆ ପ୍ରକୃତରେ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲା ପରିଷଦ ଉପରେ ନ୍ୟସ୍ତ ଥାଏ ବୋଲି ସେ ଦର୍ଶାଇଥିଲେ। ଏଣୁ ଏହି ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବାର ଆବଶ୍ୟକତା ରହିଛି। ଆଗାମୀ ଦିନରେ ଜନପ୍ରତିନିଧିମାନେ ପୁନର୍ବାର ନିର୍ବାଚିତ ହୋଇ ସମ୍ବଲପୁର ଜିଲ୍ଲାକୁ ପ୍ରଗତି ପଥରେ ଆହୁରି ଆଗେଇ ନେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଜନପ୍ରତିନିଧି ଓ ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକଲେ ଜନସାଧାରଣଙ୍କ ନିକଟରେ ସରକାରୀ ଯୋଜନାଗୁଡ଼ିକ ସଠିକ୍ ଭାବେ ପହଞ୍ଚିପାରିବ ବୋଲି ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ କହିଥିଲେ।

ଜିଲ୍ଲା ପରିଷଦ ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାୟକ, ରେଙ୍ଗାଲି ବିଧାୟକଙ୍କ ପ୍ରତିନିଧି ଗୋପୀରଞ୍ଜନ ବେହେରା, ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ହୀରାଲାଲ ବେହେରାଙ୍କ ସହ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

## ବାଲ୍ୟ ବିବାହ ନିଷେଧ ଅଧିନିୟମ ଶିବିର

ଦେବଗଡ,୧୨।୯(ସମିସ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ନିଷେଧ ଅଧିନିୟମ-୨୦୦୬ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂହ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଶିବିରରେ ପ୍ରଶିକ୍ଷକ ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର,



ସମସ୍ତ ସିଡିପିଓ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିଦ୍ୟାଳୟ ଛାତ୍ରାବାସର ବହୁ ୱାର୍ଡେନ୍ ଉପସ୍ଥିତ ଥିଲେ। ଜ୍ୟୋସ୍ନା ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଘରୁ ୨ ବାଇକ୍ ଚୋରି ଅଭିଯୋଗ

ଧର୍ମଗଡ଼,୧୨।୯(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅଧୀନ କେବିଡି ଗାଁରେ ଏକ ଘରୁ ବିଳମ୍ବିତ ରାତିରେ ଦୁଇଟି ବାଇକ୍ ଚୋରି ହୋଇଥିବା ଧର୍ମଗଡ ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକେ ଘର ଭିତରେ ଶୋଇଥିବା ସମୟରେ ଚୋରମାନେ ଘର ବାହାରେ ରଖାଯାଇଥିବା ଦୁଇଟି ବାଇକ ଚୋରି କରିଥିବା ଜଣାପଡ଼ିଛି। ଘଟଣାସମ୍ପର୍କରେ କେବିଡି ଗାଁର ମଦନ ନାଏକଙ୍କ ପୁଅ କୃପାସିନ୍ଧୁ ନାଏକ ଆଜି ଧର୍ମଗଡ଼ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଧର୍ମଗଡ଼ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଚୋରି ଯାଇଥିବା ବାଇକ ଦୁଇଟିର ସନ୍ଧାନ ଚଳାଇଛି।

## ସାମାଜିକ ଚଳଣି ବିଷୟରେ ଶିକ୍ଷାଦିଏ 'ପୂରା ଉଆଁସ'

ସମ୍ବଲପୁର, ୧୨।୯ (ସମିସ)

ଆଜି ଥିଲା 'ପୁରା ଉଆଁସ'। ପଶ୍ଚିମ ଓଡ଼ିଶାର ଏକ ଅନନ୍ୟ ପରମ୍ପରା। ଏହି ପରମ୍ପରା ସାମାଜିକ ଚଳଣି ବିଷୟରେ ଶିକ୍ଷା ଦେଇଥାଏ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀ ଶକ୍ତି ପକ୍ଷରୁ ଆଜି ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାଠାରେ ପାରମ୍ପରିକ ପୁରା ଉଆଁସ ବା ସପ୍ତପୁରୀ ଅମାବାସ୍ୟା ପାଳନ କରାଯାଇଛି। ଛୋଟ ଛୋଟ ପିଲାମାନେ ଭବିଷ୍ୟତ ସଂସାରର ଚଳଣୀକୁ ଖେଳ ମାଧ୍ୟମରେ ଶିକ୍ଷା ଦେବାପାଇଁ ଏହି ଉତ୍ସବ ପାଳନ କରାଯାଇଥାଏ। ଏହିଦିନ ମା'ମାନେ ଝିଅମାନଙ୍କ ପାଇଁ ମାଟି ତିଆରି କୁଣ୍ଢିକାଞ୍ଚି ଖେଳିବା ପାଇଁ ଦେଇଥାନ୍ତି। ସେହିପରି ପୁଅପିଲାମାନେ କାଠ ଏବଂ ମାଟି ତିଆରି ବଳଦ, ହାତୀ, ଘୋଡ଼ା ଆଦି ଖେଳିଥାନ୍ତି। ତେବେ, ସାଂସାରିକ ଜୀବନ ଜିଇଁବା ପାଇଁ ପିଲାଟି ଦିନରୁ ମା'ବାପା ମାନେ ପୁଅଝିଅକୁ ଏହି ପର୍ବ ମାଧ୍ୟମରେ ଶିକ୍ଷା ଦେଇଥାନ୍ତି।



ଏହି ପାରମ୍ପରିକ ଉତ୍ସବ ବିଷୟରେ ସହରର ଶିଶୁମାନଙ୍କୁ ଶିକ୍ଷା ଦେବା ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀ ଶକ୍ତି ପକ୍ଷରୁ ପୁରା ଉଆଁସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଚାଉଁରପୁର, ଦେଉଳବନ୍ଧ ଏବଂ ମାନିକ ମୁଣ୍ଡାରୁ ଆସିଥିବା କୁନି ଝିଅ ପୁଅମାନେ ଟାଙ୍ଗୁଡିରେ ମୁଗ, ଗହମ, ଚଣା, ହୁରୁମ ଲଡୁ ଭଳି ବିଭିନ୍ନ ଖାଦ୍ୟ ସାମଗ୍ରୀ ସହ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମହିଳା ସଦସ୍ୟା ମାନେ ଶିଶୁ ମାନଙ୍କୁ ବନ୍ଦାପନା କରିଥିଲେ। ଏହାସହ କୁନିପୁଅମାନଙ୍କୁ ଚାଷବାସରେ ବ୍ୟବହୃତ ସାମଗ୍ରୀ ଗୁଡିକ ବିଷୟରେ ଅବଗତ କରାଯାଇଥିଲା। ଏଥିରେ କୁନି ପୁଅଝିଅ ଅଂଶଗ୍ରହଣ କରୁଥିବାବେଳେ ବୟସ୍କମାନେ ସେମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଗାଁରେ ଧାନ ଅମଳ ପୂର୍ବରୁ ଚାଷବାସ ସହ ଜଡିତ ଗାଇ ବଳଦ ହଳ ନଙ୍ଗଳ, ଶଗଡ ବିଷୟରେ ଘରର ପୁଅମାନଙ୍କୁ ଖେଳ ମାଧ୍ୟମରେ ଶିକ୍ଷା ଦେବାସହ ଚାଷ ରେ ସାହାଯ୍ୟ କରୁଥିବା ବଳଦ ଏବଂ ଶ୍ରମିକ ମାନଙ୍କୁ ସମ୍ମାନ ଦିଆଯିବା ବିଷୟ ଏହି ଖେଳ ମାଧ୍ୟମରେ ଶିକ୍ଷା ଦିଆଯାଇଥିଲା ବୋଲି କହିଛନ୍ତି ନାରୀଶକ୍ତିର ଲଳିତା ଭୋଇ। ଏବେ ଧିରେ ଧିରେ ଲୋକଙ୍କ ମନରୁ ପୁରାଉଆଁସ ପର୍ବ ଦୂରେଇ ଯାଉଥିବାରୁ ସମାଜ ବ୍ୟବସ୍ଥା ବି ଧିରେ ଧିରେ ବଦଳିବାରେ ଲାଗିଥିବା କହିଛନ୍ତି ସ୍ୱସ୍ତିକା ନାୟକ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀଶକ୍ତିର ଝୁନୁ ତ୍ରିପାଠୀ, କାନ୍ତି ମେହେର, ଭୂମିସୂତା ମେହେର, ମୀନାକ୍ଷୀ ରାଉତ, ପଙ୍କଜିନୀ ବୈଠାରୁ, ସିପ୍ରା ଚକ୍ରବର୍ତ୍ତୀ, ସବିତା ନନ୍ଦ, ସବିତା ମେହେର, ଶୁକ୍ରବାରୀ ମେହେର, ସୀମା ନାଏକ, ସାଗରିକା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

୨୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ
ଅମଲାପଡା, ୨ୟଗଳି, ଅନୁଗୋଳ

ଆଜି ତୁମର ୨୦ତମ ଶ୍ରାଦ୍ଧବାର୍ଷିକୀ ।
ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ ।
ତୁମେ ଆମ ପରିବାରର ଗର୍ବ ଆଉ ଗୌରବ । ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ, ଆଦର୍ଶ, ଚିନ୍ତାଧାରା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ-ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ - ସଂଗ୍ରାମ, ବଡ଼ବୋହୂ - ଗୁନି, ମଝିଆବୋହୂ - ମାନି, ବଡ଼ଝିଅ - ମୁନା, ବଡ଼ଜ୍ୱାଇଁ - ବିନୟ, ସାନଝିଅ - ରୀନା, ସାନଜ୍ୱାଇଁ - ରୁଚିର, ସାନପୁଅ - ପାପୁ, ନାତୁଣୀ - ସୋନି, ନାତୁଣୀ ଜ୍ୱାଇଁ - ସୋମୋଜିତ, ନାତି - ଗୁଡୁ, ନାତୁଣୀ - ନୈନା, ନାତି - ସୋନୁ ଏବଂ ବନ୍ଧୁ ଓ ପରିବାର ବର୍ଗ ।

# ୧୮ରେ 'ମାଳିପୁଟ ମେଲୋଡିଜ୍'



ଚଳିତ ସେପ୍ଟେମ୍ବର ୧୮ ତାରିଖରେ ମୁକ୍ତିଲାଭ କରିବ 'ମାଳିପୁଟ ମେଲୋଡିଜ୍' । ଗୋଆରେ ଅନୁଷ୍ଠିତ ୫୬ତମ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ)-୨୦୨୫ ଇଣ୍ଡିଆନ୍ ପାନୋରାମା ଫିଚର୍ ଫିଲ୍ମ ବର୍ଗରେ ମନୋନୀତ ହୋଇ ପ୍ରଦର୍ଶିତ ହୋଇଥିଲା । ପିଭିଆରରେ ସ୍ପେସିଆଲ୍ ସ୍କ୍ରିନିଂରେ ମଧ୍ୟ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ଅତିଥି ଉପଭୋଗ କରିଥିଲେ ତା'ର କଳା, ସଂସ୍କୃତି, ସାହିତ୍ୟ ଆଉ ସଙ୍ଗୀତକୁ । କେବଳ ଆଇଏଫ୍ଏଫ୍ଆଇ ନୁହେଁ, ଆଜି ପର୍ଯ୍ୟନ୍ତ ଭାରତ ସହିତ ବିଶ୍ୱ ଦରବାରରେ ଏହା ଆଠଟି ସ୍ଥାନରେ ମନୋନୀତ ହୋଇ ସାରିଛି । ଖାଣ୍ଟି ମୌଳିକ ଓଡ଼ିଆ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଏ ସିନେମାରେ ହୃଦୟସ୍ପର୍ଶୀ କାହାଣୀର ସମାହାର ରହିଛି । ଯାହା ଚିରାଚରିତ ଧାରାଠୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଏକ ପାରିବାରିକ ଚଳଚ୍ଚିତ୍ର । ଏଥିରେ ସିନେ ଦୁନିଆରେ ଚିହ୍ନା ମୁହଁ ନାହାଁନ୍ତି । ଏହା ବ୍ୟତୀତ ସିନେମାର ଗୀତ, ସଙ୍ଗୀତ, କାହାଣୀ, ସଂଳାପ, ଚିତ୍ରନାଟ୍ୟ, କଳାକାରଙ୍କ ଜୀବନ୍ତ ଅଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ, ଅତି ଚମତ୍କାର ଓ ଉଚ୍ଚକୋଟୀର ହୋଇଛି । ସିନେମାର ନିର୍ଦ୍ଦେଶକ ବିଶାଳ ପଟ୍ଟନାୟକ ଥିବା ବେଳେ ପ୍ରଯୋଜକ କୌଶିକ ଦାସ ଅଛନ୍ତି । ଗୀତ ଓ ସଙ୍ଗୀତକାର ତୋଷ ନନ୍ଦ, କାହାଣୀକାର ସୁଧାକର ପଟ୍ଟନାୟକ ଏବଂ ସହ ପ୍ରଯୋଜକ ରାମ ପଟ୍ଟନାୟକ ଓ କୌସ୍ତୁଭ ଦାସଙ୍କ ସହ ପୂରା ଟିମ୍ ।

# ପରିଚାରକଙ୍କ ନାଁରେ ଲୋକପ୍ରିୟ ସଙ୍ଗୀତ

ପରଦା ପଛର କାହାଣୀ



ବଲିଉଡ୍‌ର ସବୁଠାରୁ ଲୋକପ୍ରିୟ ଯୋଡ଼ି ମଧ୍ୟରେ ରାଜ କପୁର୍ ଏବଂ ନର୍ଗିସଙ୍କ ଯୋଡ଼ି ଅନ୍ୟତମ । ପଚାଶ, ଷାଠିଏ ଦଶକରେ ଏହି ଯୋଡ଼ି ଅନେକ ଉଚ୍ଚକୋଟୀର ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଥିଲେ । ତନ୍ମଧ୍ୟରୁ 'ଶ୍ରୀ- ୪୨୦' ସିନେମା ଗୋଟିଏ । ୧୯୫୫ ମସିହାରେ ମୁକ୍ତିଲାଭ କରିଥିବା 'ଶ୍ରୀ- ୪୨୦' ଏକ କମେଡ଼ି ଡ୍ରାମା ଆଧାରିତ ସିନେମା । ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ବକ୍ସ ଅଫିସ୍‌ରେ ଏହା ଭଲ ଆୟ କରିଥିଲା । ଏହି ଫିଲ୍ମର ସମସ୍ତ ଗୀତ ହିଟ୍ ହୋଇଥିବା ବେଳେ ଗୋଟିଏ ଗୀତ ଥିଲା ଯାହା ସୁପରହିଟ୍ ହୋଇଥିଲା । ଏହି 'ରମୈୟା ବସ୍ତାଭୈୟା.....' ଗୀତ ପଛରେ ଏକ ରୋମାଞ୍ଚକର କାହାଣୀ ଥିଲା । ଫିଲ୍ମରେ ରାଜୁ ଟଙ୍କା ଏବଂ ଧନ ସମ୍ପତ୍ତି ମୋହରେ ପଡୁଥିବା ବେଳେ, 'ରମୈୟା ବସ୍ତାବୈୟା...' ଗୀତଟି ତାଙ୍କୁ ବାସ୍ତବତାକୁ ଫେରାଇ ଆଣିଥିଲା । ତେବେ ଫିଲ୍ମର ସଙ୍ଗୀତ ଟିମ୍ ଯେଉଁ ଢାବାରେ ବସି ସମୟ ବିତାଉଥିଲେ ସେଠାରେ 'ରମୈୟା' ନାମକ ଜଣେ ତେଲୁଗୁ ୱେଟର୍ ବା ପରିଚାରକ କାର୍ଯ୍ୟ କରୁଥିଲେ । ଗୀତିକାର ଶଙ୍କର ତେଲୁଗୁ ଭାଷା ବୁଝିପାରୁଥିଲେ । ସେହି ସମୟରେ ଏହି 'ରମୈୟା ବସ୍ତାଭୈୟା' ଭଳି ଶବ୍ଦ ସହ ପରିଚିତ ହେଲେ । ପରବର୍ତ୍ତୀ ସମୟରେ ଏହା ଏକ ଲୋକପ୍ରିୟ ଗୀତ ଭାବେ ପ୍ରସିଦ୍ଧି ଲାଭ କରିଥିଲା । ସେହିପରି ରାଜ୍ କପୁରଙ୍କ ଏହି ଫିଲ୍ମର ନାଁ ମଧ୍ୟ ଖୁବ୍ ରୋଚକୀୟ ଥିଲା । ଏହା ଭାରତୀୟ ଦଣ୍ଡ ସଂହିତାର ଠକେଇ ଏବଂ ଜାଲିଆତି ଧାରା ସହ ଜଡ଼ିତ ଥିବାବେଳେ ରାଜ୍ କପୁର ଏହା ପୂର୍ବରୁ 'ଶ୍ରୀ' ଯୋଡ଼ି ଏଥିରେ ଏକ ବ୍ୟଙ୍ଗାତ୍ମକ ଭାବନା ଯୋଡ଼ି ଥିଲେ ।

# ଚର୍ଚ୍ଚାରେ 'ମଧୁମାଳତୀ'




ପୂଜା ପାଖେଇ ଆସିଲେ ପୂଜା ବଜାରର ସିନେମାକୁ ନେଇ ଆରମ୍ଭ ହେଇଯାଏ ଚର୍ଚ୍ଚା । ଏଇ କିଛିଦିନ ହେଲା ସବୁଠୁ ବେଶୀ ଚର୍ଚ୍ଚାରେ ଥିବା ସିନେମା 'ମଧୁମାଳତୀ'ର ସୁଟିଂ ନିକଟରେ ଶେଷ ହୋଇଛି । ଅଶି ଦଶକର ପ୍ରେମକାହାଣୀକୁ ନେଇ ପ୍ରସ୍ତୁତ ଏହି ସିନେମା ପୂଜା ସିନେମାର ଭିଡ଼ ଭିତରେ ସବୁ ବର୍ଗର ଦର୍ଶକଙ୍କୁ ଏକ ନିଆରା ଅନୁଭବ ଦେବ ବୋଲି କହିଛନ୍ତି ସିନେମାର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ । ପ୍ରଥମଥର ଓଡ଼ିଆ ସିନେମାରେ ବଲିଉଡ୍ ଅଭିନେତା ସଞ୍ଜୟ ମିଶ୍ର ଓ ମହାଶ୍ୱେତା ରାୟଙ୍କୁ କେନ୍ଦ୍ର କରି ଏପରି ଏକ କାହାଣୀକୁ ପରଦାକୁ ଆଣିବା ସବୁଠୁ ବଡ଼ ଆହ୍ୱାନ ଥିଲା ବୋଲି କହିଛନ୍ତି ପ୍ରଯୋଜକ ଅଶୋକ ପାଢ଼ୀ ଏବଂ ବ୍ରଜକିଶୋର ମିଶ୍ର । ଅନେକ ଦିନ ପରେ ଓଡ଼ିଆ ଦର୍ଶକ ଗୋଟେ ନିଛକ ମ୍ୟୁଜିକାଲ୍ ଲଭ୍ ଷ୍ଟୋରୀର ଆନନ୍ଦ ନେବେ ଏବଂ ସିନେମାର ଗୀତ ଗୁଡ଼ିକ ମନଛୁଆଁ ହେବ ବୋଲି ଆଶା ରଖିଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ । ଏହି କାହାଣୀ ଜେନ୍ ଜିଙ୍କୁ ଅତୀତ ସହ ପରିଚିତ କରାଇବ । ଜେନ୍ ୱାଇଙ୍କୁ ପିଲାଦିନର ସ୍ମୃତିକୁ ମନେପକାଇବ । ଆଉ ଜେନ୍ ଏକ୍ସଙ୍କୁ ପୁଣି ଥରେ ତାଙ୍କ ଅତୀତକୁ ଫେରାଇ ନେବ ବୋଲି କହିଛନ୍ତି ସିନେମାର ଲେଖକ ପ୍ରିୟବ୍ରତ ପଣ୍ଡା । ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ଆକାଶ, ଭୂମିକା, ପ୍ରଜ୍ଞା, ସନୋଜ୍, କେକେ, ଶୁଭ୍ରାଂଶୁ, ପ୍ରଶାନ୍ତ , ଭାସ୍ୱତୀ ପ୍ରମୁଖ ଅଭିନେତା ଅଭିନେତ୍ରୀ ସିନେମାକୁ ନେଇ ଖୁବ୍ ଆଶାବାଦୀ ଅଛନ୍ତି । ସୋସିଆଲ୍ ମିଡିଆରେ 'ମଧୁମାଳତୀ'କୁ ନେଇ ଚର୍ଚ୍ଚା ରହିଥିବା ବେଳେ ଏହା ଦଶହରାରେ ମୁକ୍ତିଲାଭ କରିବାକୁ ପ୍ରସ୍ତୁତ ବୋଲି ପ୍ରକାଶ କରିଛନ୍ତି ପ୍ରଯୋଜନା ସଂସ୍ଥା ।

# ପାର୍ବଣ ଋତୁରେ 'ମେଦିନୀପୁରର ମେନକା'



ଆସୁଛି ପାର୍ବଣ ଋତୁ । ପ୍ରତ୍ୟେକ ପର୍ବର ଆଗମନରେ ନିର୍ଦ୍ଦେଶକ ବାବୁ ବାବୁ ଭେଟି ଦେଇଥାନ୍ତି ନୂଆ ମ୍ୟୁଜିକ୍ ଭିଡିଓ । ଚଳିତ ପାର୍ବଣ ଋତୁ ପାଇଁ ଏକ ବଡ଼ ବଜେଟ୍‌ର ମ୍ୟୁଜିକ୍ ଭିଡିଓ ଭେଟି ଦେଇଛନ୍ତି ଓଡ଼ିଆ ଦର୍ଶକଙ୍କୁ ଯାହାର ନାଁ ରହିଛି 'ମେଦିନୀପୁରର ମେନକା'। ପୀୟୁଷ ତ୍ରିପାଠୀ ଓ ପାୟଲଙ୍କ ଯୋଡ଼ିରେ ପ୍ରଥମ ଥର ପାଇଁ ଆସୁଛି ଏହି ମ୍ୟୁଜିକ୍ ଭିଡିଓ । ଗଣେଶ ପୂଜା ଅବସରରେ ମେଦିନୀପୁରର ମେନକା ମୁକ୍ତିଲାଭ କରିବ । ପୀୟୁଷ ତ୍ରିପାଠୀ ଏବଂ ପାୟଲଙ୍କ ବ୍ୟତୀତ ସହ କଳାକାର ଭାବେ ସିନେ ପ୍ରଯୋଜକ ତଥା ଅଭିନେତା ଶ୍ରୀଧର ମାର୍ଥା ଏକ ବିଶେଷ ଭୂମିକାରେ ନଜର ଆସିବେ । ତାଙ୍କ ସହିତ ସିପୁ, ସୋମିଆ ଏବଂ ମାନସ ମଧ୍ୟ ଅଭିନୟ କରିଛନ୍ତି । ପ୍ରଯୋଜନା କରିଛନ୍ତି ପ୍ରଶାନ୍ତ କୁମାର ବେହେରା । ଦେବେଶ ପତି ଏବଂ ଅସୀମା ପଣ୍ଡା କଣ୍ଠଦାନ କରିଥିବା ବେଳେ ବିରଜା ପ୍ରସାଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଡ. ଦୀପକ ଜେନା ଏହି ଗୀତକୁ ରଚନା କରିଛନ୍ତି ।

# 'ପ୍ରଶଂସକ ମୋର ପରିବାର'

**ନିକିତା ମିଶ୍ର, ଅଭିନେତ୍ରୀ**

୨୦ ଦିନରେ ଲଗାତାର ୪ଟା ମ୍ୟୁଜିକ ଭିଡିଓ କରି ସଫଳତା ସାଉଁଟୁଛନ୍ତି ଲୋକପ୍ରିୟ ଅଭିନେତ୍ରୀ ନିକିତା ମିଶ୍ର । ତାଙ୍କ ଅଭିନୀତ 'ଗେଣ୍ଡୁଫୁଲ', 'ଠୁମ୍‌କା' ମ୍ୟୁଜିକ ଭିଡିଓକୁ ଲୋକଙ୍କ ଅଜସ୍ର ଭଲପାଇବା ମିଳିଥିବା ବେଳେ ନିକଟରେ ରିଲିଜ୍ ହୋଇଛି 'ଅଣ୍ଟାବିଛା' । ସେହିପରି ଆଗକୁ ତାଙ୍କର ନୂଆ ସିନେମା ମୁକ୍ତିଲାଭ ଅପେକ୍ଷାରେ ଅଛି । ଶିଶୁ କଳାକାରରୁ ଏବେ ଆଗଧାଡ଼ିର ଅଭିନେତ୍ରୀ ନିକିତାଙ୍କ ସହ ଏଥରର ଆଳାପ ।






**'ଗେଣ୍ଡୁଫୁଲ' ଗୀତଟି ଏବେ ଟ୍ରେଣ୍ଡ କରୁଛି । କ'ଣ କହିବେ?**

- ସ୍ୱୟମ୍ ପାଢ଼ୀ ଚ୍ୟାନେଲ୍‌ରେ ସ୍ୱୟମ ପାଢ଼ୀଙ୍କ ପ୍ରଯୋଜନାରେ ହିଁ 'ଗେଣ୍ଡୁଫୁଲ' ଗୀତଟି ଅଗଷ୍ଟ ୨୧ରେ ରିଲିଜ୍ ହୋଇଥିଲା । ଲୋକଙ୍କ ମନରେ ରାଜ୍ କରୁଛି । ଟ୍ରେଣ୍ଡରେ ଅଛି । ଟ୍ରେଣ୍ଡରୁ ଖସିନି । ଦର୍ଶକେ ବି ନିଜ ଇଚ୍ଛାନୁସାରେ ରିଲ୍ସ କରୁଛନ୍ତି । ଏପରିକି ଓଡ଼ିଶା ବାହାରେ ବି ଲୋକେ ଏହି ଗୀତରେ ରିଲ୍ସ କରି ପଠାଉଛନ୍ତି । ଖୁସି ଲାଗୁଛି । ଏଥିରେ ସ୍ୱୟମ୍ ଭାଇ ଓ ସଂଜୁ ମହାନ୍ତି କଣ୍ଠଦାନ କରିଛନ୍ତି । ମୁଁ, ରାଜରାଜେଶ, ସ୍ୱୟମ୍ ଭାଇ ଏବଂ କ୍ରିଷ୍ଣା ଅଭିନୟ କରିଛୁ । ଏଥିପାଇଁ ମାସେ କାଳ ପରିଶ୍ରମ କରିଛୁ । ସ୍ୱୟମ୍ ଭାଇଙ୍କୁ ବିଶେଷ ଧନ୍ୟବାଦ ଦେବି । ଆଉ ଗୋଟିଏ ବିଶେଷ କଥା ହେଉଛି, ପୂର୍ବରୁ ସ୍ୱୟମ୍ ଭାଇ ଗାଇଥିବା ହିଟ୍ ଗୀତ ଯେମିତି 'ପାଟେଣି ଖାସି', 'ତେଲୁଗୁ ସୁନ୍ଦରୀ', 'ଖଜୁରି ତାଡ଼ି', 'ଭୂଗୋଳରେ ଶହେ ରହୁଥିଲା' ସବୁର ଲାଇନ୍ ଏହି ଗୋଟିଏ ଗୀତରେ ଅଛି । ଏହିପରି ଭାବେ ସେ ଏହି ଗୀତରେ କିଛି ନିଆରା କରିବାକୁ ଚେଷ୍ଟା କରିଛନ୍ତି । ଅନ୍ୟପଟେ ଗଣେଶ ପୂଜାରୁ ପାର୍ବଣ ଋତୁ ଆରମ୍ଭ ହୋଇଯାଏ । ଗୀତଟିକୁ ମେଲୋଡ଼ିବାଲା ଉଠେଇ ସାରି ଥିବାବେଳେ ଡିଜେ ବାଲା ବି ଏହାର ଭର୍ସନ ବାହାର କରିଛନ୍ତି । ସବୁବେଳେ ପୂଜା ତଥା ଭସାଣିରେ ଡ୍ୟାନ୍ସ ଗୀତ ଲୋକେ ଆଶା କରନ୍ତି । ଭାବୁଛି ସେହି ଆଶା ପୂରଣ କରିଛୁ ।

**ଏବେ ବି ଝିଲି ନାଁରେ ପରିଚିତ? କେମିତି ଲାଗେ?**

- ଓଡ଼ିଶା ମୋତେ ଗୋଟେ ଦ୍ୱିତୀୟ ନାଁ ଦେଇ ଦେଇଛି 'ଝିଲି' । ଘରେ ଘରେ ନିକିତା ନାଁରେ ନ ଜାଣିଲେ ବି କିଛି ବି ଖରାପ ଲାଗେନି । ଏଇଟା ମୋ ପାଇଁ ଦର୍ଶକଙ୍କ ଆଶୀର୍ବାଦ । ମୁଁ ଯେଉଁ ଚରିତ୍ର ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଥିଲି, ସେଇଟା ଲୋକଙ୍କ ମନରେ ଅଛି ଏବଂ ଜୀବନଯାକ ରହିବ ।

**ସିରିଏଲ୍, ସିନେମା, ମ୍ୟୁଜିକ ଭିଡିଓ ମଧ୍ୟରୁ ପ୍ରଥମ ପ୍ରାଥମିକତା କାହାକୁ ଦେବେ ?**

- ପ୍ରଥମତଃ ସିନେମାକୁ ଯିବ । ବର୍ତ୍ତମାନ ସମୟରେ ମ୍ୟୁଜିକାଲ ଭିଡିଓ ଭଲ । ଆଜି ଏମିତି ବି ଓଡ଼ିଶାରେ ବହୁତ ନିର୍ମାତା ଅଛନ୍ତି, ଯେଉଁମାନେ କହନ୍ତି, ମ୍ୟୁଜିକ ଭିଡିଓ କଲେ ବଡ଼ ପରଦାରେ କାମ ମିଳିବ ନାହିଁ । ଏହା ସବୁଠୁ ବଡ଼ ଭୁଲ ଧାରଣା । ଲୋକେ ଯେଉଁ ମାଧ୍ୟମରେ ଗ୍ରହଣ କରୁଛନ୍ତି, ଜଣେ ଯେଉଁଥିରେ ଭଲ ପ୍ରଦର୍ଶନ କରୁଛି ଭଲ କାମ କରି, ସେଥିରେ ତାହାକୁ ପ୍ରାଥମିକତା ଦେବା ଜରୁରି ।

**ସାମାଜିକ ଗଣମାଧ୍ୟମରେ କେତେ ସକ୍ରିୟ?**

- ମୁଁ ବହୁତ ଆକ୍ଟିଭ୍ । ହ୍ୱାଟ୍ସଆପ୍ ପରେ ମୁଁ ସବୁଠୁ ଅଧିକ ଇନ୍‌ଷ୍ଟାଗ୍ରାମ ହିଁ ବ୍ୟବହାର କରେ । ୟୁଟ୍ୟୁବ୍‌ରେ ବି ନିକିତା ମିଶ୍ର ଲାଇଫ୍ ଷ୍ଟାଇଲ୍ ନାଁରେ ମୋର ପେଜ୍ ଅଛି । ୩୦ ହଜାର ସବସ୍କ୍ରାଇବର ଅଛନ୍ତି । ବର୍ଷକୁ ଗୋଟିଏ ଭିଡିଓ ପୋଷ୍ଟ କରେ । କିଛି ନିର୍ମାତା କହିଥିଲେ ଯଦି ସବୁଦିନ କ'ଣ ଖାଉଛୁ, କୁଆଡ଼େ ଯାଉଛୁ, କୋଉଠି ବୁଲୁଚୁ, କାହା ସାଙ୍ଗରେ ବୁଲୁଚୁ, ବସୁଚୁ ଉଠୁଚୁ ଛାଡ଼ିବୁ କେବେ ବି ଲୋକଙ୍କ ନଜରରେ ସ୍ୱତନ୍ତ୍ର ହୋଇପାରିବୁ ନାହିଁ । ୟୁଟ୍ୟୁବ୍‌ରେ ବ୍ୟକ୍ତିଗତ ଓ ବୃତ୍ତିଗତ ସବୁ ଜାଣିଲେ, କିଏ କାହିଁ କାମକୁ ଗୁରୁତ୍ୱ ଦେବ । ଏକଥା ଶୁଣି ଅବଶ୍ୟ ବ୍ଲଗ୍ ବନ୍ଦ କରିଥିଲି, କିନ୍ତୁ ମଝିରେ ମଝିରେ ସର୍ଟସ କରେ । ମୁଁ ଭାବେ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ନିଜ ପ୍ରୋଜେକ୍ଟ ଓ ନିଜର ଭାବନାକୁ ଦର୍ଶକଙ୍କ ପାଖରେ ପହଞ୍ଚାଇ ପାରୁଛି ।

**ଆଗାମୀ ଯୋଜନା କ'ଣ?**

- 'ଗେଣ୍ଡୁଫୁଲ' ପରେ ବହୁତ ଟ୍ରେଣ୍ଡରେ ଚାଲିଛି ମୋର 'ଠୁମ୍‌କା ।' ସେହିପରି ନିକଟରେ 'ପ୍ରକାଶ ମ୍ୟୁଜିକ୍'ର 'ଅଣ୍ଟାବିଛା' ଆସିଛି । ଏହା ମଧ୍ୟ ଏକ ପେପି ନମ୍ବର ଗୀତଟି । ଏହାରି ଭିତରେ ରୋମାଣ୍ଟିକ୍ ଗୀତ 'ବର୍ଷାଭିଜା 'ଓଢ଼ଣୀ'କୁ ଲୋକଙ୍କ ଭଲ ପାଇବା ମିଳିଛି । ଏଥିରେ ମଧ୍ୟ ନବାଗତ ହିରୋଙ୍କ ସହିତ କାମ କରିଛି । ଗଣେଶ ପୂଜା ପରଠୁ ମାଇକ୍ରୋଡ୍ରାମା ସୁଟିଂ ଆରମ୍ଭ ହେବ । ଆଗକୁ ରାଜ୍ ରାଜେଶଙ୍କ ସହ ସିନେମା ଆସୁଛି । ରିଲିଜ ତାରିଖ ଖୁବ୍‌ଶୀଘ୍ର ସାମ୍ନାକୁ ଆସିବ ।

**ପ୍ରଶଂସକଙ୍କୁ କ'ଣ କହିବେ?**

- ପ୍ରଶଂସକମାନେ ମୋର ପରିବାର । ସେମାନଙ୍କ ପାଇଁ ଆଜି ମୁଁ । ଯଦି ସେମାନେ ଦେଖିବେନି, ଭଲପାଇବା ଦେବେନି, ପ୍ରଶଂସା କରିବେନି, ତେବେ ପ୍ରୋତ୍ସାହନ ମିଳିବ ନାହିଁ । ସିରିଏଲ୍ ସରିବାର ତିନି ବର୍ଷ ପରେ ବି ଏବେ ବି ପ୍ରଶଂସକଙ୍କ ସେହି ଭଲପାଇବା ମୋ ପ୍ରତି ରହିଛି । ତେଣୁ ମୁଁ ଭାଗ୍ୟବାନ । କାରଣ ସମସ୍ତେ କହନ୍ତି, ଯେତିକି ଦିନ ସିରିଏଲ୍ ଚାଲେ, ଲୋକେ ମନେ ରଖନ୍ତି, ତା'ପରେ ଭୁଲିଯାନ୍ତି । ହେଲେ ଲୋକେ ମନେ ରଖିଥିବାରୁ ପଛକୁ ପଛ ୪ଟା ମ୍ୟୁଜିକ ଭିଡିଓ କରିସାରିଲିଣି । ଛୁଆବେଳୁ ଯେମିତି ଭଲପାଇବା ଓଡ଼ିଶାବାସୀ ଦେଇ ଆସୁଛନ୍ତି, ଆଗକୁ ମଧ୍ୟ ସେମିତି ଭଲପାଇବା ରହିବ, ଏତିକି ଆଶା ରଖିବି ।

# ମୁମ୍ବାଇରେ 'ଦାହାନ'ର ପ୍ରିମିୟର

ନିକଟରେ ପ୍ରେକ୍ଷାଳୟକୁ ଆସିଛି 'ଦାହାନ' । ତେବେ ପ୍ରଥମଥର ପାଇଁ ମୁମ୍ବାଇରେ ଏକ ଓଡ଼ିଆ ଚଳଚ୍ଚିତ୍ର 'ଦାହାନ: 'ଦି ଇଭିଲ୍ ୱିଦିନ୍'ର ପ୍ରିମିୟର ହୋଇଛି । ଓଡ଼ିଶାରୁ ମୁମ୍ବାଇ, ଓଲିଉଡ୍ ଏବେ ପହଞ୍ଚିଛି ଭାରତୀୟ ସିନେମାର ହୃଦୟରେ । ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଅମୀୟ ପଟ୍ଟନାୟକ ପ୍ରଡକ୍ସନ ଏହି ପ୍ରୟାସ ଓଡ଼ିଆ ସିନେମାକୁ ଦେଉଛି ନୂଆ ପରିଚୟ। ଏହା କେବଳ ପ୍ରିମିୟର ନୁହେଁ, ଓଲିଉଡ୍‌ର ନୂଆ ଯାତ୍ରାର ଏକ ନୂଆ ଅଧ୍ୟାୟ। ଭିନ୍ନ ଭିନ୍ନ ପରିକଳ୍ପନାରେ ଗୋଟିଏ ପରେ ଗୋଟିଏ ଫିଲ୍ମ ସମ୍ପୂର୍ଣ୍ଣ ଭେଟି ଦେଉଛନ୍ତି ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ଟିଜର୍ ଏବଂ ଟ୍ରେଲରକୁ ଦର୍ଶକଙ୍କଠୁ ମିଳିଛି ଅହେତୁକ ଭଲପାଇବା ।



● ଦୃଷ୍ଟିବାଧିତ ଏସିଆ କପ୍ କ୍ରିକେଟ୍

# ସମ୍ଭାବ୍ୟ ଭାରତୀୟ ଦଳରେ ୩ ଓଡ଼ିଆ





ଭୁବନେଶ୍ୱର, ୧୨।୯ (ସମିସ): ଦୃଷ୍ଟିବାଧିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ନଭେମ୍ବର ୧୩ ତାରିଖରୁ ଢାକାରେ ଆରମ୍ଭ ହେବ। ଏଥିଲାଗି ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ୍ ସଂଘ (କାଭି) ପକ୍ଷରୁ ୨୪ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଓଡ଼ିଶାର ୩ଜଣ ଖେଳାଳିଙ୍କୁ ସମ୍ଭାବ୍ୟ ଦଳରେ ନିଆଯାଇଛି। ସେମାନେ ହେଲେ ସୁଖରାମ ମାଝୀ, ନକୁଳ ବଡ଼ନାୟକ ଓ ଦେବରାଜ ବେହେରା। ଏହି ୨୪ ଜଣିଆ ଖେଳାଳିଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହାପରେ ୧୭ ଜଣିଆ ଚୂଡ଼ାନ୍ତ ଭାରତୀୟ ଦୃଷ୍ଟିହୀନ ଦଳ ଘୋଷଣା କରାଯିବ ବୋଲି କାଭି ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଦୃଷ୍ଟିବାଧିତ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିପୂର୍ବରୁ ୨୦୧୬ରେ କେରଳର କୋଚିରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା।

# ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିବା ପରେ ଆତ୍ମହତ୍ୟା କରିବାକୁ କହିଲେ ଦିବ୍ୟାଂଶୀ

ଜୟପୁର, ୧୨।୯ (ଏଜେନ୍ସି): ଏସୀୟ କ୍ରୀଡ଼ାରେ ଭାରତକୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ଭାଙ୍ଗିଯିବା ପରେ, ଭାରତୀୟ ଉଶୁ ଖେଳାଳି ଦିବ୍ୟାଂଶୀ ଚୌଧୁରୀ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି। ଏକ ଅତ୍ୟନ୍ତ ଭାବପ୍ରବଣ ଭିଡିଓ ସେୟାର କରି ଦିବ୍ୟାଂଶୀ ତାଙ୍କର ଯନ୍ତ୍ରଣା ପ୍ରକାଶ କରିଛନ୍ତି। ରାଜସ୍ଥାନର କୋଟାର ବାସିନ୍ଦା ଦିବ୍ୟାଂଶୀ କହିଛନ୍ତି ଯେ ଏସୀୟ କ୍ରୀଡ଼ା ପାଇଁ ବହୁତ ଦିନ ଧରି କଠିନ ପରିଶ୍ରମ କରିଥିଲି। ଏତେ ବଡ଼ ମଞ୍ଚରେ ଦେଶ ପାଇଁ ଖେଳିବାର ସ୍ୱପ୍ନ ଦେଖିଥିଲି। କିନ୍ତୁ ଏସୀୟ କ୍ରୀଡ଼ା ଦଳରୁ ବାଦ ଦିଆଯିବା ଖବର ମୋତେ ଗଭୀର ଭାବରେ ଆଘାତ ଦେଇଛି। ମାଆ ଓ ବାପା, ଦୟାକରି ମୋତେ କ୍ଷମା କରନ୍ତୁ... ମୁଁ ମରିବା ବିଷୟରେ କହୁଛି' ବୋଲି ଦିବ୍ୟାଂଶୀ କୋହଭରା କଣ୍ଠରେ କହୁଛନ୍ତି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୯ ତାରିଖରୁ ଏସୀୟ କ୍ରୀଡ଼ା ଜାପାନରେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ପାଇଁ ଭାରତୀୟ ଉଶୁ ଦଳ ଜୁନ ୨୩ରେ ଘୋଷଣା କରାଯାଇଥିଲା। ଗତକାଲି ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଦିବ୍ୟାଂଶୀଙ୍କୁ ବାଦ ଦିଆଯାଇଥିଲା। ତାଙ୍କ ସ୍ଥାନରେ ରୋଶିବିନା ଦେବୀଙ୍କୁ ଦଳରେ ସାମିଲ କରାଯାଇଥିଲା। ଦିବ୍ୟାଂଶୀ ଅଯୋଗ୍ୟ ଥିଲେ ବୋଲି ଭାରତୀୟ ଉଶୁ ସଂଘ ପକ୍ଷରୁ କୁହାଯାଇଛି।



## ଏସିଆନ୍ ଗେମ୍ସ ପୂର୍ବରୁ ଚୂଡାନ୍ତ ପ୍ରସ୍ତୁତି ଲକ୍ଷ୍ୟରେ ଭାରତ

# ଭାରତ-ଆଫଗାନିସ୍ତାନ ଟି-୨୦ ସିରିଜ ଆଜିଠୁ




ନୂଆଦିଲ୍ଲୀ,୧୨।୯ (ଏଜେନ୍ସି)

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ରବିବାରଠାରୁ ଆରମ୍ଭ ହେବ। ସିରିଜର ସମସ୍ତ ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ଏହି ସିରିଜ ଆଫଗାନିସ୍ତାନ ପାଇଁ ବେଶ୍ ଐତିହାସିକ ହେବ। କାରଣ, ପ୍ରଥମଥର ପାଇଁ ଆଫଗାନିସ୍ତାନ ଭାରତୀୟ ମାଟିରେ ଭାରତ ବିପକ୍ଷରେ ନିଜର ଘରୋଇ ସିରିଜ ଖେଳିବାକୁ ଯାଉଛି। ଆଫଗାନିସ୍ତାନ ଗତ କିଛି ବର୍ଷ ଧରି ଭାରତର ଲକ୍ଷ୍ନୌ, ଡେରାଡୁନ୍ ଓ ଗ୍ରେଟର ନୋଏଡା ଭଳି ସହରକୁ ନିଜର ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ଘରୋଇ ଭେନ୍ୟୁ ଭାବରେ ବ୍ୟବହାର କରିଆସିଛି। କିନ୍ତୁ ଭାରତ ବିପକ୍ଷରେ ଭାରତୀୟ ମାଟିରେ ଏଭଳି ଶୃଙ୍ଖଳା ଏହା ପ୍ରଥମ। ସେପ୍ଟେମ୍ବର ୨୪ରୁ ଜାପାନରେ ଏସିଆନ୍ ଗେମ୍ସ ଆରମ୍ଭ ହେବ। ତା'ପୂର୍ବରୁ ଭାରତୀୟ ଦଳ ପାଇଁ ଏହି ଟି-୨୦ ଶୃଙ୍ଖଳା ଦଳୀୟ ସମନ୍ୱୟ ଓ ଖେଳାଳି ଚୟନ ପରୀକ୍ଷାର ଶେଷ ସୁଯୋଗ ହୋଇପାରେ। ବର୍ତ୍ତମାନ ଭାରତ ଟି-୨୦ ବିଶ୍ୱକପ୍ର ଚାମ୍ପିଅନ୍ ହୋଇଥିଲେ ମଧ୍ୟ ଗତ କିଛି ଦିନ ମଧ୍ୟରେ ଦଳର ପ୍ରଦର୍ଶନ ଆଶାନୁରୂପ ରହିନାହିଁ। ଜୁନ୍ ଶେଷରେ ବେଲ୍ଫାଷ୍ଟରେ ଆୟର୍ଲାଣ୍ଡ ବିପକ୍ଷରେ ଲଗାତାର ଦୁଇଟି ଟି-୨୦ ପରାଜୟରୁ ଦଳର ଖରାପ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏହାପରେ ଇଂଲଣ୍ଡ ନିକଟରୁ ଭାରତ ଟି-୨୦ ସିରିଜରେ ୪-୦ରେ ପରାସ୍ତ କରିଥିଲା। ଅବଶ୍ୟ ପରେ ଜିମ୍ବାୱେ ଗସ୍ତରେ ଭାରତୀୟ ଦଳ କିଛିଟା ଆତ୍ମବିଶ୍ୱାସ ଫେରାଇଥିଲା। ଚଳିତ ବର୍ଷର ଆରମ୍ଭରେ ଆଫଗାନିସ୍ତାନ ଭାରତ ଗସ୍ତରେ ଆସିଥିଲା। ଏକମାତ୍ର ଟେଷ୍ଟରେ ଭାରତ ଇନିଂସ୍ ଓ ୩୦୦ ରନ୍ରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା। ଏହାପରେ ଦିନିକିଆ ଶୃଙ୍ଖଳାରେ ମଧ୍ୟ ଭାରତ ୩-୦ରେ ସିରିଜ୍ ଜିତିଥିଲା। ଏବେ ଟି-୨୦ରେ ମଧ୍ୟ ଭାରତ ଏହି ବିଜୟଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି।

ତିନି ମ୍ୟାଚ୍ର ଏହି ଶୃଙ୍ଖଳାରେ ଉଭୟ ଦଳର ଅନେକ ତାରକା ଖେଳାଳିଙ୍କ ଉପରେ ନଜର ରହିବ। ଭାରତ ପକ୍ଷରୁ ବୁମରା, ଅର୍ଶଦୀପ, ଅକ୍ଷର ଓ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂ ସହ ଶ୍ରେୟସ ଆୟର, ଅଭିଷେକ ଶର୍ମା ଓ ତିଳକ ବର୍ମାଙ୍କ ବ୍ୟାଟିଂ ଉପରେ ଦୃଷ୍ଟି ରହିବ। ଆଫଗାନିସ୍ତାନ ପାଇଁ ରାଶିଦ ଖାନ୍ ଓ ନବୀଙ୍କ ସ୍ପିନ୍ ସହ ଗୁରବାଜ୍ ଓ ଇବ୍ରାହିମ ଜାଦରାନଙ୍କ ବ୍ୟାଟିଂ ଗୁରୁତ୍ୱପୂର୍ଣ୍ଣ ହେବ।

**ଭାରତୀୟ ଦଳ** : ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ୍, ଈଶାନ କିଶନ (ଉଭୟ ୱିକେଟ୍କିପର), ତିଳକ ବର୍ମା (ଉପଅଧିନାୟକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ ଓ ଯଶ ଠାକୁର।

**ଆଫଗାନିସ୍ତାନ ଦଳ** : ଇବ୍ରାହିମ ଜର୍ଦାନ୍ (ଅଧିନାୟକ), ରହମାନୁଲ୍ଲା ଗୁରବାଜ୍, ନୁର ରହମାନ୍ (ୱିକେଟ୍କିପର), ସେଦିକୁଲ୍ଲା ଅଟଲ, ଡାରୱିଶ ରସୁଲି, ଅଜମତୁଲ୍ଲା ଓମରଜାଇ, ଗୁଲାବଦିନ୍ ନାଇବ୍, ମହମ୍ମଦ ନବୀ, ରଶିଦ ଖାନ୍, ନଙ୍ଗ୍ୟାଲ୍ ଖାରୋଟି, ନୁର ଅହମଦ, ମୁଜିବ ଉର୍ ରହମାନ୍, ଫଜଲହକ୍ ଫାରୁକି, ଅବଦୁଲ୍ଲା ଅହମଦଜାଇ ଓ ନବୀନ୍-ଉଲ୍-ହକ୍।

**ସିଧାପ୍ରସାରଣ: ସୋନି ସ୍ପୋର୍ଟ୍ସ, ଜିଓ ଟିଭି**
**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦**

## ୨୦୨୬ରେ ଭାରତୀୟ କ୍ରିକେଟ ଦଳର ଖେଳସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| **ବନାମ ଆଫଗାନିସ୍ତାନ (ଦେଶରେ)** | | |
| ସେପ୍ଟେମ୍ବର୧୩ | ପ୍ରଥମ ଟି-୨୦ | ନୂଆଦିଲ୍ଲୀ |
| ସେପ୍ଟେମ୍ବର୧୫ | ଦ୍ୱିତୀୟ ଟି-୨୦ | ନୂଆଦିଲ୍ଲୀ |
| ସେପ୍ଟେମ୍ବର୧୭ | ତୃତୀୟ ଟି-୨୦ | ନୂଆଦିଲ୍ଲୀ |
| **ବନାମ ଜାପାନ (ବିଦେଶରେ)** | | |
| ସେପ୍ଟେମ୍ବର ୨୨ | ଏକମାତ୍ର ଟି-୨୦ | ନାନୋ |
| **ଏସିଆନ୍ ଗେମ୍ସ (ବିଦେଶରେ)** | | |
| ସେପ୍ଟେମ୍ବର ୨୮ | କ୍ୱାର୍ଟରଫାଇନାଲ | ନିଶିନ |
| ଅକ୍ଟୋବର ୦୧ | ସେମିଫାଇନାଲ | ନିଶିନ |
| ଅକ୍ଟୋବର ୦୩ | ଫାଇନାଲ | ନିଶିନ |
| **ବନାମ ୱେଷ୍ଟଇଣ୍ଡିଜ୍ (ଦେଶରେ)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ସେପ୍ଟେମ୍ବର ୨୭ | ପ୍ରଥମ ଦିନିକିଆ | ତ୍ରିଭାନ୍ଦ୍ରମ୍ |
| ସେପ୍ଟେମ୍ବର ୩୦ | ଦ୍ୱିତୀୟ ଦିନିକିଆ | ଗୁଆହାଟୀ |
| ଅକ୍ଟୋବର ୩ | ତୃତୀୟ ଦିନିକିଆ | ମୁଲାନପୁର |
| **ଟି-୨୦** | | |
| ଅକ୍ଟୋବର ୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |
| **ବନାମ ନ୍ୟୁଜିଲାଣ୍ଡ (ବିଦେଶରେ)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ଅକ୍ଟୋବର ୨୨ | ପ୍ରଥମ ଟି-୨୦ | ଖ୍ରୀଷ୍ଟଚର୍ଚ୍ଚ |
| ଅକ୍ଟୋବର ୨୪ | ଦ୍ୱିତୀୟ ଟି-୨୦ | ଖ୍ରୀଷ୍ଟଚର୍ଚ୍ଚ |
| ଅକ୍ଟୋବର ୨୭ | ତୃତୀୟ ଟି-୨୦ | ୱେଲିଂଟନ |
| ଅକ୍ଟୋବର ୩୦ | ଚତୁର୍ଥ ଟି-୨୦ | ଅକ୍ଲାଣ୍ଡ |
| ନଭେମ୍ବର ୦୧ | ପଞ୍ଚମ ଟି-୨୦ | ହାମିଲଟନ |
| **ଦିନିକିଆ** | | |
| ନଭେମ୍ବର ୦୪ | ପ୍ରଥମ ଦିନିକିଆ | ଅକ୍ଲାଣ୍ଡ |
| ନଭେମ୍ବର ୦୭ | ଦ୍ୱିତୀୟ ଦିନିକିଆ | ୱେଲିଂଟନ |
| ନଭେମ୍ବର ୧୦ | ତୃତୀୟ ଦିନିକିଆ | ହାମିଲଟନ |
| ନଭେମ୍ବର ୧୩ | ଚତୁର୍ଥ ଦିନିକିଆ | ବେ' ଓଭାଲ |
| ନଭେମ୍ବର ୧୫ | ପଞ୍ଚମ ଦିନିକିଆ | ବେ' ଓଭାଲ |
| **ଟେଷ୍ଟ** | | |
| ୧୯ରୁ୨୩।୧୧ | ପ୍ରଥମ ଟେଷ୍ଟ | ୱେଲିଂଟନ |
| ୨୭ରୁ୦୧।୧୨ | ଦ୍ୱିତୀୟ ଟେଷ୍ଟ | ଖ୍ରୀଷ୍ଟଚର୍ଚ୍ଚ |
| **ବନାମ ଶ୍ରୀଲଙ୍କା (ଦେଶରେ)** | | |
| ତାରିଖ | ଫର୍ମାଟ | ଭେନ୍ୟୁ |
| ଡିସେମ୍ବର ୧୩ | ପ୍ରଥମ ଦିନିକିଆ | ନୂଆଦିଲ୍ଲୀ |
| ଡିସେମ୍ବର ୧୬ | ଦ୍ୱିତୀୟ ଦିନିକିଆ | ବେଙ୍ଗାଲୁରୁ |
| ଡିସେମ୍ବର ୧୯ | ତୃତୀୟ ଦିନିକିଆ | ଅହମ୍ମଦାବାଦ |
| **ଟି-୨୦** | | |
| ଡିସେମ୍ବର ୨୨ | ପ୍ରଥମ ଟି-୨୦ | ରାଜକୋଟ |
| ଡିସେମ୍ବର ୨୪ | ଦ୍ୱିତୀୟ ଦିନିକିଆ | କଟକ |
| ଡିସେମ୍ବର ୨୭ | ତୃତୀୟ ଦିନିକିଆ | ପୁଣେ |
| **୨୦୨୭: ଜିମ୍ବାୱେ ଓ ଅଷ୍ଟ୍ରେଲିଆ (ଦେଶରେ)** | | |

(ଜାନୁଆରୀ ୩, ୬ ଓ ୯ରେ ଜିମ୍ବାୱେ ସହ ୩ ଦିନିକିଆ ଓ ଅଷ୍ଟ୍ରେଲିଆ ସହ ଜାନୁଆରୀ ମାର୍ଚ୍ଚ ୩ ମଧ୍ୟରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ।)

ୟୁଏସ୍ ଓପନ୍

# ପ୍ରଥମଥର ଫାଇନାଲରେ ସେଲଟନ୍

ନ୍ୟୁୟର୍କ, ୧୨।୯ (ଏଜେନ୍ସି): ଘରୋଇ ଆମେରିକା ତାରକା ବେନ୍ ସେଲଟନ୍ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ର ଫାଇନାଲରେ ପ୍ରବେଶ କରିଛନ୍ତି। ଆର୍ଥର ଆସ୍ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଅଲ୍-ଆମେରିକାନ ସେମିଫାଇନାଲ ମ୍ୟାଚରେ ଅଷ୍ଟମ ସିଡ୍ ସେଲଟନ୍ ଓ ୧୧ତମ ସିଡ୍ ଫ୍ରାନ୍ସିସ ଡିଆଫୋଏ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ୩ ଘଣ୍ଟା ୧୭ ମିନିଟ୍ ଲଢ଼େଇ କରି ଶେଷରେ ସେଲଟନ୍ ୪-୬, ୬-୩, ୬-୩, ୭-୫ ସେଟରେ ବିଜୟୀ ହୋଇଥିଲେ। ଫଳରେ ୨୩ ବର୍ଷୀୟ ସେଲଟନ୍ ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି କୌଣସି ଏକ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଛନ୍ତି। ରବିବାର ଫାଇନାଲରେ ସେଲଟନଙ୍କ ମୁକାବିଲା ଟପ୍ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଜର୍ମାନୀ ତାରକା ଜ୍ୱେରେଭ ୬-୩, ୭-୬ (୯/୭), ୭-୬ (୮/୬) ସେଟ୍ରେ ରୁଷିଆର କାରେନ ଖାଚାନୋଭଙ୍କୁ ହରାଇଥିଲେ। ୨୯ ବର୍ଷୀୟ ଜ୍ୱେରେଭଙ୍କ କ୍ୟାରିୟରର ଚତୁର୍ଥ ଓ ଚଳିତ ସିଜନରେ ତୃତୀୟଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିପୂର୍ବରୁ ସେ ଚଳିତ ବର୍ଷ ଫ୍ରେଞ୍ଚ ଓପନରେ ଚାମ୍ପିଅନ ଓ ୱିମ୍ବଲଡନରେ ରନର୍ସଅପ୍ ହୋଇଥିଲେ।

### ସିନିଆକୋଭା-ଟାଉନସେଣ୍ଡ ଯୋଡ଼ିଙ୍କ କ୍ୟାରିୟର ଗ୍ରାଣ୍ଡସ୍ଲାମ

ୟୁଏସ୍ ଓପନ୍ ମହିଳା ଡବଲ୍ସରେ ଟପ୍ ସିଡ୍ କାଟେରିନା ସିନିଆକୋଭା ଓ ଟେଲର ଟାଉନସେଣ୍ଡ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସିନିଆକୋଭା-ଟାଉନସେଣ୍ଡ ଯୋଡ଼ି ୫-୭, ୬-୦, ୬-୨ ସେଟରେ ଆମେରିକୀୟ ଯୋଡ଼ି ଆଶଲିନ କର୍ଗର ଓ ରବିନ ମୋଣ୍ଟଗୋମ୍ରି ଯୋଡ଼ିଙ୍କୁ ହରାଇଥିଲେ। ଏଥିସହ କାଟେରିନା-ଟେଲର ଯୋଡ଼ି କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିଛନ୍ତି। ଏହି ଯୋଡ଼ି ପୂର୍ବରୁ ୨୦୨୪ରେ ୱିମ୍ବଲଡନ, ୨୦୨୫ରେ ଅଷ୍ଟ୍ରେଲିଆନ ଓ ଫ୍ରେଞ୍ଚ ଓପନ୍ର ମହିଳା ଡବଲ୍ସରେ ଚାମ୍ପିଅନ ହୋଇଥିଲେ।



● ପାକିସ୍ତାନର ହ୍ୟାଟ୍ରିକ ପରାଜୟ

# ଟେଷ୍ଟ ସିରିଜକୁ କ୍ଲିନ୍ସୁଇପ୍ କଲା ଇଂଲଣ୍ଡ

ବର୍ମିଂହାମ, ୧୨।୯ (ଏଜେନ୍ସି): ଅଧିନାୟକ ଜୋ ରୁଟ୍ ଓ ଜୋର୍ଡାନ କକ୍ସଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ପାକିସ୍ତାନ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟରେ ଇଂଲଣ୍ଡ ୮ ୱିକେଟରେ ବିଜୟୀ ହୋଇଛି। ୧୩୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଇଂଲଣ୍ଡ ଶନିବାର ଚତୁର୍ଥ ଦିବସରେ ୨୪.୨ ଓଭର ଖେଳି ଦୁଇଟି ୱିକେଟ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଥମ ଓଭରରେ ଇଂଲଣ୍ଡର ଦୁଇ ଓପନର୍ ଇମିଲିଓ ଗେ ଓ ବେନ୍ ଡକେଟଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ୍ କରି ମହମ୍ମଦ ଆବାସ ପାକିସ୍ତାନକୁ ଭଲ ଆରମ୍ଭ ଦେଇଥିଲେ। ତେବେ ଅଭିଜ୍ଞ ରୁଟ୍ ଓ ଜୋର୍ଡାନ ଯୋଡ଼ି ଆଉ କୌଣସି କ୍ଷତି ହେବାକୁ ନ ଦେଇ ଇଂଲଣ୍ଡକୁ ୮ ୱିକେଟରେ ଜିତାଇଥିଲେ। ରୁଟ୍ ୬୨ ଓ ଜୋର୍ଡାନ ୫୯ ରନରେ ଅପରାଜିତ ରହିଥିଲେ। ପୂର୍ବରୁ ଏହି ମ୍ୟାଚର ପ୍ରଥମ ପାଳିରେ ପାକିସ୍ତାନର ୧୩୩ ରନ ଜବାବରେ ଇଂଲଣ୍ଡ ୪୫୩ ରନ କରିଥିଲା। ୩୨୦ ରନ ପଛରେ ଥାଇ ପାକିସ୍ତାନ ଦ୍ୱିତୀୟ ପାଳିରେ ୪୪୯ ରନରେ ସୀମିତ ରହିଥିଲା। ପୂର୍ବରୁ ପ୍ରଥମ ଦୁଇଟି ଟେଷ୍ଟକୁ ଇଂଲଣ୍ଡ ଯଥାକ୍ରମେ ଇନିଂସ ଓ ୧୦୩ ରନ ଏବଂ ୧୯୪ ରନରେ ଜିତିଥିଲା। ଏବେ ତୃତୀୟ ଟେଷ୍ଟକୁ ଜିତି ଇଂଲଣ୍ଡ ୩-୦ରେ ଟେଷ୍ଟ ସିରିଜକୁ କ୍ଲିନ୍ସୁଇପ୍ କରିନେଇଛି। ୩-୦ରେ ବିଜୟ ସତ୍ତ୍ୱେ ଇଂଲଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟ ଟେବୁଲରେ ମାତ୍ର ଗୋଟିଏ ସ୍ଥାନ ଉପରକୁ ଉଠି ୬ଷ୍ଠରେ ରହିଛି।

■ ଏସିଆ କପ୍ ଜୁନିଅର ମହିଳା ହକି

# ଫାଇନାଲରେ ଭାରତ; ଆଜି ଚାଇନା ସହ ଟାଇଟଲ୍ ଲଢ଼େଇ

ମୋକି, ୧୨।୯ (ଏଜେନ୍ସି): ପୁରୁଷଙ୍କ ଭଳି ଭାରତୀୟ ମହିଳା ହକି ଦଳ ମଧ୍ୟ ଚାଇନାରେ ଚାଲିଥିବା ଏସିଆ କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଶନିବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ୫-୧ ଗୋଲ୍ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଭାରତୀୟ ଦଳ ପକ୍ଷରୁ ସୁପ୍ରିୟା ହ୍ୟାଟ୍ରିକ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ସୁଖବୀର ଓ ସିଦାରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ରବିବାର ଭାରତ ଓ ଚାଇନା ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ଅନ୍ୟ ଏକ ସେମିଫାଇନାଲରେ ଆୟୋଜକ ଚାଇନା ୬-୦ ଗୋଲରେ ଜାପାନକୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଭାରତୀୟ ମହିଳା ହକି ଦଳ ରେକର୍ଡ ଚତୁର୍ଥଥର ଲାଗି ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛି। ଏଥିପୂର୍ବରୁ ଭାରତ ୨୦୨୩ ଓ ୨୦୨୪ରେ କ୍ରମାଗତ ଦୁଇଟି ସଂସ୍କରଣରେ ଚାମ୍ପିଅନ ହୋଇଥିଲା। ସେହିଭଳି ୨୦୧୨ରେ ଦଳ ରନର୍ସଅପ୍ ରହିଥିଲା।




### ପୁରୁଷ ଦଳ ମଧ୍ୟ ଆଜି ଫାଇନାଲ ଖେଳିବ

ଭାରତୀୟ ଜୁନିଅର ପୁରୁଷ ହକି ଦଳ ମଧ୍ୟ ଏସିଆ କପ୍ ହକିର ଫାଇନାଲରେ ପ୍ରବେଶ କରିଛି। ଅନମୋଲ୍ ଏକ୍କାଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଗତକାଲି ସେମିଫାଇନାଲରେ ୩-୧ ଗୋଲରେ ମାଲେସିଆକୁ ହରାଇଥିଲା। ରବିବାର ସ୍ୱର୍ଣ୍ଣ ପଦକ ମୁକାବିଲାରେ ଭାରତ ଓ ଦକ୍ଷିଣ କୋରିଆ ସାମ୍ନାସାମ୍ନି ହେବେ। ଦକ୍ଷିଣ କୋରିଆକୁ ହରାଇ ଭାରତ ରେକର୍ଡ ଷଷ୍ଠଥର ଲାଗି ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି।

# ନିଖିଳ ଓଡ଼ିଶା ସିକ୍ସରେଡ୍ ସ୍ନୁକର ଆଜିଠୁ




ଭୁବନେଶ୍ୱର, ୧୨।୯ (ସମିସ)

ଗୋଲ୍ଡେନ କିଙ୍ଗ ୬-ରେଡ୍ ଓପନ୍ ସ୍ନୁକର ଚାମ୍ପିଅନସିପ୍ର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବ। କଟକ ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଟି-୨୦ ଫର୍ମାଟରେ ଏହି ସ୍ନୁକର ପ୍ରତିଯୋଗିତା ଖେଳାଯିବ। ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଦ୍ୱିତୀୟ ସଂସ୍କରଣରେ ମୋଟ୍ ୪୪ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏଥର ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ହୋଇଥିବା ଖେଳାଳିଙ୍କୁ ୧୨ ହଜାର ଏବଂ ସେମିଫାଇନାଲରେ ପରାଜିତ ଦୁଇ ଖେଳାଳିଙ୍କୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। ସେହିଭଳି କ୍ୱାର୍ଟର ଫାଇନାଲରେ ହାରିଥିବା ଖେଳାଳିଙ୍କୁ ୨୫୦୦ ଟଙ୍କା, ସର୍ବାଧିକ ବ୍ରେକ୍ କରିଥିବା ଖେଳାଳିଙ୍କୁ ୫ ହଜାର ଟଙ୍କା ଦିଆଯିବ ବୋଲି ଶନିବାର ସମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ସଂଘର ସମ୍ପାଦକ ସମୀର ଅଲି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗୋଲ୍ଡେନ କିଙ୍ଗ ସ୍ନୁକର ସେଣ୍ଟର ମାଲିକ ଜ୍ଞାନରଞ୍ଜନ ବେହେରା, ଜାତୀୟ ଜୁନିଅର ଚାମ୍ପିଅନ ଆଶୁତୋଷ ପାଢ଼ୀ, ଫତେ ସିଂହ, ପୂର୍ବତନ ରାଜ୍ୟ ଚାମ୍ପିଅନ ଆକାଶ ମହାପାତ୍ର, ଆୟୋଜକ କମିଟିର ସଦସ୍ୟ ଅଞ୍ଜୁ କୁମାର ପଣ୍ଡା, ବରୁଣ ପୂର୍ବା ପ୍ରମୁଖ ଉପସ୍ଥିତ ରହିଥିଲେ। ଗତବର୍ଷ ଅନୁଷ୍ଠିତ ପ୍ରଥମ ସିଜନରେ ଆଶୁତୋଷ ପାଢ଼ୀ ଚାମ୍ପିଅନ ହୋଇଥିଲେ।

# ସନ୍ତରଣ ଚାମ୍ପିଅନ ଆଦ୍ୱିକାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୨।୯ (ସମିସ): ନିକଟରେ ବ୍ୟାଙ୍କକରେ ଶେଷ ହୋଇଥିବା ଏସିଆନ ସ୍କୁଲ ଆମନ୍ତ୍ରଣୀୟ ଚାମ୍ପିଅନସିପ୍ରେ ଅଂଶଗ୍ରହଣ କରି ଓଡ଼ିଶାର କୁନି ସନ୍ତରଣକାରୀ ଆଦ୍ୱିକା ଉତ୍କଳ ଦମ୍ଦାର ପ୍ରଦର୍ଶନ କରିଥିଲେ। ୮ ବର୍ଷୀୟା ଆଦ୍ୱିକା ଏହି ଚାମ୍ପିଅନସିପ୍ରେ ୭ଟି ପଦକ ଜିତିଥିଲେ। ଯେଉଁଥିରେ ୫ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଥିଲା। ଏଥିସହ କଟକର ଏହି କୁନି ପ୍ରତିଭା ୩ଟି ନୂତନ ରେକର୍ଡ ମଧ୍ୟ ସୃଷ୍ଟି କରିଥିଲେ। ସେ ୫୦ ମିଟର୍ ଫ୍ରିଷ୍ଟାଇଲ ଇଭେଣ୍ଟକୁ ୩୩.୧୦ ସେକେଣ୍ଡରେ ଫିନିଶ କରି ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ରେକର୍ଡ ୧୫.୫୭ ସେକେଣ୍ଡରେ ୨୫ ମିଟର୍ ଫ୍ରିଷ୍ଟାଇଲକୁ ଶେଷ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ତୃତୀୟ ରେକର୍ଡଟି ଆଦ୍ୱିକା ୫୦ ମିଟର୍ ବଟରଫ୍ଲାଇ ଇଭେଣ୍ଟରେ କରିଥିଲେ। ଏହି ଅବସରରେ ଦି ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ ପକ୍ଷରୁ ଆଦ୍ୱିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ କ୍ୟାମ୍ପସରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଏନ ଗ୍ରୁପର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାଏକ ଉତ୍ତରୀୟ ଓ ଏକଲକ୍ଷ ଟଙ୍କାର ଚେକ୍ ଆଦ୍ୱିକାଙ୍କୁ ପ୍ରଦାନ କରି କରିଥିଲେ। ଉଲ୍ଲେଖଯୋଗ୍ୟ ଆଦ୍ୱିକା ବର୍ତ୍ତମାନ ଦି ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢ଼ୁଛନ୍ତି।



# ବାରବାଟୀରେ ୧୦୬ ଅମ୍ପାୟାରଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର,୧୨।୯ (ସମିସ): ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ବାରବାଟୀ ଷ୍ଟାଡିୟମ୍ସ୍ଥିତ ସମ୍ମିଳନୀ କକ୍ଷରେ ଶନିବାରଠାରୁ ଦୁଇଦିନିଆ ଅମ୍ପାୟାର ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଛି। ରାଜ୍ୟର ବିଭିନ୍ନ ଜିଲ୍ଲାର ୧୦୬ ଜଣ ଅମ୍ପାୟାର ଏଥିରେ ଯୋଗଦେଇଛନ୍ତି। ଆଇସିସି ଓ ବିସିସିଆଇର ନୂଆ ନିୟମ, ଖେଳ ପରିସ୍ଥିତି ଓ ବିଧିବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ଦିଆଯାଉଛି। ବରିଷ୍ଠ ଅମ୍ପାୟାର ସୁବ୍ରତ ଦାସ, ଅରୁଣ କୁମାର ବାସା ଓ ଧୀରଜ ସିଂହ ଅଧିବେଶନ ପରିଚାଳନା କରୁଛନ୍ତି। ଓସିଏ ସିଇଓ ସୁବ୍ରତ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଉଚ୍ଚମାନର ଅମ୍ପାୟାରିଂ ଉପରେ ଗୁରୁତ୍ୱ ଦେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS